Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 269
Saturday, 06 December 2025
Balasore, Page : 8, ₹ 2/
ବାଲେଶ୍ୱର, ଶନିବାର, ୦୬ ଡିସେମ୍ବର, ୨୦୨୫
ପୃଷ୍ଠା:୮ , ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

୨୦୩୦ ପର୍ଯ୍ୟନ୍ତ ଦ୍ୱିପାକ୍ଷିକ ସମ୍ପର୍କ ଦ୍ୱିଗୁଣିତ ହେବ : ପୁଟିନ୍

ନୂଆଦିଲ୍ଲୀ, ୫/୧୨(ନ୍ୟୁ.ଏ): "ଭାରତ ନିରପେକ୍ଷ ନୁହେଁ, ସର୍ବଦା ଶାନ୍ତି ସପକ୍ଷରେ । ବିଶ୍ୱର କଲ୍ୟାଣ କେବଳ ଶାନ୍ତି ପଥରେ ହିଁ ସମ୍ଭବ । ଏକାଠି ହୋଇ ଆମକୁ ଶାନ୍ତିର ପଥ ଖୋଜିବାକୁ ପଡିବ । ଗତ କିଛି ଦିନ ଧରି ଚାଲିଥିବା ପ୍ରୟାସ ସହିତ, ମୁଁ ନିଶ୍ଚିତ ଯେ ପୁଣି ଥରେ ବିଶ୍ୱକୁ ଶାନ୍ତି ଫେରିବ । ବହୁତ ଫଳାଫଳ ସହିତ ଆଜି ଆମର ଏହି ସମିଟ୍ ଆଗକୁ ବଢୁଛି ।'' ଭାରତ ଗସ୍ତରେ ଆସିଥିବା ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ସହ ହାଇଦ୍ରାବାଦ ହାଉସ୍‌ରେ ଦ୍ୱିପାକ୍ଷିକ ବୈଠକ କରି ଏହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଦୁଇ ରାଷ୍ଟ୍ରମୁଖ୍ୟଙ୍କ ମଧ୍ୟରେ ଅର୍ଥିକ ବୁଝାମଣା, ପ୍ରତିରକ୍ଷା ସହଯୋଗ ସମେତ ରୁଷ-ୟୁକ୍ରେନ୍ ଯୁଦ୍ଧ ଏବଂ ଆମେରିକା ଶାନ୍ତି ପ୍ରସ୍ତାବକୁ ନେଇ ମଧ୍ୟ ଆଲୋଚନା ହୋଇଛି । ସେହିପରି ୟୁକ୍ରେନରେ ଶାନ୍ତି ପ୍ରୟାସ ପ୍ରତି ଭାରତ ଯେଉଁ ଧ୍ୟାନ ଦେଉଛି ସେଥିପାଇଁ କୃତଜ୍ଞ ଥିବା କହିଛନ୍ତି ଭ୍ଲାଦିମିର ପୁଟିନ୍ । ଦ୍ୱିପାକ୍ଷିକ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଯେତେବେଳେ ମୁଁ ବିଶ୍ୱ ନେତାମାନଙ୍କ ସହିତ ଆଲୋଚନା କରିଥିଲି, ବିସ୍ତୃତ ଆଲୋଚନାରେ, ମୁଁ ସର୍ବଦା କହିଥିଲି ଯେ, ଭାରତ ନିରପେକ୍ଷ ନୁହେଁ । ଭାରତର ଏକ ପକ୍ଷ ଅଛି ଏବଂ ସେହି ପକ୍ଷ ହେଉଛି ଶାନ୍ତିର । ଆମେ ଶାନ୍ତି ପାଇଁ ସମସ୍ତ ପ୍ରୟାସକୁ ସମର୍ଥନ କରୁ ଏବଂ ଶାନ୍ତି ପାଇଁ ସମସ୍ତ ପ୍ରୟାସ ସହିତ

କାନ୍ଧକୁ କାନ୍ଧ ମିଳାଇ ଛିଡା ହୋଉଛୁ । କୋଭିଡ୍ ଠାରୁ ଆଜି ପର୍ଯ୍ୟନ୍ତ, ବିଶ୍ୱ ଅନେକ ସଙ୍କଟ ଦେଇ ଗତି କରିଛି । ଆମେ ଆଶା କରୁଛୁ ଯେ ବହୁତ ଶୀଘ୍ର ବିଶ୍ୱ ଚିନ୍ତାରୁ ମୁକ୍ତ ହେବ ଏବଂ ବିଶ୍ୱ ସମ୍ପ୍ରଦାୟ ପାଇଁ ସଠିକ୍ ଦିଗରେ ଏକ ନୂତନ ଆଶା ସୃଷ୍ଟି ହେବ ।' ପୁଟିନ୍‌ଙ୍କ ସହ ବୈଠକ କରି ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, 'ଆମର ସମିଟ୍ ଅନେକ ଫଳାଫଳ ସହିତ ଆଗକୁ ବଢୁଛି । ଆପଣଙ୍କ ଗସ୍ତ ଅତ୍ୟନ୍ତ ଐତିହାସିକ । ୨୦୦୧ରେ ଦାୟିତ୍ୱ ଗ୍ରହଣ କରି ପ୍ରଥମ ଥର ପାଇଁ ଭାରତ ଗସ୍ତ କରିବାର ୨୫ ବର୍ଷ ବିତିଗଲାଣି । ସେହି ପ୍ରଥମ ଗସ୍ତରେ ହିଁ ଏକ ରଣନୈତିକ ସହଭାଗୀତା ପାଇଁ ଏକ ଦୃଢ଼ ମୂଳଦୁଆ ସ୍ଥାପିତ ହୋଇଥିଲା । ମୁଁ ବ୍ୟକ୍ତିଗତ ଭାବରେ ଅତ୍ୟନ୍ତ ଆନନ୍ଦିତ ଯେ, ଆପଣଙ୍କ ସହିତ ବ୍ୟକ୍ତିଗତ ସ୍ତରରେ ମୋର ସମ୍ପର୍କ ମଧ୍ୟ ୨୫ ବର୍ଷ ପୂରଣ କରିଛି । ମୁଁ ବିଶ୍ୱାସ କରେ ଯେ ୨୦୦୧ରେ ଆପଣ ଯେଉଁ ଭୂମିକା ଗ୍ରହଣ କରିଥିଲେ ତାହା ଜଣେ ଦୂରଦୃଷ୍ଟିସମ୍ପନ୍ନ ନେତାଙ୍କ ପାଇଁ ଉଦାହରଣ । ୟୁକ୍ରେନ ସଙ୍କଟ ପରେ ଆମେ ନିରନ୍ତର ଯୋଗାଯୋଗ କରି ଆସୁଛୁ । ଜଣେ ପ୍ରକୃତ ବନ୍ଧୁ ଭାବରେ, ଆପଣ ସମୟ ସମୟରେ ଆମକୁ ସବୁ କିଛି ବିଷୟରେ ଅବଗତ କରାଇଛନ୍ତି । ମୁଁ ବିଶ୍ୱାସ କରେ ଯେ ବିଶ୍ୱାସ ସବୁଠୁ ବଡ଼ ଶକ୍ତି ।' ଦ୍ୱିପାକ୍ଷିକ ବୈଠକୁ ନେଇ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କହିଛନ୍ତି, ମୋତେ ଏଠାକୁ ନିମନ୍ତ୍ରଣ କରିଥିବାରୁ ଧନ୍ୟବାଦ । ୟୁକ୍ରେନରେ ଘଟୁଥିବା ଘଟଣାଗୁଡ଼ିକ ବିଷୟରେ ବହୁତ କିଛି ବିବରଣୀ ଦେଇପାରିବି । ଆମେରିକା ସହିତ ଏକ ସମ୍ଭାବ୍ୟ ଶାନ୍ତିପୂର୍ଣ୍ଣ ବିବୃତି ଉପରେ ଆଲୋଚନା କରୁଛୁ । ଏହି ପରିସ୍ଥିତିର ସମାଧାନ ଖୋଜିବାରେ ଧ୍ୟାନ ଦେବା ପାଇଁ ଆପଣଙ୍କୁ ଧନ୍ୟବାଦ । ଆମର ଉପାୟଗୁଡ଼ିକ ଇତିହାସରେ ଗଭୀର ଭାବରେ ନିହିତ, କିନ୍ତୁ ଏହା ଶବ୍ଦ ନୁହେଁ; ଏହା ହେଉଛି ବିଷୟର ସାର, ଯାହା ବହୁତ ଗଭୀର । ଗତ କିଛି ବର୍ଷ ଧରି, ଆପଣ ଆମର ସମ୍ପର୍କକୁ ବିକଶିତ କରିବା ପାଇଁ ବହୁତ କାମ କରିଛନ୍ତି । ଆମେ ସହଯୋଗ ପାଇଁ ଅତିରିକ୍ତ କ୍ଷେତ୍ର ଖୋଲିଛୁ, ଯେଉଁଥିରେ ହାଇ-ଟେକ୍ ବିମାନ, ମହାକାଶ ଅନୁସନ୍ଧାନ ଏବଂ କୃତ୍ରିମ ବୁଦ୍ଧିମତା ଅନ୍ତର୍ଭୁକ୍ତ ।' ହାଇଦ୍ରାବାଦ ହାଉସ୍ ପ୍ରଧାନମନ୍ତ୍ରୀ ମୋଦି ଓ ପୁଟିନ୍‌ଙ୍କ ମଧ୍ୟରେ ହୋଇଥିବା ଏହି ଦ୍ୱିପାକ୍ଷିକ ବୈଠକରେ ବହୁ ବିଶିଷ୍ଟ ବ୍ୟକ୍ତି ମଧ୍ୟ ଉପସ୍ଥିତ ଥିଲେ । ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ, ପ୍ରିନ୍ସିପାଲ ସେକ୍ରେଟାରୀ ଅଫ୍ ପ୍ରିନ୍ସିପାଲ ଶକ୍ତିକାନ୍ତ ଦାସ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଟିକେଟ କଳାବଜାରୀ : କ୍ରିକେଟ୍ ଅଙ୍କ ମହିଳାଙ୍କୁ ଧାଡ଼ିରେ ରଖି ଦଲାଲ ମାଲେମାଲ୍

 କଟକ, ୫/୧୨ (ଆ.ପ୍ର) : ୯ତାରିଖରେ ବାରବାଟୀ ଷ୍ଟାଡିୟମରେ କ୍ରିକେଟ ମ୍ୟାଚ ହେବାକୁ ଯାଉଛି । ଲୋକେ ରାତିସାରା ଉଜାଗର ରହି ଟିକେଟ ନେଉଛନ୍ତି । ତେବେ ଦଲାଲ ମଧ୍ୟ ଅତି ସନ୍ତର୍ପଣ ରେ ଖୋଲା ଖୋଲି ସାତ ଶହ ଟଙ୍କା ମୂଲ୍ୟର ଟିକେଟକୁ

ପନ୍ଦର ହଜାର ଟଙ୍କା ଦାବି କରୁଛି । ଏଥି ପାଇଁ ଅଗ୍ରିମ ଅର୍ଥ ଦେଲେ ଆଠ ତାରିଖ ରେ ଟିକେଟ ମିଳିବ ବୋଲି କହି ଫୋନ ନମ୍ବର ମାଗୁଛି ଦଲାଲ. ଯେଉଁ ମାନେ ଧାଡିରେ ଛିଡା ହୋଇ ଟିକଟ ପାଇଁ ଅପେକ୍ଷା କରୁଛନ୍ତି ସେମାନେ ବୋକା ବୋଲି ଦଲାଲ କହୁଛି । ଆମେ ବେଶି ପଇସା ଲାଭ ରଖୁନୁ । ଆମେ ବି ଅନ୍ୟ ମାନଙ୍କ ଠାରୁ ଚଢ଼ା ଦର ରେ ଟିକଟ ଆଣିଛୁ ବୋଲି କହୁଛି ସେ ଦଲାଲ ଏହି ଅଭିଯୋଗ ଗଣ ମାଧ୍ୟମରେ ଆଜି ପ୍ରଚାର ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଦେଇଛି । ଯେତେଥର ବାରବାଟୀ ଷ୍ଟାଡିୟମ ରେ ଅନ୍ତର୍ଯ୍ୟାତିକସ୍ତରୀୟ କ୍ରିକେଟ ମ୍ୟାଚ ହୋଇଛି ସେତେ ଥର ଟିକେଟ କଳା ବଜାରର ଅଭିଯୋଗ ହୋଇଛି । ବାରବାଟୀ ଷ୍ଟାଡିୟମର ଚାରିପାଖରେ ମାଳ ମାଳ ଦଲାଲ ଘୁରି ବୁଲୁଛନ୍ତି ହେଲେ ପୋଲିସର ଗୁଇନ୍ଦା ବିଭାଗ ନିକଟ ରେ କିଛି ତଥ୍ୟ ନାହିଁ । ଏକ ବଡ଼ ରାକେଟ ଟିକେଟ କଳା ବଜାର ପଛରେ କାମ କରୁଛି । ଆଜି ପାଂଚଟି କାଉଂଟରରେ ତୁରନ୍ତ ଟିକଟ ସରି ଯାଇଥିଲା ଫଳରେ ହଜାର ହଜାର ଆଶାୟୀ ନିରାଶ ହୋଇ ଫେରିଯାଇଥିଲେ । ତେବେ ଦଲାଲ ମାନେ କିଭଳି ପୁନା ପୁନା ଟିକଟ ପାଉଛନ୍ତି ତାହା ବୁଝା ପଡୁନାହିଁ । ସୂଚନା ମୁତାବକ, ଶୁକ୍ରବାର ସକାଳୁ ଭାରତ-ଦକ୍ଷିଣ ଆଫ୍ରିକା ଟି-ଟ୍ୱେଂଟି ମ୍ୟାଚ ପାଇଁ ଅଫଲାଇନ୍ ଟିକେଟ୍ ବିକ୍ରି ଆରମ୍ଭ ହୋଇଛି । ଗୁରୁବାର ସନ୍ଧ୍ୟାରୁ ବାରବାଟୀ ଷ୍ଟାଡିୟମ ନିକଟରେ ହଜାର ହଜାର ସଂଖ୍ୟାରେ ଭିଡ଼ ଜମାଇଥିଲେ । ପରିସ୍ଥିତି ଏମିତି ହୋଇଥିଲା ଯେ ଦର୍ଶକଙ୍କୁ ଘଉଡ଼ାଇବା ପାଇଁ ପୁଲିସକୁ ମୃଦୁ ଲାଠି ଚାଳନା କରିବାକୁ ପଡ଼ିଥିଲା । ଟିକେଟ୍ ଖଣ୍ଡିଏ ପାଇଁ ଦର୍ଶକ ଚାତକ ଭଳି ଅନେଇ ଶେଷରେ ଫ୍ୟାନ୍ସ ମାନେ ଟିକେଟ୍ କିଣିଛନ୍ତି ।ଅନଲାଇନରେ ମାତ୍ର ୨ ହଜାର ଟିକେଟ୍ ବିକ୍ରି ହୋଇଥିଲା । ବହୁ ପ୍ରଶଂସକ ଟିକେଟ୍ ନପାଇ ନିରାଶ ହୋଇଥିଲେ । କିନ୍ତୁ କାଉଂଟରରେ ଟିକେଟ୍ କିଣିବା ପାଇଁ ଏବେ ସମସ୍ତେ ବ୍ୟାକୁଳ ହୋଇ ପଡ଼ିଛନ୍ତି । ତେଣୁ ସନ୍ଧ୍ୟାରୁ ହଜାର ହଜାର ଦର୍ଶକ ବାରବାଟୀ ନିକଟସ୍ଥ କ୍ୟାଂଟନମେଂଟ ରୋଡ୍, କିଲ୍ଲା ପଡ଼ିଆରେ ଭିଡ଼ ଜମାଇଥିଲେ । ରାତି ଯେତିକି ବଢ଼ିଥିଲା, ପ୍ରଶଂସକଙ୍କ ଭିଡ଼ ସେତିକି ଜମିବାରେ ଲାଗିଥିଲା । ପରିବେଶ କୋଳାହଳମୟ ହୋଇଯାଇଥିଲା । ହାତରେ ଜାତୀୟ ପତାକା ଧରି ସେମାନେ ବସି ରହିଥିଲେ । ଭିଡ଼ ଅଧିକ ଜମିବାରୁ ଶେଷରେ ପୁଲିସକୁ ମୃଦୁ ଲାଠି ଚାଳନା କରିବାକୁ ପଡ଼ିଥିଲା । କାଉଂଟରରେ ମାତ୍ର ୧୦ ହଜାର ଟିକେଟ୍ ବିକ୍ରି ହେବ । କିନ୍ତୁ ଆଶାୟୀ ବହୁ ଗୁଣା । ଜଣେ ବ୍ୟକ୍ତିଙ୍କୁ ୨ଟି ଟିକେଟ୍ ମିଳିବାର ନିୟମ ରହିଛି । ତେଣୁ ଯେଉଁ ପ୍ରଥମ ୫୦୦୦ ଦର୍ଶକ ଧାଡ଼ିରେ ଆସିବେ ସେମାନେ ହିଁ ଟିକେଟ୍ ନେଇ ଘରକୁ ବାହୁଡ଼ିବେ । ଅନ୍ୟମାନଙ୍କୁ ନିରାଶ ହେବାକୁ ପଡ଼ିବ । ପ୍ରଥମ ଥର ପାଇଁ ଲୁହା ବାଡ଼ ବ୍ୟବସ୍ଥା ସହ ଜିଗ୍ଜାଗ୍ ଡିଜାଇନ୍ରେ ବ୍ୟାରିକେଡିଂ କରାଯାଇଛି । ଓସିଏ କ୍ରିକେଟ ଏକାଡେମୀ ଗେଟ ଦର୍ଶକ ଆସି ବ୍ୟାରିକେଡ୍ ୨ରେ ଭିତରେ ପ୍ରବେଶ କରିଥିଲେ । ଏହି ବ୍ୟାରିକେଡ୍ ଦେଇ ଟିକେଟ କାଉଂଟର ପର୍ଯ୍ୟନ୍ତ ଯାଇ । ୨ ଫୁଟ ଲେଖାଏଁ ଦୁଇଟି ବ୍ୟାରିକେଡ୍ ଲାଇନ କରାଯାଇଥିବା ବେଳେ ତା' ପାଖରେ ଆଉ ଗୋଟିଏ ୩ ଫୁଟର ବ୍ୟାରିକେଡ୍ ହୋଇଛି । ଏହି ୩ ଫୁଟ୍ ଭିତରେ ପୁଲିସ ମୁତୟନ ହୋଇଛନ୍ତି । କାଉଂଟର ପାଖରୁ ଆଠ ଶହ ମିଟର ପର୍ଯ୍ୟନ୍ତ ଷ୍ଟିଲ୍ ବ୍ୟାରିକେଡ୍ର ବ୍ୟବସ୍ଥା କରାଯାଇଛି । ତେବେ ପୂର୍ବଦିନ ରାତିରୁ କୌଣସି କ୍ରିକେଟପ୍ରେମୀଙ୍କୁ କାଉଂଟର ପାଖରେ ଧାଡ଼ି ବାନ୍ଧିବାକୁ ସୁଯୋଗ ଦିଆଯାଇନଥିଲା । ଦର୍ଶକ କାଉଂଟର ଖୋଲିବାର ତିନିଘଂଟା ପୂର୍ବରୁ ଅର୍ଥାତ୍ ସକାଳ ୬ଟାରୁ ଲାଇନ୍ ଲଗାଇଥିଲେ ।

ରାଜଘାଟରେ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ପୁଟିନ୍

ନୂଆଦିଲ୍ଲୀ, ୫/୧୨(ନ୍ୟୁ.ଏ): ଦୁଇ ଦିନିଆ ଭାରତ ଗସ୍ତରେ ଆସିଥିବା ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କର ଆଜି ରାଷ୍ଟ୍ରପତି ଭବନରେ ଗ୍ରାଣ୍ଡ ୱେଲକମ କରାଯାଇଛି । ପୁଟିନଙ୍କୁ ୨୧ ତୋପର ସଲାମୀ ସହିତ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି । ଗାର୍ଡ ଅଫ୍ ଅନର ଯେକୌଣସି ରାଷ୍ଟ୍ରମୁଖ୍ୟଙ୍କୁ ପ୍ରଦାନ କରାଯାଉଥିବା ସର୍ବୋଚ୍ଚ ରାଷ୍ଟ୍ର ସମ୍ମାନ । ଏହାପରେ ପୁଟିନ୍ ରାଜଘାଟ ଅଭିମୁଖେ ବାହାରି ମହାତ୍ମାଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏହି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉପସ୍ଥିତ ଥିଲେ । ଏହା ପରେ ରାଜଘାଟ ଯାଇ ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି ଭ୍ଲାଦିମିର ପୁଟିନ୍ । ବାପୁଙ୍କ ସମାଧି ସାମ୍ନାରେ ମୁଣ୍ଡ ନୁଆଁଇବା ସହିତ ପରିକ୍ରମା କରିଛନ୍ତି । ଏହା ସହିତ ରାଜଘାଟରେ ଥିବା ଭିଜିଟର୍ସ ଡାଏରୀରେ ହସ୍ତାକ୍ଷର କରିଛନ୍ତି ପୁଟିନ୍ । ଏହାପରେ ହାଇଦ୍ରାବାଦ ହାଉସ୍ ଗସ୍ତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ଦ୍ୱିପାକ୍ଷିକ ବୈଠକ କରିଛନ୍ତି । ଦୁହିଁଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଛି । ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଗୁରୁବାର ଦିଲ୍ଲୀରେ ପହଂଚିବା ପରେ ତାଙ୍କୁ ପାଲମ ଏୟାରଫୋର୍ସ ଷ୍ଟେସନରେ ଭବ୍ୟ ସ୍ୱାଗତ କରାଯାଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ପାଛୋଟି ଆଣିଥିଲେ । ଭାରତ ଗସ୍ତର ଦ୍ୱିତୀୟ ଦିନ ଅର୍ଥାତ ଆଜି ଶୁକ୍ରବାର ପୁଟିନ୍ ପୂର୍ବାହ୍ନ ୧୧ଟାରେ ରାଷ୍ଟ୍ରପତି ଭବନ ଅଭିମୁଖେ ବାହାରିଥିଲେ ପୁଟିନ୍ । ସେଠାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ପୂର୍ବାହ୍ନ ସାଢ଼େ ୧୧ଟାରେ ସେ ରାଜଘାଟକୁ ଯାଇ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ ।

ଗୃହରେ ବେକାରୀ ଓ ଦାଦନ ତାତି: ବିରୋଧୀଙ୍କୁ ଆଇନ ମନ୍ତ୍ରୀଙ୍କ ଜବାବ

ଭୁବନେଶ୍ୱର, ୫/୧୨ (ଆ.ପ୍ର) : ବିଧାନସଭା ଶୀତ ଅଧିବେଶନର ନବମ ଦିନ । ପ୍ରଶ୍ନକାଳରେ ଗୃହ ସୁରୁଖୁରୁରେ ଚାଲିଲା ମାତ୍ର କିଛି ସମୟରେ ବେକାରୀ ସମସ୍ୟାକୁ ନେଇ ତାତିଲା ବିଧାନସଭା । ୨ ଲକ୍ଷ ୩୫ ହଜାରରୁ ଊର୍ଦ୍ଧ୍ୱ ସରକାରୀ ପଦବୀ ଖାଲି, ବେକାରୀ ସମସ୍ୟା ଓ ଦାଦନ ପ୍ରସଙ୍ଗକୁ ନେଇ ମୁଲତବୀ ପ୍ରସ୍ତାବ ଆଣିଥିଲେ ବିରୋଧୀ । ମାତ୍ର ଗୃହରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ନଥିବାରୁ ମୁଲତବୀ ପ୍ରସ୍ତାବ ଉପରେ ଉତର ରଖିଲେ ଆଇନ ମନ୍ତ୍ରୀ । ଆଲୋଚନାରେ ଭାଗ ନେଇ କଂଗ୍ରେସ ବିଧାୟକ ଅଶୋକ ଦାସଙ୍କ କହିଥିଲେ ଯେ, ପୂର୍ବ ସରକାର ନିଯୁକ୍ତି ଦେଉ ନଥିଲେ ବୋଲି କ୍ଷମତାରୁ ଗଲେ । ହେଲେ ନୂଆ ସରକାରକୁ ଏବେ ନିଯୁକ୍ତି ଦେବାକୁ ପଡିବ । ସ୍ଥାୟୀ ନିଯୁକ୍ତିରେ ଆଉଟ୍ ସୋର୍ସିଂ ବାଧକ ସାଜିଛି । ଏହା ଏକ ବ୍ୟାଧି । ସରକାରଙ୍କ ଅକ୍ଷମତା ପାଇଁ ଆଜି ଓଡ଼ିଆ ଯୁବକ ଦାଦନ ଖଟିବାକୁ ଯାଉଛନ୍ତି । କୋଭିଡ୍ ସମୟରେ ସେମାନେ ରାଜ୍ୟକୁ ଫେରିଲା ପରେ ଏହା ଜଣାପଡିଲା । ନିର୍ବାଚନ ସମୟରେ ପ୍ରଧାନମନ୍ତ୍ରୀ ୨ କୋଟି ନିଯୁକ୍ତି ଦେବାକୁ କହିଥିଲେ । ହେଲେ ସେ ପ୍ରତିଶ୍ରୁତି କୁଆଡେ ଗଲା । ଅବସର ପରେ କାହିଁକି ସେମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଉଛି । ଏସଆଇ ନିଯୁକ୍ତିରେ ମହାଘୋଟାଲ ହେଲା । ଏହାର ତଦନ୍ତ ଏଯାଏଁ କେଉଁଠି ଅଛି । ସବୁ ନିଯୁକ୍ତିରେ ଦୁର୍ନୀତିର ଚିତ୍ର ସାମ୍ନାକୁ ଆସୁଛି । ସବୁଠାରୁ ବଡ଼ କଥା ହେଲା ଶ୍ରମିକମାନଙ୍କୁ ଦାଦନ କରି ପଠେଇବାରେ ଆମ ଗୃହର ସଦସ୍ୟ ମଧ୍ୟ ରହିଛନ୍ତି । ବୋଲି କଂଗ୍ରେସ ବିଧାୟକ ଅଶୋକ ଦାସ ବିଧାନସଭା ଆଲୋଚନା ବେଳେ କହିଥିଲେ । ସେହିପରି ଆଲୋଚନାରେ ଭାଗ ନେଇ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ, ବିଜେପି ନିର୍ବାଚନ

ସମୟରେ ଦାଦନ ମୁକ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଯେଉଁ କମିଟି ଗଠନ ହୋଇଛି ସେଥିରେ କ'ଣ କ'ଣ ଖସଡ଼ା ପ୍ରସ୍ତୁତ ହୋଇଛି ସରକାର ତାହା ଗୃହରେ ଉପସ୍ଥାପନ କରନ୍ତୁ । ରାଜ୍ୟର ଯୁବକ ବାହାର ରାଜ୍ୟକୁ ଯିବାର ମୁଖ୍ୟ କାରଣ ନିଯୁକ୍ତିର ଅଭାବ । ସରକାରଙ୍କ ନିଯୁକ୍ତି ପଲିସି କ'ଣ । ମନରେଗାରେ ଆର୍ଥିକ ସହାୟତାକୁ କେନ୍ଦ୍ର ସରକାର କମାଉଛନ୍ତି । ଦାଦନ ବନ୍ଦ ପାଇଁ ସରକାର କହୁଥିବା ଡ୍ରିମ୍ ପ୍ରୋଜେକ୍ଟ କ'ଣ ହେଲା । ରାଜ୍ୟରେ ଗ୍ରାମାଂଚଳର ରୋଜଗାରର ଉତ୍ସ କମୁଛି । ଶିକ୍ଷିତ ଯୁବକ ବାହାରକୁ ଖଟିବାକୁ ଯାଉଛନ୍ତି । ବେସରକାରୀ କ୍ଷେତ୍ରରେ ନିଯୁକ୍ତି ମିଳୁନାହିଁ । ସବୁ ବିଭାଗରେ ଅଫିସର ମରୁଡି । ନୂଆ ନିଯୁକ୍ତି ହେଉ ନାହିଁ । ଫଳରେ ବିଭାଗରେ କାମ ଠିକ ହେଉ ନାହିଁ । ବଜେଟର ମାତ୍ର ୩୯ ପ୍ରତିଶତ ଖର୍ଚ୍ଚ ହେଉଛି । ସ୍କୁଲ କଲେଜରେ ହଜାର ହଜାର ପଦବୀ ଖାଲି ପଡିଛି । ନୂଆପଡ଼ାରେ ୪୧ ହଜାର ଲୋକଙ୍କ ରାସନ କାର୍ଡ଼କୁ ଅଟକାଯାଇଛି । ଫଳରେ ସେମାନଙ୍କ ଗରିବୀ ବଢ଼ିବ । ପୁଲିସ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ହାତରେ । ହେଲେ ନିଯୁକ୍ତିରେ ସ୍ୱଚ୍ଛତା ଆଣି ପାରିଲେ ନାହିଁ । ପରୀକ୍ଷା ପତ୍ର ବାରମ୍ବାର ଲିକ୍ ହେଉଛି । ଏହା ଏକ ବ୍ୟାଧିରେ ପରିଣତ ହୋଇଛି । ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା କମିଟି କେତେ ଥର ବସିଥିଲା ଓ କ'ଣ ଆଲୋଚନା ହୋଇଛି ତାହା ଗୃହରେ ଉପସ୍ଥାପନ କରନ୍ତୁ ବୋଲି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଦାବି କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତରେ ଆଇନ ମନ୍ତ୍ରୀ ମୁଲତବୀ ପ୍ରସ୍ତାବ ଉପରେ ଉତର ରଖିଥିଲେ । ମନ୍ତ୍ରୀ କହିଥିଲେ ଯେ, ଏହା ଗୋଟିଏ ଦିନ କିମ୍ବା ୧୮ ମାସର ସମସ୍ୟା ନୁହେଁ । ଏହା ୨୪ ବର୍ଷର ସମସ୍ୟା । ପ୍ରବାସୀ ଶ୍ରମିକ ବାହାରକୁ ଯିବାର ମୁଖ୍ୟ କାରଣ ରାଜ୍ୟରେ ତାଙ୍କୁ ରୋଜଗାର ଦିଆଯାଇ ପାରିନି । ପୂର୍ବ ସରକାରରେ ନିଯୁକ୍ତିରେ କଟକଣା ରହିଥିଲା । କ'ଣ ପାଇଁ କଟକଣା ଥିଲା ସେମାନେ ଜାଣିଥିବେ । ସେମାନେ ନବୀନ ଓଡ଼ିଶା ଗଠନ କେମିତି କରିବାକୁ ଚାହୁଁଥିଲେ ତାହା ଆମେ ମଧ୍ୟ ଜାଣିବାକୁ ଚାହୁଁଛୁ । ସେ ସମୟରେ ନିଯୁକ୍ତିରେ ବ୍ୟାପକ ଦୁର୍ନୀତି ହେଉଥିଲା । NRGS ଦୁର୍ନୀତି ଚରମ ସୀମାରେ ଥିଲା । ଫଳରେ ସିବିଆଇ ତଦନ୍ତ ପର୍ଯ୍ୟନ୍ତ କଥା ଯାଇଥିଲା । ପିଏମୟୁମାନେ ସାମନ୍ତରାଳ ସରକାର ଚଳାଉଥିଲେ । ବିଭିନ୍ନ ବିଭାଗରେ ଆନ୍ତର୍ଜାତୀୟ କନସଲଟାଂଟମାନେ ଥିଲେ । ହେଲେ ସେମାନେ କ'ଣ କାମ କରୁଥିଲେ । ଆଉଟସୋର୍ସିଂ ଯେଉଁ ସଂସ୍ଥା ଥିଲେ ବଳୀୟ ଭିତିରେ ନିଯୁକ୍ତି ହେଉଥିଲା । ପୂର୍ବ ସରକାର ଦୁର୍ନୀତିରେ ବୁଡିକି ଥିଲେ । ଗ୍ରୁପ ସି ଓ ଗ୍ରୁପ ଡିକୁ ସମ୍ପୂର୍ଣ୍ଣ ବନ୍ଦ କରିଥିଲେ । ପଲିସି ପରାଲିସିସ କାହା ବୁଦ୍ଧିରେ ହୋଇଥିଲା ତାହା ଚର୍ଚ୍ଚାର ବିଷୟ । ଅନେକ ନିଯୁକ୍ତି କୋର୍ଟ ଫାଇଲରେ ବନ୍ଧା ହୋଇଥିଲା । ଆମେ ସରକାରକୁ ଆସିଲା ପରେ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛୁ ।

ଫେବୃୟାରୀ ୧୯ରୁ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା

ଭୁବନେଶ୍ୱର, ୫/୧୨ (ଆ.ପ୍ର) : ଫେବୃଆରୀ ୧୯ରୁ ମାଟ୍ରିକ୍ ପରୀକ୍ଷା । ପ୍ରକାଶ ପାଇଲା ପରୀକ୍ଷା ସୂଚୀ । ଫେବୃଆରୀ ୧୯ ତାରିଖରୁ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ ଯାଏଁ ଚାଲିବ । ସକାଳ ୯ଟାରୁ ସାଢେ ୧୧ଟା ଯାଏଁ ପରୀକ୍ଷା ହେବ । ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରୀକ୍ଷା ତାରିଖ ଘୋଷଣା ହୋଇଛି । ଫେବୃଆରୀ

୧୯ରେ ପ୍ରଥମ ଦିନରେ ମାତୃଭାଷା ପରୀକ୍ଷା ରହିଛି । ୨୧ରେ ଇଂରାଜୀ, ୨୩ରେ ସଂସ୍କୃତ/ହିନ୍ଦୀ, ୨୫ରେ ବିଜ୍ଞାନ, ୨୭ରେ ସାମାଜିକ ବିଜ୍ଞାନ, ମାର୍ଚ୍ଚ ୨ରେ ଗଣିତ ପରୀକ୍ଷା ରହିଛି । ଗଣିତ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଅଧିକ ୧୫ ମିନିଟ୍ ମିଳିବ । ଉଭୟ ରେଗୁଲାର ଏବଂ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀଙ୍କ ପାଇଁ ଏହି କାର୍ଯ୍ୟସୂଚୀ ଲାଗୁ ହେଉଛି । ଏଥର ୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେବେ । ପରୀକ୍ଷାକୁ ଶୃଙ୍ଖଳିତ କରିବାକୁ ବୋର୍ଡ ତରଫରୁ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରାଯାଇଛି । ସବୁ ପରୀକ୍ଷା ମଝିରେ ଗୋଟିଏ ଦିନ ଗ୍ୟାପ୍ ଦିଆଯାଇଛି । ୩୧୩ ନୋଡାଲ ସେଂଟର, ୩ ହଜାରରୁ ଊର୍ଦ୍ଧ୍ୱ ପରୀକ୍ଷା କେନ୍ଦ୍ର ବ୍ୟବସ୍ଥା କରାଯାଇଛି । ପ୍ରଶ୍ନପତ୍ର ଭାଇରାଲ୍ ରୋକିବାକୁ ପଦକ୍ଷେପ ନିଆଯାଇଛି । ପୂର୍ବ ବର୍ଷ ପରି ପ୍ରଶ୍ନପତ୍ରରେ କ୍ୟୁଆର କୋଡ୍ ଓ ୱାଟର ମାର୍କ ରହିବ ବୋଲି ବୋର୍ଡ ସଭାପତି କହିଛନ୍ତି ।

ବିଦ୍ୟାଳୟ ଛାଡ଼ି ରାଜରାସ୍ତାରେ ଶିକ୍ଷକ, ସରକାରଙ୍କ ନିକଟରେ କଲେ ଦାବି

ଭୁବନେଶ୍ୱର, ୫/୧୨ (ଆ.ପ୍ର) : ଶିକ୍ଷା ହେଉଛି ବିକାଶର ଅନ୍ୟତମ ବଳିଷ୍ଠ ମାଧ୍ୟମ । ବ୍ୟକ୍ତିଗତ ଓ ସାମାଜିକ ବିକାଶକୁ ନେଇ ଦେଶର ଭବିଷ୍ୟତ କଳ୍ପନା କରାଯାଇ ପାରିବ । ଶିକ୍ଷାର ବିକାଶ ପାଇଁ ସରକାର ସବୁବେଳେ ଚିନ୍ତା କରୁଛନ୍ତି ବୋଲି କହୁଛନ୍ତି । ମନ୍ତ୍ରୀ ଠାରୁ ଆରମ୍ଭ କରି ଅଧିକାରୀ ପର୍ଯ୍ୟନ୍ତ ଭାଷଣବାଜି କରୁଛନ୍ତି । କିନ୍ତୁ ବାସ୍ତବରେ ଶିକ୍ଷା ପ୍ରତି ସରକାର ଏବଂ ପ୍ରଶାସନ କେତେ ଚିନ୍ତିତ ଏଠାରେ ଉପସ୍ଥାପିତ ୨ଟି ଫଟୋ ହିଁ ବୟାନ କରୁଛି । ବିଦ୍ୟାଳୟ ଭଳି ପବିତ୍ର ମନ୍ଦିରରେ ଶିକ୍ଷାର୍ଥୀ ହେଉଛନ୍ତି ଦେବତା ସଦୃଶ୍ୟ ଏବଂ ଏହି ଦେବତାରୂପୀ ପିଲାମାନଙ୍କୁ ଭଲ ମଣିଷ କରିବା ପାଇଁ ବଡ଼ ଦାୟିତ୍ୱ ନେଇଥାନ୍ତି ପୂଜାରୀରୂପୀ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ । ମାତ୍ର କ୍ଷୋଭର ବିଷୟ ହେଲା ଯେ, ଆଜି ସେମାନେ ନିଜର ଅଧିକାର ପାଇପାରି ନଥିବାରୁ ରାଜରାସ୍ତାରେ ଛିଡ଼ା ହୋଇଛନ୍ତି । ବିଦ୍ୟାଳୟରେ ଶିକ୍ଷାଦାନ କରିବା ବଦଳରେ ରାଜଧାନୀ ଭୁବନେଶ୍ୱରରେ ଅଧିକାର ମାଗୁଛନ୍ତି । ବିଧାନସଭା ଶୀତକାଳୀନ ଅଧିବେଶନ ଜାରି ଥିବା ବେଳେ ଏକ ଗୋଷ୍ଠୀର ହଜାର ହଜାର ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ରାଜରାସ୍ତାରେ ସ୍ୱର ଉତୋଳନ

କରୁଛନ୍ତି । ସେହିପରି ଆଗାମୀ ଦିନରେ ଅନ୍ୟ ଏକ ଶିକ୍ଷକ ଗୋଷ୍ଠୀ ବିଧାନସଭା ଘେରିବାକୁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ସପ୍ତଦଶ ବିଧାନସଭାର ଶୀତକାଳୀନ ଅଧିବେଶନ ଜାରି ଥିବା ବେଳେ ଶୁକ୍ରବାର ପ୍ରାଥମିକ ଶିକ୍ଷକମାନେ ଗର୍ଜନ କରିଛନ୍ତି । ମହାତ୍ମା ଗାନ୍ଧିମାର୍ଗରେ ହଜାରେ ହଜାରେ ସଂଖ୍ୟାରେ ପ୍ରାଥମିକ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇ ସରକାରଙ୍କ ବ୍ୟବସ୍ଥା ଉପରେ ପ୍ରଶ୍ନ କରିଛନ୍ତି ଏବଂ ନିଜର ଅଧିକାର ଦାବି କରିଛନ୍ତି । ମହାତ୍ମା ଗାନ୍ଧୀ ମାର୍ଗରେ ହଜାର ହଜାର ଶିକ୍ଷକ ଓ ଶିକ୍ଷୟତ୍ରୀ ଏକାଠି ହୋଇଛନ୍ତି । ଏମାନେ ୨ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ସେମାନେ ଦାବି କରିଛନ୍ତି ଯେ, ପ୍ରାଥମିକ ଶିକ୍ଷକମାନଙ୍କର ମୂଳ ପଦବିକୁ ଅପଗ୍ରେଡ୍ କରି ମୂଳ ବେତନ ୩୫ ହଜାର ୪ ଶହ ଟଙ୍କା ଏବଂ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ପ୍ରଥା ଉଚ୍ଛେଦ କରି କାର୍ଯ୍ୟରତ ସମସ୍ତ ଶିକ୍ଷକମାନଙ୍କ ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା ସହ ନୋସନାଲ୍ ଇନକ୍ରିମେଂଟ୍ ପ୍ରଦାନ କରାଯାଉ । ୧ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ପ୍ରାଥମିକ ଶିକ୍ଷକ ଓ ଶିକ୍ଷୟତ୍ରୀ ଦୀର୍ଘଦିନରୁ ଏହି ଦାବି କରି ଆସୁଛନ୍ତି । ଅନ୍ୟପଟରେ ରାଜ୍ୟ ପ୍ରାଥମିକ ଶିକ୍ଷକ (ଏକକ୍ୟାଡ଼ର) ମହାସଂଘ ଆସନ୍ତା ୧୫ ତାରିଖ ଦିନ ବିଧାନସଭା ଘେରିବାକୁ ପ୍ରସ୍ତୁତ ହେଉଛନ୍ତି । ଏନେଇ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତି ନେଇଛନ୍ତି । ଭୁବନେଶ୍ୱର ଠାରେ ରାଜ୍ୟ ସଭାପତି ଜୟନ୍ତୀଲାଲ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟରତ ୨୨ହଜାର ଶିକ୍ଷକଙ୍କୁ କ୍ୟାଡର ଭୁକ୍ତ କରିବା ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ ରାଜ୍ୟ ମହାସଂଘ ଅସନ୍ତୋଷ ପ୍ରକାଶ କରିଛି । ରାଜ୍ୟ ମହାସଂଘ ପକ୍ଷରୁ କ୍ୟାଡର ଭୁକ୍ତ ପାଇଁ ସରକାରଙ୍କୁ ବହୁବାର ଦାବିପତ୍ର ଦେବା ସହ ଆଲୋଚନା କରି ଆସୁଥିଲେ ମଧ୍ୟ ଏଥିପ୍ରତି ସରକାର ଦୃଷ୍ଟି ଦେଉ ନଥିବା ଅଭିଯୋଗ ହୋଇଛି । ଆଜି ମହାସଂଘର ରାଜ୍ୟ ମହାସଚିବ ବିଶ୍ୱ ରଂଜନ ଦାସ, କାର୍ଯ୍ୟକାରୀ ସଭାପତି ଅଲେଖ ସାହୁ, ଉପସଭାପତି ଗଣେଶ ସ୍ୱାଇଁ, ରାଜେନ୍ଦ୍ର ପୁରୋହିତ, ରାଜକିଶୋର ପ୍ରଧାନ, ବିଷ୍ଣୁ ପଣ୍ଡା, ଅମୂଲ୍ୟ ପାତ୍ର ପ୍ରମୁଖ ଯୋଗ ଦେଇ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେଇଥିବା ଆଜି ଏକ ପ୍ରେସ୍ ବିଜ୍ଞପ୍ତିରେ ରାଜ୍ୟ ମିଡ଼ିଆ ସଂପାଦକ ରଂଜୁ ଅମାତ ସୂଚନା ଦେଇଛନ୍ତି ।

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

କୃଷି ବିଜ୍ଞାନ କେନ୍ଦ୍ରରେ ବିଶ୍ୱ ମୃତିକା ଦିବସ ପାଳନ

ଜଗତସିଂହପୁର, ୫/୧୨ (ଆ.ପ୍ର) : କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁରର ଆନୁକୂଲ୍ୟରେ ବିଶ୍ୱ ମୃତିକା ଦିବସ ପାଳନ ହୋଇଯାଇଛି । କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ଼ଃ ଜୀବନଜିତ ସେନ୍‌ଙ୍କ ସଭାପତିତ୍ୱରେ ମୃତିକା ଦିବସ ପାଳିତ ହୋଇଥିଲା । 'ସୁସ୍ଥ ସହର ପାଇଁ ସୁସ୍ଥ ମୃତିକା' ଆଜି ଦିବସର ମୁଖ୍ୟ ବାର୍ତ୍ତା ଥିଲା । ବିଭିନ୍ନ ପ୍ରକାରର ଜୈବିକ ପ୍ରଣାଳୀ ଅବଲମ୍ବନ କରି ଆମେ କିପରି ମାଟିମାର ଯତ୍ନ ନେଇପାରିବା ଏବଂ ମାଟିରେ ଜୈବିକ ପୃଷ୍ଟି ଉପାଦାନର ମୂଲ୍ୟ ବୃଦ୍ଧି କରିପାରିବା ଏହା ଉପରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀଯୁକ୍ତ କୁଳମଣି ଦାଶିକ ମନ୍ତବ୍ୟ ଦେଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ମୃତିକା ବୈଜ୍ଞାନିକ ଡ଼ା ପ୍ରଦୀପ୍ତ ମାଝୀ ମାଟି ମାର ଯତ୍ନ ନିମନ୍ତେ ଜୈବିକ ଏବଂ ପ୍ରାକୃତିକ କୃଷିର ପ୍ରାଧାନ୍ୟ ଓ ମୃତିକା ସ୍ୱାସ୍ଥ୍ୟ କାର୍ଡର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । ଏଥିରେ କୃଷି ଯନ୍ତ୍ରପାତି ବୈଜ୍ଞାନିକ ଡ଼ଃ ଦ୍ୱାରିକା ମୋହନ ଦାସ, ମୃତିକା ଓ ଜଳ ସଂରକ୍ଷଣ ଉପରେ ଚାଷୀ ମାନଙ୍କୁ ବିଶେଷ ଭାବରେ ଅବଗତ କରାଇଥିଲେ । ସ୍ୱରାଜ କୁମାର ବେହେରା ଓ ସୌମ୍ୟ ପ୍ରିୟଦର୍ଶିନୀ, ସହକାରୀ କୃଷି ଅଧିକାରୀ ମୃତିକାର ସ୍ୱାସ୍ଥ୍ୟ କିପରି ବଢ଼ା ଯାଇପାରିବ ଏବଂ ଏହା ଦ୍ୱାରା ଚାଷୀମାନେ କିପରି ଲାଭବାନ ହେବେ ସେ ବିଷୟରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାହାମା ଅଂଚଳର ଅଗ୍ରଣୀ ଚାଷୀ ଶ୍ରୀଯୁକ୍ତ ନୃସିଂହ ଚରଣ ବେହେରା ସମନ୍ୱିତ ଖାଦ୍ୟ ସାର ପରିଚାଳନା ଉପରେ ଆଲୋଚନା କରିଥିଲେ । ସଭାରେ ୪୦ଜଣ ଚାଷୀ, ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଯୋଗଦାନ କରି କାର୍ଯ୍ୟକ୍ରମଟିକୁ ଜୀବନ୍ତ କରିଥିଲେ । ପରିଶେଷରେ ଚାଷୀ ମାନେ ମୃତିକା ପରୀକ୍ଷାଗାର ପରିଦର୍ଶନ କରିଥିଲେ ଏବଂ କିଛି ଚାଷୀ ଭାଇ ଭଉଣୀ ମାନଙ୍କୁ ମୃତିକା କାର୍ଡ ପ୍ରଦାନ କରାଯାଇଥିଲା । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ଼ଃ ତପନ କୁମାର ପଲେଇ, ସରିତା ଦାସ, ରାଜଶ୍ରୀ ସିଂ, ସମୀର ପଟ୍ଟନାୟକ, ବର୍ଜିଆ ମାଝୀ, ବିଜୟିନୀ ସାହୁ, ରୁଦ୍ରପ୍ରତାପ ସ୍ୱାଇଁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ଭାରତୀୟ ରେଡକ୍ରସ ସଂସ୍ଥା, ଖୋର୍ଦ୍ଧା ଜିଲ୍ଲା ଶାଖାର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ

ଖୋର୍ଦ୍ଧା, ୫/୧୨ (ଆ.ପ୍ର) : ଭାରତୀୟ ରେଡକ୍ରସ୍ ସଂସ୍ଥା ଖୋର୍ଦ୍ଧା ଜିଲ୍ଲା ଶାଖାର ସାଧାରଣ ପରିଷଦ ବୈଠକ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଶ୍ରୀ ପ୍ରତାପ ଚନ୍ଦ୍ର ବେହେରା, ଉପଜିଲ୍ଲାପାଳ, ଖୋର୍ଦ୍ଧା ଶ୍ରୀ କିଶୋର କୁମାର ପଣ୍ଡା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଯୋଗଦେଇ ନିଜ ନିଜ ବକ୍ତବ୍ୟରେ ରେଡକ୍ରସ୍ ପାଣ୍ଠି ଆଦାୟ ବୃଦ୍ଧି ଦିଗରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଡେପୁଟୀ କଲେକ୍ଟର, ଜରୁରୀ ଶ୍ରୀତପା ମିଶ୍ର ଯୋଗଦେଇ ପାୱାର ପଏଂଟ ଉପକରଣର ୨୦୨୪-୨୫ ଏବଂ ୨୦୨୫-୨୬ ବର୍ଷରେ ଆୟ, ବ୍ୟୟ ଏବଂ ବିଭିନ୍ନ ଜନଶୁଣାଣି କାର୍ଯ୍ୟରେ ଅଭିଯୋଗ କାରିମାନଙ୍କୁ ପ୍ରଦାନ କରାଯାଇଥିବା ସହାୟତା ରାଶି ଉପରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ବୈଠକରେ ଅଧ୍ୟକ୍ଷ ଶ୍ରୀ ପ୍ରଧାନ ପ୍ରାଣ ନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସହ ପ୍ରତ୍ୟେକ ବ୍ଲକରେ ରେଡକ୍ରସ୍ ରକ୍ତ ଦାନ ଶିବିର କରିବାକୁ ପ୍ରତ୍ୟେକ ବ୍ଲକର ବିଡିଓ ଏବଂ ତହସିଲଦାର ଓ ପ୍ରାଥମିକ ତଥା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମେଡିକାଲ ଅଧିକାରୀ ମାନେ ମିଳିତ ଭାବେ ସେମାନଙ୍କ ଅଂଚଳର ମହାବିଦ୍ୟାଳୟ ମାନଙ୍କରେ ବହୁଳ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ବିଭିନ୍ନ କାର୍ଯ୍ୟାଳୟର ରେଡକ୍ରସ୍ କାର୍ଯ୍ୟକଳାପ ଉପରେ ଅଧ୍ୟକ୍ଷ ଶ୍ରୀ ପ୍ରଧାନ ସମୀକ୍ଷା କରିଥିଲେ । ସେହିପରି ଶିଶୁ ଯତ୍ନ ଅନୁଷ୍ଠାନ ମାନଙ୍କରେ ରେଡକ୍ରସ୍ ତରଫରୁ ପ୍ରଦାନ କରାଯାଉଥିବା ସହାୟତା ରାଶି ରେ ଉନ୍ନତ ମାନର ଖୁବ୍ ପରିଚିତ କମ୍ପାନୀର ଜିନିଷ ଲଗାଇବାକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ବିଡିଓ, ତହସିଲଦାର, ଗ୍ରାମ୍ୟ ନିର୍ମାଣ ବିଭାଗ, ପୂର୍ତ୍ତ, ବେସାମରିକ ଯୋଗାଣ ବିଭାଗ, ଆଂଚଳିକ ପରିବହନ ଅଧିକାରୀ, ଜିଲ୍ଲା ସମାଜ କଲ୍ୟାଣ ବିଭାଗ, ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ରେଡକ୍ରସ୍ ପାଣ୍ଠି ଆଦାୟ ଚଳିତ ବର୍ଷ ଯଥେଷ୍ଟ ପରିମାଣରେ ବୃଦ୍ଧି କରିବା ପାଇଁ ସଂପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଶ୍ରୀ ପ୍ରତାପ ଚନ୍ଦ୍ର ବେହେରା ଜିଲ୍ଲାରେ ରେଡକ୍ରସ୍ ପାଣ୍ଠି ଆଦାୟ ବୃଦ୍ଧି ଦିଗରେ ଗୁରୁତ୍ୱାରୋପ କରି କଂଟାକ୍ଟର ମାନଙ୍କୁ ଯେତେବେଳେ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି ସେତେବେଳେ ଜିଲ୍ଲା ରେଡକ୍ରସ୍ ପାଣ୍ଠି ପାଇଁ ରସିଦ କାଟିବାକୁ ପରାମର୍ଶ ଦେଇଥିଲେ । ରେଡକ୍ରସ୍ ପାଣ୍ଠିର ବିନିଯୋଗ ଅତି ଜରୁରୀ କାର୍ଯ୍ୟରେ ଜିଲ୍ଲାପ୍ରଶାସନ ପକ୍ଷରୁ ଲୋକଙ୍କ ହିତରେ ବ୍ୟବହାର କରାଯାଉଥିବାରୁ ସମସ୍ତ ଅଧିକାରୀ କର୍ତ୍ତବ୍ୟ ପାରାୟଣ ହୋଇ ରେଡକ୍ରସ ପାଣ୍ଠି ଆଦାୟ ନିଶ୍ଚିତ ଭାବେ ବୃଦ୍ଧି କରିବା ପାଇଁ କହିଥିଲେ । ଅଦ୍ୟ ତାରିଖ ସୁଦ୍ଧା ଜିଲ୍ଲା ରେଡକ୍ରସ୍ ପାଣ୍ଠି ଖାତାରେ ୧,୨୯,୬୮,୩୭୧.୦୦ ଅର୍ଥ ଅଛି ଓ ସେହିପରି ସ୍ଥାୟୀ ଜମାରାଶି ବିଭିନ୍ନ ବ୍ୟାଙ୍କରେ ଥିବା ଜମାରାଶିକୁ ନେଇ ୬,୩୬,୩୨,୮୫୭.୦୦ ଥିବା ବୈଠକରୁ ସୂଚନା ମିଳିଛି । ଏହି ପରିପ୍ରେକ୍ଷୀରେ ଡେପୁଟୀ କଲେକ୍ଟର, ଜରୁରୀ ୨୦୨୪-୨୫ ଏବଂ ୨୦୨୫-୨୬ ବର୍ଷର ବିସ୍ତୃତ ଆୟ ବ୍ୟୟ ଉପସ୍ଥାପନ କରିଥିଲେ । ବୈଠକରେ ପ୍ରାଣ ନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧ୍ୟାପକ, ପଦାର୍ଥ ବିଜ୍ଞାନ ସୁବୋଧ କୁମାର ଜଗଦେବ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଳ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ମୀରା ବେହେରା, ଆଂଚଳିକ ପରିବହନ ଅଧିକାରୀ, ଖୋର୍ଦ୍ଧା ଅରବିନ୍ଦ ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ଜିଲ୍ଲା ପଂଚାୟତ ଅଧିକାରୀ ଶୁଭେନ୍ଦୁ କୁମାର ନାୟକ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ସମସ୍ତ ବି ଡି ଓ, ତହସିଲଦାର, ପୌର ପରିଷଦ ଓ ବିଜ୍ଞାପିତ ଅଂଚଳ ନିର୍ବାହୀ ଅଧିକାରୀ, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାର୍ଟମେଂଟ ଯନ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ ।

ଲୋକ ମହୋତ୍ସବ ଚଇତି -୨୦୨୫ର ସ୍ମରଣିକା ଓ କ୍ରୀଡା ଉପସମିତିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ରାୟଗଡ, ୫/୧୨ (ଆ.ପ୍ର) : ରାୟଗଡ ଲୋକମହୋତ୍ସବ ଚଇତି -୨୦୨୫ର ସ୍ମରଣିକା ଓ ରାତ୍ରି ରହଣି ବ୍ୟବସ୍ଥା ନିମନ୍ତେ ଉପ ସମିତି ବୈଠକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅପରାହ୍ନ ୪ ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି । ଉପଜିଲ୍ଲାପାଳ ରାୟଗଡ ରମେଶ କୁମାର ଜେନା ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନଲାଲ ମାଝୀ, ଉପ ନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଡ: ଦୁଷ୍ମନ୍ତ କୁମାର ମହାନ୍ତି, କୈଳାସଚନ୍ଦ୍ର ସ୍ୱାଇଁ ସମେତ ମାନ୍ୟଗଣ୍ୟ ସାହିତ୍ୟିକ ଓ କମିଟି ସଦସ୍ୟ ଉପସ୍ଥିତ ଥିଲେ । ଓଡିଆ, ହିନ୍ଦି, ତେଲୁଗୁ ଓ ଇଂରାଜୀ ଭାଷାରେ ଲେଖା ଆହ୍ୱାନ କରାଯିବ । ଡିସେମ୍ବର ୧୬ ତାରିଖ ସୁଦ୍ଧା ଲେଖାଗୁଡିକ ପହଂଚିଲେ ଠିକ ସମୟରେ ସ୍ମରଣିକା ପ୍ରକାଶ ପାଇପାରିବ ବୋଲି ସ୍ଥିର କରାଗଲା । ଲେଖାଗୁଡିକ ପ୍ରକୃତି ଓ ରାୟଗଡ ରୀତିନୀତି, ଚାଲିଚଳନ, ସରକାରୀ ଯୋଜନା ସମ୍ବଳିତ ହେବା ବଧେୟ ବୋଲି ସ୍ଥିର ହୋଇଥିଲା । ସେହିପରି ଆଇଟିଡିଏ ସଦଭାବନା କକ୍ଷରେ କ୍ରିଡା ଉପକମିଟି ବୈଠକ ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବସନ୍ତକୁମାର ପ୍ରଧାନ, ଜିଲ୍ଲା କ୍ରିଡା ଅଧିକାରୀ ସେଖ ଅଲ୍ଲାନୂର, ଏନସିସି ଅଧିକାରୀ ଗିତାରାଣୀ ମିଶ୍ର, ସୁଜାତା ମାନ୍ଦଲା ସମେତ ସମସ୍ତ ସଦସ୍ୟ ଓ କ୍ରୀଡାବିତ ଯୋଗଦେଇଥିଲେ । ବିଭିନ୍ନ କ୍ରିଡା ପ୍ରତିଯୋଗିତାର ତାଲିକା ପ୍ରସ୍ତୁତି ସହ ପ୍ରତି ପ୍ରତିଯୋଗିତା ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା । ପାୱାର ଲିଫ୍ଟ, ୱେଟ ଲିଫ୍ଟ, ବଡି ବିଲ୍ଡିଂ, ବାସ୍କେଟବଲ, ବେଡ ମିଂଟନ, ମାରାଥନ, ପୁରୁଷ,ମହିଳା ଓ ତୃତୀୟଲିଙ୍ଗଙ୍କ କବାଡି, ଭଲିବଲ, ଓ୍ୱାକେଥନ, ସ୍ଲୋ ସାଇକେଲ, ସ୍ଲୋ ସାଇକେଲ, ଭଲିବଲ ଆଦି କ୍ରିଡା ପ୍ରତିଯୋଗିତା ଆୟୋଜନ ନିମନ୍ତେ ନିଷ୍ପତି ହୋଇଥିଲା । ଆସନ୍ତା ୧୦ ତାରିଖ ଠାରୁ ପ୍ରତିଯୋଗିତାମାନ ଆୟୋଜିତ ହେବ ବୋଲି ସ୍ଥିରୀକୃତ ହେଲା ।

ସ୍ୱର୍ଗୀୟ ରାଜେନ୍ଦ୍ର ସାହୁଙ୍କ ଶୋକସଭା ଅନୁଷ୍ଠିତ

ଧର୍ମଗଡ଼, ୫/୧୨ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ସାହୁଙ୍କ ଅକାଳ ବିୟୋଗରେ ଏକ ଶୋକସଭା କରି ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଛି । ଧର୍ମଗଡ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି କବିରାଜ ଦୁର୍ଗାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକ ସଭାରେ ଉପଦେଷ୍ଟା ଲୋକନାଥ ବେହେରା ସ୍ୱର୍ଗତ ଶ୍ରୀ ସାହୁ ଙ୍କର କାର୍ଯ୍ୟ ଦକ୍ଷତା, କର୍ତ୍ତବ୍ୟ ନିଷ୍ଠା ଓ ସମୟ ସେବା ଉପରେ ଆଲୋକପାତ କରିଥିଲେ । ସଂପାଦକ ରାଜେନ୍ଦ୍ର ଭୋଇ, ସହ ସଂପାଦକ ଧରଣୀଧର ଧଙ୍ଗଡାମାଝୀ, ଉପ ସଭାପତି ପ୍ରମୋଦ କୁମାର ହଂସ ସମେତ ଫୁଲେଶ୍ୱର ସେନାପତି, ତ୍ରିଲୋଚନ ବାଗ, ଭୁଜବଳ ଗୋପାଳ, ସୁବାସ ଚନ୍ଦ୍ର ସାହୁ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ । ସୁଚନା ଯୋଗ୍ୟ ଯେ, ସ୍ୱର୍ଗତ ସାହୁ କର୍ଲାପଡା ହାଇସ୍କୁଲ୍ ରେ ଶିକ୍ଷକତା ଆରମ୍ଭ କରି ଟାଉନ ହାଇ ସ୍କୁଲ, ମାଣିକେଶ୍ୱରୀ ହାଇ ସ୍କୁଲ,ଭବାନୀପାଟଣା ରୁ ପଦୋନ୍ନତି ପାଇ ଲାଞ୍ଜିଗଡ ବ୍ଲକର ବିଶ୍ୱନାଥ ପୁର ହାଇସ୍କୁଲ ରେ ପ୍ରଧାନ ଶିକ୍ଷକ ଭାବେ ସଫଳତାର ସହ କାର୍ଯ୍ୟକରି ୨୦୨୧ ମସିହାରେ ଅବସର ଗ୍ରହଣ କରିଥିଲେ । ସେ ଭବାନୀ ପାଟଣା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ସଭାପତି ଓ ସଂପାଦକ ରୂପେ ଦାୟିତ୍ୱ ତୁଲାଇ ଶିକ୍ଷକ ମହଲରେ ପ୍ରିୟଭାଜନ ହୋଇ ପାରିଥିଲେ । ଜୀବନର ଅନ୍ତିମ ସମୟ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସାଧାରଣ ସଂପାଦକ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ ।ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ରାଜେନ୍ଦ୍ର ସାହୁ ଗତ ୪ ତାରିଖ ଦିନ ସକାଳେ ଭବାନୀ ପାଟଣାରୁ କୁସୁମଦର ଗାଁକୁ ବାଇକରେ ଯିବାବେଳେ କୁଳିଆମାଳ ନିକଟରେ ଏକ ପିକଅପ ତାଙ୍କୁ ସାମ୍ନାରୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା ।

ଜିଲ୍ଲାସ୍ତରୀୟ ଯୌତୁକ ନିଷେଧ ଅଧିନିୟମ ୧୯୬୧ ସମ୍ବନ୍ଧୀୟ ତାଲିମ ଶିବିର

ନବରଙ୍ଗପୁର, ୫/୧୨ (ଆ.ପ୍ର) : ଜିଲ୍ଲା ସମାଜ କଲ୍ୟାଣ ବିଭାଗ ନବରଙ୍ଗପୁର ଦ୍ୱାରା ଅଶୋକ ମେହେଡା ସମ୍ମିଳନୀ ଗୃହରେ ଯୌତୁକ ନିଷେଧ ଅଧିନିୟମ ୧୯୬୧ ସମ୍ବନ୍ଧୀୟ ତାଲିମ ଶିବିର ଆୟୋଜିତ ହୋଇଯାଇଛି । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର ଉକ୍ତ ତାଲିମ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ଯୌତୁକ ନିଷେଧ ଅଧିକାରୀ ଯୌତୁକ ନିର୍ଯାତନାରେ ଆସୁଥିବା ଅଭିଯୋଗ ଗୁଡ଼ିକ ସମାଧାନ ଓ ନିରାକରଣ କିପରି ହେବ ତା ଉପରେ ମତ ରଖି ଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ସମାଜରେ ଯୌତୁକ ପ୍ରଥା ଏବଂ ଏହା ସହିତ ଜଡ଼ିତ ଅପରାଧ, ନିର୍ଯାତନା ଏକ ସାମାଜିକ ବ୍ୟାଧି ଓ ଦଣ୍ଡନୀୟ ଅପରାଧ, ଯୌତୁକ ନେବା ଓ ଦେବା ଏକ ଅପରାଧ ଏବଂ ଏହାର ମୂଳୋତ୍ପାଟନ ନିମନ୍ତେ ସମସ୍ତଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି କହିଥିଲେ । ଯୌତକ ଅପରାଧ ଘଟିବାର ମୁଖ୍ୟ କାରଣ ସାମାଜିକ ପରମ୍ପରା, ଲିଂଗଗତ ଅସମାନତା,ଆର୍ଥିକ ଲୋଭ, ସଚେତନତା ଓ ଶିକ୍ଷାର ଅଭାବ, ନକଲି ସାମାଜିକ ପ୍ରତିଷ୍ଠା, ପ୍ରଭାବହୀନ ଆଇନଗତ କାର୍ଯ୍ୟାନୁଷ୍ଠାନ । ଜିଲ୍ଲାପାଳ ଯୌତୁକ ପାଇଁ ଘଟୁଥିବା ଅପରାଧ ଓ ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ଆହ୍ୱାନ ଦେଇଥିଲେ ଏବଂ ଯୌତୁକ ନିଷେଧ ଅଧିନିୟମ ୧୯୬୧ କିପରି ତୃଣମୂଳ ସ୍ତରରେ ପହଂଚାଯାଇ ପାରିବ ତାହା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏସ ଡି ପି ଓ ସରୋଜ ପୁନମ୍ କିଣ୍ଡୋ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପ୍ରତିନିଧି ଭାବେ ଓକିଲ ରାକ୍ଷୀ ଜୈନ ସାଧନ କର୍ମୀ ଭାବରେ ଉପସ୍ଥିତ ରହି ଯୌତୁକ ନିର୍ଯାତନା ଓ ଏହାର ନିରାକରଣ, ଆଇନଗତ କାର୍ଯ୍ୟାନୁଷ୍ଠାନ ଉପରେ ତାଲିମ ପ୍ରଦାନ କରିଥିଲେ । ସର୍ବୋପରି ଝିଅ ମାନେ ଶିକ୍ଷିତ ଏବଂ ଆତ୍ମନିର୍ଭର ହେଲେ ଓ ବିବାହ ପରବର୍ତୀ ଯୌତୁକ ନିର୍ଯାତନା ହେଲେ ଆଇନଗତ ସାହାଯ୍ୟ ନେଲେ ଏହି ସାମାଜିକ ବ୍ୟାଧି ଅଚିରେ ଲୋପ ପାଇବ ବୋଲି ମତ ପ୍ରକାଶ ପାଇଥିଲା । ଏହି ତାଲିମ ଶିବିରରେ ଏଡିପିଏଚ ଓ ଡାକ୍ତର ମଳୟ କୁମାର ତ୍ରିପାଠୀ, ଡିଇଓ ଛତ୍ରପତି ସାହୁ, ଡିଆଇପିଆର୍ ଓ ମନୋଜ ବେହେରା, ଶିଶୁ ସୁରକ୍ଷା ଅଧିକାରୀ ରାକେଶ ପଟ୍ଟନାୟକ, ଏଡିଡ଼ବ୍ଲୁ ଓ ଭାରତ ଚନ୍ଦ୍ର ସାହୁ, ଧାର୍ମିକ ଅନୁଷ୍ଠାନ ସୁନୀ ଅଞ୍ଜୁମାନ୍ କମିଟିର ସଦସ୍ୟ, ରେଭ ଡ ବିସପ ନାଗ, ୱାନ ଷ୍ଟପ ସେଂଟରର କର୍ମକର୍ତ୍ତା, ନବରଙ୍ଗପୁର ମହାବିଦ୍ୟାଳୟ ଉପାଧ୍ୟକ୍ଷ ସଙ୍ଗୀତା ତ୍ରିପାଠୀ ଓ ଛାତ୍ରୀ, ଶୋଭା ଏନ୍ ଜି ଓର ଜିଲ୍ଲା ପ୍ରତିନିଧିପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟରେ ଜିଲ୍ଲା ମହିଳା ସଶକ୍ତି କେନ୍ଦ୍ର କର୍ମଚାରୀମାନେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଧିକାରୀ ରୋମା ପଟ୍ଟନାୟକ ଏହି ତାଲିମ ଶିବିରକୁ ସମ୍ପାଦନ କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ୍ ଜଣାଇ ସଭା ସମ୍ପନ୍ନ କରିଥିଲେ ।

କରଞ୍ଜଆଡ଼ିଆ ସରକାରୀ ଉଚ୍ଚ ବିଦ୍ୟାଳୟ ମଲ୍ଲିକାଦେଇ ପୁରଠାରେ ବ୍ଲକ ସ୍ତରୀୟ ବାଲ୍ ବୈଜ୍ଞାନୀକ ଏବଂ ଇକୋକ୍ଲବ୍ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଛି

ବାସୁଦେବପୁର, ୫/୧୨ (ଆ.ପ୍ର) : ଭଦ୍ରକ ଜିଲ୍ଲା ବାସୁଦେବ ପୁର ବ୍ଲକ ଅନ୍ତର୍ଗତ ନାଇକାଣିଡିହି ଗ୍ରାମ ପଂଚାୟତର କରଞ୍ଜଆଡ଼ିଆ ସରକାରୀ ଉଚ୍ଚ ବିଦ୍ୟାଳୟ ମଲ୍ଲିକାଦେଇ ପୁର ଠାରେ ବାସୁଦେବ ପୁର ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନୀକ ଏବଂ ଇକୋକ୍ଲବ୍ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଛି । ଆଜିର ଆଧୁନିକ ଯୁଗରେ ବିଜ୍ଞାନ ବଳରେ ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ ହୋଇପାରୁଛି, ଏହି ବିଜ୍ଞାନ ମେଳାରେ ୨୫୦ଟି ପ୍ରୋଜେକ୍ଟ ଛାତ୍ର ଛାତ୍ରୀ ମାନେ ଆଣିଥିଲେ, ଏହି ବିଜ୍ଞାନ ମେଳାରେ ବିଚାରକ ମଣ୍ଡଳୀ ଭାବରେ ଯୋଗଦେଇ ଥିଲେ ବନମାଳୀ ନାୟକ, ଧର୍ମେନ୍ଦ୍ର ନାୟକ, ମୁଖ୍ୟ ଅତିଥି ଅଚ୍ୟୁତାନନ୍ଦ ପାତ୍ରୀ, ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି, ବରେଣ୍ୟ ଅତିଥି ଶ୍ରୀମତି ତନ୍ମିତା କର, ବାସୁଦେବ ପୁର ବିଡ଼ିଓ, ମୁଖ୍ୟଅତିଥି ଜଗବନ୍ଧୁ ସାହୁ ଅତିରିକ୍ତ ଜିଲ୍ଲା ଶିକ୍ଷ୍ୟା ଅଧିକାର ଭଦ୍ରକ, ସଭାପତି ସୂର୍ଯ୍ୟଶିଖା ମହାନ୍ତି, ଗୋଷ୍ଠୀ ଶିକ୍ଷ୍ୟା ଅଧିକାରିଣୀ ବାସୁଦେବ ପୁର, ସମ୍ମାନିତ ଅତିଥି, କୃଷ୍ଣଚନ୍ଦ୍ର ଘଡ଼େଇ, ଜିଲ୍ଲା ପରିଷଦଙ୍କ ପ୍ରତିନିଧି, ସମ୍ମାନିତ ଅତିଥି ଶ୍ରୀମତି ଉର୍ମିଳା କର, ତପନ କୁମାର ଦ୍ୱିବେଦୀ, ଅମିୟ କୁମାର ମହାଲିକ ଏବିଇ, ଓ ବାସୁଦେବ ପୁର, ଆୟୋଜକ ହେଲେ ପାର୍ଥସାରଥୀ ବିଶ୍ୱାଳ, ପ୍ରଧାନ ଶିକ୍ଷକ କରଞ୍ଜଆଡ଼ିଆ ସରକାରୀ ଉଚ୍ଚ ବିଦ୍ୟାଳୟ ମଲ୍ଲିକାଦେଇ ପୁର, ବିଜ୍ଞାନ ସଂଯୋଜକ ନିତ୍ୟାନନ୍ଦ ପାତ୍ର,ମଂଚ ପରିଚାଳନା କରୁଥିଲେ ଶ୍ରୀଯୁକ୍ତ ଅମିୟ କୁମାର ପାଣିଗ୍ରାହି, ଧନ୍ୟବାଦ୍ ଅର୍ପଣ କରିଥିଲେ ଲଳିତ ମୋହନ ରାୟ, ସିଆର, ସିସିଙ୍କ ସମେତ ବାସୁଦେବ ପୁର ବ୍ଲକର ସମସ୍ତ ସିଁ, ଆରସିସି ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ର ଛାତ୍ର ଛାତ୍ରୀ ଓ ଅଭିଭାବକ ମାନେ ଉପସ୍ଥିତ ଥିଲେ । ମଂଚରେ ଅତିଥି ମାନେ ଛାତ୍ର ଓ ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଛନ୍ତି ।

ରଘୁନାଥପୁର ଆଇସିଡିଏସ ପକ୍ଷରୁ ପୋଷଣ ଭି ପଢାଇ ଭି ୩ ଦିନଆ କର୍ମଶାଳା ଉଦ୍‌ଯାପନ



ଜଗତସିଂହପୁର, ୫/୧୨ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଆଇସିଡିଏସ ପକ୍ଷରୁ ଜ୍ୟୋତିମହାସଂଘ ସଭାକକ୍ଷରେ ଅଙ୍ଗନୱାଡି କର୍ମୀ ମାନଙ୍କୁ ନେଇ ଆୟୋଜିତ ପୋଷଣ ଭି ପଢାଇ ଭି ୩ ଦିନିଆ ପ୍ରଶିକ୍ଷଣ ଶିବିର ଉଦାପନ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିରଟି ଗତ ମଙ୍ଗଳବାର ଠାରୁ ଆରମ୍ଭ ହୋଇ ଶୁକ୍ରବାର ଏହାର ଉଦାପନ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସିଡିପିଓ ତୃପ୍ତିମୟୀ ମହାନ୍ତି ଯୋଗଦେଇ ସରକାରଙ୍କ ପୋଷଣ ଭି ପଢାଇ ଭି ଯୋଜନା କୁ ସଠିଭାବେ ନିୟୋଜିତ କରି କୁନିକୁନି ପିଲାମାନଙ୍କ ଶିକ୍ଷାଦାନ ତଥା ମାନସିକ ଓ ଶାରୀରିକ ଅଭିବୃଦ୍ଧି ହେସହଯୋଗ କରିବାପାଇଁ ଉପଦେଶ ଦେଇଥିଲେ । ଏହି ଉଦାପନ ଉତ୍ସବରେ ମୁଖ୍ୟବକ୍ତା ଭାବେ କାର୍ଯ୍ୟାଳୟର ସେକ୍ସନଅଫିସର ପ୍ରଣୟ ସ୍ୱାଇଁ ଯୋଗଦେଇ ସରକାରଙ୍କ ଯୋଜନା କିପରି ସଫଳହେବ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସୁପରଭାଇଜର ସୋନାଲି ପ୍ରିୟଦର୍ଶିନୀ, ଲିପସା ପ୍ରିୟଦର୍ଶିନୀ,ବିଜୟଲକ୍ଷ୍ମୀ ପଣ୍ଡା ଯୋଗଦେଇ ଉପସ୍ଥିତ ରହିଥିଲେ ।ଏଥିରେ ପ୍ରିୟଦର୍ଶିନୀ ମହାପାତ୍ର, ସୁପ୍ରିୟା ମହାନ୍ତି, ଶିବଚରଣ ମହାନ୍ତି, ସୁକଦେବ ମଲ୍ଲିକ ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ମାନେ ସହାୟତା ପ୍ରଦାନ କରିଥିଲେ ।

ଖୋର୍ଦ୍ଧା ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳା -୨୦୨୫ଅନୁଷ୍ଠିତ

ଖୋର୍ଦ୍ଧା, ୫/୧୨ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାସ୍ଥ ବି.କେ.ବି. ଉଚ୍ଚ ବିଦ୍ୟାଳୟ ପରିସରରେ ଖୋର୍ଦ୍ଧା ଜିଲ୍ଲା ସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ବାଲ୍ (ଶିଶୁ)ବୈଜ୍ଞାନିକ ମେଳା ୨୦୨୫ ଅନୁଷ୍ଠିତ ହୋଇଯାଇଅଛି । ଏହି ମେଳାରେ ଖୋର୍ଦ୍ଧା ଜିଲ୍ଲାର ୧୦ଟି ବ୍ଲକ୍ ଓ ଭୁବନେଶ୍ୱର ମହାନଗର ନିଗମ କୁ ନେଇ ରାଷ୍ଟ୍ରୀୟ ଆବିଷ୍କାରରେ ୬୬ ଟି ବିଜ୍ଞାନ ପ୍ରକଳ୍ପ ସ୍ଥାନ ପାଇଥିବା ବେଳେ ବାଲ୍ (ଶିଶୁ)ବୈଜ୍ଞାନିକ ପ୍ରଦର୍ଶନୀରେ ୬୮ ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ଏହି ପ୍ରଦର୍ଶନୀ ମେଳାକୁ ଜିଲ୍ଲା ଶିକ୍ଷା ଅଧିକାରୀ, ଖୋର୍ଦ୍ଧା, ସୋନାମିକା ରାୟ ଶୁଭ ଉଦ୍ଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଜ୍ଞା ପାରମିତା ଜେନା, ବିଜୟ କୁମାର ବେହେରା ଓ ରଶ୍ମୀବାଳା ପରିଡା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଥିବା ବେଳେ ବାଣପୁର ବ୍ଲକର ଗୋଷ୍ଠି ଶିକ୍ଷା ଅଧିକାରୀ ସନାତନ ଜାଳି, ଖୋର୍ଦ୍ଧା ବ୍ଲକର ଗୋଷ୍ଠି ଶିକ୍ଷା ଅଧିକାରୀ ଯାଜ୍ଞସେନୀ ସାହୁ, ଖୋର୍ଦ୍ଧା ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ କୁମାର ସିଂହ ଓ ବିକେବି ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବିଷ୍ଣୁ ପ୍ରସାଦ ସେନାପତି ପ୍ରମୁଖ ଯୋଗ ଦେଇଥିଲେ । ଚଳିତ ବର୍ଷର ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ବାଲ୍ (ଶିଶୁ)ବୈଜ୍ଞାନିକ ମେଳା ର ମୁଖ୍ୟ ବାର୍ତା 'ଆମେ କିପରି ପ୍ଲାଷ୍ଟିକ୍‌ର ବ୍ୟବହାର କମାଇ ପରିବେଶକୁ ପ୍ରଦୂଷଣ ମୁକ୍ତ ରଖିବା 'ଉପରେ ବିଜ୍ଞାନ ଶିକ୍ଷକ ମାନଙ୍କୁ ନେଇ ଏକ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ଉଦଯାପନୀ ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଜାତୀୟ ବିଜ୍ଞାନ ଓ ଶିକ୍ଷା ଗବେଷଣା ସଂସ୍ଥାନ (ନାଇଜର)ର ପଦାର୍ଥ ବିଜ୍ଞାନ ପ୍ରଫେସର ଡକ୍ଟର ତପନ ମିଶ୍ର ଯୋଗ ଦେଇଥିଲେ, ସମ୍ମାନିତ ଅତିଥି ଭାବରେ ଗୋଷ୍ଠି ଶିକ୍ଷା ଅଧିକାରୀ ବୋଲଗଡ଼ ପ୍ରମୋଦ କୁମାର ସ୍ୱାଇଁ, ଟାଙ୍ଗୀ ଗୋଷ୍ଠି ଶିକ୍ଷା ଅଧିକାରୀ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ବାଣପୁର ଗୋଷ୍ଠି ଶିକ୍ଷା ଅଧିକାରୀ ସନାତନ ଜାଳି, ଚିଲିକା ଗୋଷ୍ଠି ଶିକ୍ଷା ଅଧିକାରୀ ଦ୍ୱାରିକାନାଥ ବେହେରା, ବାଲିପାଟଣା ଗୋଷ୍ଠି ଶିକ୍ଷା ଅଧିକାରୀ ପ୍ରଭାତ କୁମାର ରଥ, ବାଲିଅନ୍ତା ଗୋଷ୍ଠି ଶିକ୍ଷା ଅଧିକାରୀ ଭକ୍ତ ବତ୍ସଳ ମହାପାତ୍ର ଏବଂ ଗୋଷ୍ଠି ଶିକ୍ଷା ଅଧିକାରୀ, ଟାଙ୍ଗୀ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ ଯୋଗ ଦେଇଥିଲେ । ଏହି ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ର ଓ ଛାତ୍ରୀ ମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରଯାଇଥିଲା । ଏହି ମେଳାରେ ଓଷାର ଜିଲ୍ଲା ସଂପାଦକ ସୁଧାକର ମହାପାତ୍ର, ଜୁନିଅର ରେଡକ୍ରସ୍ ଅଧିକାରୀ ତୋଫାନ କୁମାର ରାଉତରାୟ, ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଦିଲ୍ଲୀପ କୁମାର ମୁଦି, ପ୍ରଧାନ ଶିକ୍ଷକ ଗଣେଶ୍ୱର ମିଶ୍ର, ଅଜୟ କୁମାର ବରାଡ, ବିଚିତ୍ରାନନ୍ଦ ମହାନ୍ତି, ସନ୍ତୋଷ କୁମାର ମହାନ୍ତି,ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଜିଲ୍ଲା ସଭାପତି ଅଗାଧୁ ସେଠୀ, କ୍ଲଷ୍ଟର ସାଧନ କେନ୍ଦ୍ର ସଂଯୋଜିକା ଓ ସଂଯୋଜକ ରେବତୀ ପଣ୍ଡା, ପ୍ରସନ୍ନ ମହାପାତ୍ର, ରବିନାରାୟଣ ପଣ୍ଡା, ପ୍ରଫୁଲ୍ଲ ବେହେରା, ରବିନାରାୟଣ ସାହୁ, କଳ୍ପନା ରାଉତ ଓ ବିକେବି ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଛାତ୍ର ଛାତ୍ରୀ, ଅଭିଭାବକ, ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ପ୍ରମୁଖ ଯୋଗଦେଇଥିଲେ ।

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବରମୁଣ୍ଡଳୀରେ ମା' ରମାଦେବୀଙ୍କ ଜନ୍ମ ଜୟନ୍ତୀ ପାଳିତ

ଜଗତସିଂହପୁର, ୫/୧୨ (ଆ.ପ୍ର) : ଜଗତସିଂହପୁର ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀଙ୍କ ଏକ୍ସୁଡ଼ିଶାଳ ଅଳକା ଆଶ୍ରମ ପକ୍ଷରୁ ବ୍ଲକ ସଂଯୋଜକ ରମେଶ ଚନ୍ଦ୍ର ବହିଡାଙ୍କ ଆୟୋଜନରେ ବାଲିକୁଦା ବ୍ଲକର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବରମୁଣ୍ଡଳୀରେ ମା' ରମାଦେବୀଙ୍କ ୧୨୫ତମ ଜନ୍ମ ଜୟନ୍ତୀ ପାଳନ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସର୍ବେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ପ୍ରାକ୍ତନ ଶିକ୍ଷକ ପ୍ରେମାନନ୍ଦ ପରିଡା, ପ୍ରିତ୍ର କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ମା' ରମାଦେବୀଙ୍କ ମାଟିପ୍ରୀତି ଓ ସ୍ୱାଧୀନତା ଆନ୍ଦୋଳନରେ ବିଶେଷ ଭୂମିକା ଉପରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବ କବି ସବ୍ୟସାଚୀ ତ୍ରିପାଠୀ, ବିଦ୍ୟାଳୟର ଶିକ୍ଷକ ଶଙ୍କରେଶ୍ୱର ଦାସ ଓ ମଧୁରି ଚରଣ ଦଳାଇ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ରମାଦେବୀଙ୍କ ଆଦର୍ଶ ଓ ସମର୍ପିତ ଜୀବନ ଉପରେ ମନ୍ତବ୍ୟ ରଖିଥିଲେ । ଏହି ଛାତ୍ର ସମ୍ମିଳନୀରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା କରାଯାଇଥିଲା । କବି ରଞ୍ଜିତ କୁମାର ଦାସ ବିଦ୍ୟାଳୟର ଗୁରୁମା କ୍ଷଣପ୍ରଭା ସ୍ୱାଇଁ, ସୁଦେଷ୍ଣା ସାହୁ, ସୁଶାନ୍ତି ସ୍ୱାଇଁ, ନିର୍ମଳା ସାହୁ, ପୂଜା ରାଣୀ ଓଝା, କରିସ୍ମା ବାରିକ, ସରସ୍ୱତୀ ମୁଦୁଲି, ବନିତା ଦଳାଇ, ରୁକ୍ମିଣୀ ସାହୁ, ନିକିତା ପାତ୍ର, ଏଲିନା ପ୍ରିୟଦର୍ଶିନୀ ନାୟକ, ପ୍ରତୀକ୍ଷା ପ୍ରିୟ ଦର୍ଶିନୀ ଶୁକ୍ଳା, ଶୁଭଲକ୍ଷ୍ମୀ ଶୁକ୍ଳା , ଅନ୍ନପୂର୍ଣ୍ଣା ଦାସ ଓ ମଧୁସ୍ମିତା ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଦ୍ୟାଳୟର ଗୁରୁମା ଅନିମା ସୁନ୍ଦରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ସେଇଠୁ ଆରମ୍ଭ
SEITHO ARAMBHA

ସ୍ୱାମୀ ରୁଦ୍ରବେଶାନନ୍ଦ ଗିରି ମହାରାଜଙ୍କ ଦ୍ୱାରା ଜ୍ଞାନଦୀପ ପ୍ରଜ୍ୱଳନ ଯାତ୍ରାର ଶୁଭାରମ୍ଭ

ନୀଳଗିରି, ୦୫/୧୨ (ଆ.ପ୍ର) : ପ୍ରତିଘରେ ଶାସ୍ତ୍ରପାଠ - ପ୍ରତିଘରେ ଜଗନ୍ନାଥ, ଏହି ଲକ୍ଷ୍ୟରେ ସ୍ୱାମୀ ରୁଦ୍ରବେଶାନନ୍ଦ ଗିରି ମହାରାଜ ସମଗ୍ର ଓଡ଼ିଶାରେ ଏକ ଜ୍ଞାନଦୀପ-ପ୍ରଜ୍ୱଳନ-ଯାତ୍ରା ନୀଳଗିରି ଗୁଣ୍ଡିଚାମନ୍ଦିର ପ୍ରାଙ୍ଗଣରୁ ଶୁଭାରମ୍ଭ କରିଛନ୍ତି । ଗତ ମଙ୍ଗଳବାର ୨ତାରିଖ ସନ୍ଧ୍ୟା ୬.୩୦ଘଟିକା ସମୟରେ ମହାରାଜଙ୍କ ଦ୍ୱାରା କିଛି ଘରୁ ଭିକ୍ଷାଳବ୍ଧ ଅର୍ଥରେ ପ୍ରଥମେ ଜ୍ଞାନଦୀପ ପ୍ରଜ୍ୱଳନ କରାଯାଇଥିଲା । ତା ପରେ ଜ୍ଞାନଦୀପ ଜାଳିବାର ଉଦ୍ଦେଶ୍ୟ ସମ୍ବନ୍ଧରେ ସ୍ୱାମୀଜୀ ଉପସ୍ଥିତ ଜନଗଣଙ୍କୁ ନିଜ ପ୍ରବଚନ ସତ୍ରରେ ସମ୍ବୋଧିତ କରିଥିଲେ । ଗୀତା, ଭାଗବତର ସାରକଥାକୁ ମାନବଜୀବନରେ ବ୍ୟବହାରିକ କ୍ଷେତ୍ରରେ ପ୍ରୟୋଗକରିବାର ସରଳ ବ୍ୟାଖ୍ୟାନ କରିଥିଲେ । ଏଥିସହ ଉପସ୍ଥିତ ସମସ୍ତ ଶ୍ରୋତାମଣ୍ଡଳୀ ପ୍ରଜ୍ୱଳିତ ଜ୍ଞାନଦୀପକୁ ସାକ୍ଷୀରଖି ନିୟମିତ ଘରେ ଶାସ୍ତ୍ରପାଠର ସଂକଳ୍ପ ନେଇଥିଲେ । ଆଗାମୀ ଦିନରେ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲା ଏବଂ ପ୍ରମୁଖ ସ୍ଥାନମାନଙ୍କରେ ସ୍ୱାମୀଜୀଙ୍କ ଦ୍ୱାରା ଭିକ୍ଷାଳବ୍ଧ ଅର୍ଥରେ ଦୀପ ପ୍ରଜ୍ୱଳନ କରାଯାଇ ଲୋକଙ୍କୁ ଶାସ୍ତ୍ରପାଠ ସହିତ ନାମସଂକୀର୍ତ୍ତନ କରିବାକୁ ଲକ୍ଷ୍ୟ ରଖାଯାଇଥିବା ସ୍ୱାମୀଜୀ ସୂଚନା ଦେଇଥିଲେ । ପରେ ସାମୁହିକ ସଂକୀର୍ତ୍ତନ ପରେ ସଭା ସାଙ୍ଗ ହୋଇ ବେଳେ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବ୍ରହ୍ମାନନ୍ଦ ଦାସ, ଶରତ ଚନ୍ଦ୍ର ମହାପାତ୍ର, ଉତ୍ତମ କୁମାର ବିଶ୍ୱାଳ, ଜୟନ୍ତୀ ଦେବୀ ଓ ଅନ୍ୟାନ୍ୟ ବହୁ ଶାସ୍ତ୍ରପ୍ରେମୀ ସହଯୋଗ କରିଥିଲେ ।

ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଂଟର ତୃତୀୟ ଦିନରେ ମୟୂରଭଂଜ ବିଜୟୀ

ସୋର, ୦୫/୧୨ (ଆ.ପ୍ର) : ସୋର ୟୁଏନ୍ କଲେଜ ପଡ଼ିଆଠାରେ ଆଜି ସୋର ଫୁଟବଲ ଆସୋସିଏସନ୍ ଆନୁକୂଲ୍ୟରେ ମମତାଜ୍ ହୁସେନ୍ ମେମୋରିଆଲ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଂଟ ତୃତୀୟଦିନରେ ମୟୂରଭଂଜ ଏକାଦଶ ଏବଂ କଟକର ମଙ୍ଗଳା କ୍ଲବ ସହିତ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଖେଳ ହୋଇଥିଲା । ପ୍ରଥମାର୍ଦ୍ଧରେ ମ୍ୟାଚ୍ ୦-୦ ଥିବା ବେଳେ ଦ୍ୱିତୀୟ ଅର୍ଦ୍ଧରେ ପ୍ରଥମ ଦିନ ମ୍ୟାଚରେ ଗୋଲ ଦେଇଥିବା ଲୋଧା ସିଂ ପୁଣିଥରେ ୫୭ ମିନିଟରେ ଗୋଲ୍ ଦେଇ ଦଳକୁ ଅଗ୍ରଣି କରିଥିଲେ । ପରେ କୌଣସି ଗୋଲ୍ ନ ହେବାରୁ ମୟୂରଭଂଜ ଏକାଦଶ ବିଜୟୀ ହୋଇଥିଲା । ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଲୋଧ ସିଂଙ୍କୁ ଘୋଷଣା କରାଯାଇଥିଲା । ଆଜିର ମ୍ୟାଚକୁ ରାଜୁ ମହାନ୍ତି ଓ ଜ୍ୟୋତିରଂଜନ ସ୍ୱାଇଁ , ମାନସ ବିଶ୍ୱାଳ ଓ ଉତ୍ତମ ବାରିକ ଖେଳ ପରିଚାଳନା କରିଥିଲେ । ଭାଷ୍ୟକାର ଭାବେ ଭାଗୀରଥି ପାତ୍ର ଯୋଗଦେଇଥିଲେ । ଅତିଥି ଭାବେ ସୋର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଂଜନ ପ୍ରଧାନ ଯୋଗଦେଇଥିଲେ । ଏହାକୁ ସୋର ଫୁଟବଲ ଆସୋସିଏସନ୍‌ର ସଦସ୍ୟ ମନୋଜ ରାୟ, ମନୋରଞ୍ଜନ ଭଙ୍ଗସାଗରୟଚ, ରଶ୍ମିତା ତୃପ୍ତି, ନରେନ୍ଦ୍ର ମହାଳିକ, ସେକ୍ ସୁଲତାନ, ସେକ ଆଲିମୁଲ୍ଲା, ବିରେନ୍ଦ୍ର କୁମାର ସେଣ, ରଶ୍ମିତା ସାହୁ, ଆସପାକ୍ ଅଲ୍ଲୀ ସାହା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

ବିଧାନସଭାରେ ଭୋଗରାଇ ବିଧାୟକଙ୍କ ପ୍ରଶ୍ନ

ସୁବର୍ଣ୍ଣରେଖା ସଂସ୍କାର ଯୋଜନା ଅଧୀନରେ ଭୋଗରାଇ ଜଳ ନିଷ୍କାସନ

ଭୋଗରାଇ, ୦୫/୧୨ (ଆ.ପ୍ର) : ରାଜ୍ୟରେ ଆରମ୍ଭ ହୋଇଛି ବିଧାନସଭା ଅଧିବେଶନ । ଏନେଇ ଭୋଗରାଇ ନିର୍ବାଚନ ମଣ୍ଡଳୀ ବିଭିନ୍ନ ସମସ୍ୟା ନେଇ ପ୍ରଶ୍ନ ରଖିଛନ୍ତି ବିଧାୟକ । ସୁବର୍ଣ୍ଣରେଖା ସଂସ୍କାର ଯୋଜନା ଅଧୀନରେ ଦକ୍ଷିଣ ଭୋଗରାଇରୁ ଜଳ ନିଷ୍କାସନ ଲାଗି ପୂର୍ବ ସରକାର ମଞ୍ଜୁର କରିଥିବା ପ୍ରାୟ ୧୦୦ କୋଟି ଟଙ୍କାର ଅର୍ଥର ସୁବିନିଯୋଗ ସକାଶେ ଡ୍ରେନେଜ ବିଭାଗର ସର୍ଭେ ଓ ଜମି ଅଧିଗ୍ରହଣ କାର୍ଯ୍ୟ କେବେ ଆରମ୍ଭ ହେବ ଓ ଶେଷ ହେବ । ତାହା ସହିତ କେବେ ମସିହା ସୁଦ୍ଧା ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇ ଜଳ ନିଷ୍କାସନ ସମ୍ଭବ ହେବ ? ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁବର୍ଣ୍ଣରେଖା ସଂସ୍କାର ଅଧୀନରେ ଦକ୍ଷିଣ ଭୋଗରାଇ ଅଧୀନରେ ନିଷ୍କାସନ ଲାଗି ମଞ୍ଜୁର ହୋଇଥିବା ଭଣ୍ଡାରିଆ, ରଣକୋଠା, ପଥୁରେଶ୍ୱର ଜଳ ନିଷ୍କାସନ ପାଇଁ ବ୍ୟୟ ୯୯.୭ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଏହି ଅର୍ଥର ବିନିଯୋଗ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ଭଣ୍ଡାରିଆ ସଂପ୍ରସାରଣ - ୧ ଓ ୨, ପଥୁରେଶ୍ୱର ୧ ଓ ୨, ରଣକୋଠା ସଂପ୍ରସାରଣ - ୧, ରଣକୋଠା ସଂପ୍ରସାରଣ -୨ । ଏହି ଚାରିଗୋଟି କାର୍ଯ୍ୟ ଦ୍ୱାରା ୨୨ ଟି ପୋଲ ଓ ୪ଟି ସ୍ଲୁଇଜ ନିର୍ମାଣ କରାଯିବ । ଏଥି ମଧ୍ୟରୁ ପଥୁରେଶ୍ୱର ସଂପ୍ରସାରଣ ୧ ଓ ୨ ଓ ରଣକୋଠା ସଂପ୍ରସାରଣ ୧ ନିମନ୍ତେ ୧୧.୨୦ କୋଟି ଟଙ୍କାର ୨ ଟି ଟେଣ୍ଡର ଆହ୍ୱାନ କରାଯାଇଛି । ଭଣ୍ଡାରିଆ ସଂପ୍ରସାରଣ ୧ ଓ ୨ ରଣକୋଠା ସଂପ୍ରସାରଣ ୨ ନିମନ୍ତେ ୧୨.୭୯ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରା ଯାଇଛି । ଭଣ୍ଡାରିଆ, ରଣକୋଠା ଓ ପଥୁରେଶ୍ୱର ଜଳନିଷ୍କାସନ ପ୍ରଣାଳୀର ସର୍ବେକ୍ଷଣ ଓ ଜମି ଅଧିଗ୍ରହଣ କାର୍ଯ୍ୟକୁ ଓଡିଶା ସ୍ପେସ ଆପ୍ଲିକେସନ ସେଂଟର ମାଧ୍ୟମରେ ଆଗାମୀ ୨୦୨୬ ମସିହା ଜାନୁଆରୀ ମାସରେ ଆରମ୍ଭ କରି ଜୁନ ମାସରେ ଶେଷ କରାଯିବାର ପ୍ରୟାସ ରହିଛି । ଏହି ସର୍ବେକ୍ଷଣ ପରେ ଆବଶ୍ୟକ ଜମି ଅଧିଗ୍ରହଣ କରାଯାଇ ୨୦୨୭ ମସିହା ସୁଦ୍ଧା ଶେଷ କରାଯିବାର ଯୋଜନା ରହିଅଛି ।

ନୀଳଗିରି ବିଜେଡ଼ି ପକ୍ଷରୁ ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆଙ୍କ କୁଶପୁତଳିକା ଦାହ

ନୀଳଗିରି, ୦୫/୧୨ (ଆ.ପ୍ର) : ପବିତ୍ର ବିଧାନସଭା ଗୃହରେ ରାଷ୍ଟ୍ରପିତା ମହାତ୍ମାଗାନ୍ଧୀଙ୍କ ପ୍ରତି ନୀଳଗିରି ବିଧାୟକ ଦେଇଥିବା ଅଶାଳୀନ ଓ ଅରୁଚିକର ମନ୍ତବ୍ୟକୁ ନେଇ ନୀଳଗିରି ବିଜେଡ଼ି ପକ୍ଷରୁ କୁଶପୁତଳିକା ଦାହ କରାଯାଇଛି । ମହାତ୍ମାଗାନ୍ଧୀଙ୍କ ପାଇଁ ଦେଶବିଭାଜନ ହୋଇଥିବା କହିବା ଭଳି ବକ୍ତବ୍ୟକୁ ନେଇ ସମଗ୍ର ରାଜ୍ୟରେ ବିରୋଧାଭାସ ଦେଖାଦେଇଥିବା ବେଳେ, କଂଗ୍ରେସ ସମେତ ବିଜେଡି ବିଧାୟକ ଏଭଳି ମନ୍ତବ୍ୟକୁ ସମାଲୋଚନା କରିବା ସହିତ ବିଧାନସଭା ପରିସରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ମୌନ ପ୍ରତିବାଦ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସନ୍ଧ୍ୟା ୮ଘଟିକା ସମୟରେ ନୀଳଗିରି ଲଟେରୀଛକ ନିକଟରେ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ଏହି କୁଶପୁତଳିକା ଦାହ କରାଯାଇଛି । ବିଜେଡ଼ି ଯୁବନେତା ଉଦୟଜ୍ୟୋତି ମହାନ୍ତି, ରାଜୀବ ଦାସବାବୁ ଅଚ୍ୟୁତ ପ୍ରଧାନ, ଜଗବନ୍ଧୁ ମୁନି, ନଟୁ ସରକାର, ପ୍ରଫୁଲ୍ଲ ପରିଡା, ସୁନୀଲ ପ୍ରଧାନ, ରଶ୍ମିରଞ୍ଜନ ରାଉତ, ରବୀନ୍ଦ୍ର ପାତ୍ର, ରାମକୃଷ୍ଣ ମହାପାତ୍ର ପ୍ରମୁଖ ବହୁ ବିଜେଡ଼ି କର୍ମୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ତୀବ୍ରନିନ୍ଦା କରିବା ସହିତ ତୁରନ୍ତ ଦେଶବାସୀଙ୍କ ପାଖରେ ବିଧାୟକ କ୍ଷମାମାଗନ୍ତୁ ବୋଲି ଦାବୀ କରିଛନ୍ତି ।

ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ

ନୀଳଗିରି, ୦୫/୧୨ (ଆ.ପ୍ର) : ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟର ଦୁଇ ଦିବସୀୟ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଶ୍ରୀ ପଣ୍ଡା ଉକ୍ତ କ୍ରୀଡ଼ାକୁ ଉଦଘାଟିତ କରିଥିବାବେଳେ, କ୍ରୀଡ଼ା ପ୍ରଶିକ୍ଷିକା ବୀଣାପାଣି ଦାସ ଏହାକୁ ସୁଚାରୁ ରୂପେ ପରିଚାଳନା କରିଥିଲେ । କ୍ରୀଡା ପ୍ରତିଯୋଗିତା ମଧ୍ୟରେ ୧୦୦ ମିଟର,୨୦୦ ମିଟର, ୪୦୦ ମିଟର, ୮୦୦ ମିଟର ଦୌଡ, ଲଙ୍ଗ୍ ଡିଆଁ, ଉଚ୍ଚ ଡିଆଁ, ଡିସକସ୍ , ଜେଭଲିନ, ସଟ୍ ପୁଟ, ସ୍ଲୋ ସାଇକେଲ ରେସ, ସ୍କିପିଂ, କବାଡି, ମିଉଜିକ୍ ଚେୟାର ଖେଳ ସମ୍ପନ୍ନ କରା ଯାଇଥିଲା । ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉକ୍ତ କ୍ରୀଡା ପ୍ରତିଯୋଗିତାରେ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ । କୃତି ପ୍ରତିଯୋଗୀ ମାନଙ୍କୁ ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ କରାଯିବ ବୋଲି ଅଧ୍ୟକ୍ଷା ଶ୍ରୀମତୀ ପଣ୍ଡା ପ୍ରକାଶ କରିଥିଲେ ।

ପ୍ରାପ୍ୟ ନ ପାଇ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କଲେ ପାଚିକା

ସିମୁଳିଆ, ୦୫/୧୨ (ଆ.ପ୍ର) : ଦୀର୍ଘ ଦିନ ଧରି ପାଚିକା ନିଯୁକ୍ତି ପାଇ କାର୍ଯ୍ୟ କରୁଥିଲେ ମଧ୍ୟ ପ୍ରାପ୍ୟ ନ ପାଇ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିବା ଏ ବାବଦରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଥିବା ଜଣାଯାଇଛି । ସୂଚନାରୁ ପ୍ରକାଶ ବାଙ୍ଗରଖଡ଼ିଗଡିଆ ପଂଚାୟତର ବଣା ଗ୍ରାମର ପଦ୍ମାବତୀ ସାହୁ ଅଭିଯୋଗ ଅନୁଯାୟୀ ବଣା ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୩-୧୨-୨୪ରେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟାଙ୍କ ସର୍ବସମ୍ମତି କ୍ରମେ ପାଚିକା ନିମନ୍ତେ ଚୟନ କରାଯାଇ ନିଯୁକ୍ତି ଦିଆଯାଇଥିଲା । କମିଟିର ଆଦେଶ ମୁତାବକ ୧୬-୧୨-୨୪ରିଖରୁ କାର୍ଯ୍ୟରେ ଯୋଗଦାନ କରିବା ଦିନଠାରୁ ଆଜି ପର୍ଯ୍ୟନ୍ତ ତାଙ୍କୁ ପାଉଣା ପ୍ରଦାନ କରା ଯାଉନାହିଁ କି ଏ ବାବଦରେ ପ୍ରଧାନଶିକ୍ଷକ ଠାରୁ ଆରମ୍ଭ କରି ବିଇଓ କାର୍ଯ୍ୟାଳୟ ପାଚିକା ମାନଙ୍କ ସମସ୍ୟାର ସମାଧାନ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ବି ତାର କୌଣସି ସୁଫଳ ମିଳି ନାହିଁ । ପରିବାର ଅତ୍ୟନ୍ତ ଗରିବ ଓ ଅସହାୟ ହୋଇଥିବାରୁ ପାଚିକା ଜଣଙ୍କ ଶାରୀରିକ, ମାନସିକ ଓ ଆର୍ଥିକ ଯନ୍ତ୍ରଣା ଭୋଗୁଛନ୍ତି । ବାଧ୍ୟହୋଇ ଦୀର୍ଘ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ପାରିଶ୍ରମିକ ନ ପାଇ ଏ ସଂକ୍ରାନ୍ତରେ ବାଲେଶ୍ୱର ଜିଲ୍ଲାପାଳ, ସିମୁଳିଆ ବିଧାୟକ, ଜିଲ୍ଲା ଶିକ୍ଷାଧିକାରୀ, ଶିକ୍ଷା ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିବା ଜଣାଯାଇଛି ।

ମଣ୍ଡେଇ ଲୋକଗୀତ ପ୍ରତିଯୋଗୀତାରେ କିନ୍ନର ସଂଘର ସଦସ୍ୟ ରାଧା ପ୍ରଥମ ସ୍ଥାନ ଅଧିକାର କରି ଇତିହାସ ରଚିଲେ

ନବରଙ୍ଗପୁର, ୦୫/୧୨ (ଆ.ପ୍ର) : ଜିଲ୍ଲାସ୍ତରୀୟ ମଣ୍ଡେଇ ମହୋତ୍ସବ ନିମନ୍ତେ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଲୋକ ଗୀତ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଇତିହାସରେ ପ୍ରଥମ ଥର ପାଇଁ ଉକ୍ତ ଲୋକ ଗୀତ ପ୍ରତିଯୋଗୀତାରେ ଭାଗ ନେଇ ଜିଲ୍ଲା କିନ୍ନର ସଂଘର ସଦସ୍ୟ ରାଧା ଧାଙ୍ଗଡ ଇତିହାସ ସୃଷ୍ଟି କରିଛନ୍ତି । ଆଜିର ଆଧୁନିକ ଯୁଗରେ ଆଦିବାସୀ ସାହିତ୍ୟ ଓ ସଂସ୍କୃତିକୁ ବଂଚାଇ ରଖିବା ଉଦ୍ଦେଶ୍ୟରେ ଗୀତ କୁଡିଆ ପରିବେଷଣ କରି ସମସ୍ତଙ୍କୁ ଚକିତ କରିଦେଇଛନ୍ତି । କିନ୍ନର ମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକ ଲୋଚନ ଆଣିବାରେ ଜିଲ୍ଲା କିନ୍ନର ସଂଘର ଅନେକ ପ୍ରୟାସ ଓ ପ୍ରଚେଷ୍ଟା ରହିଛି ବୋଲି ସାଧାରଣରେ ଆଲୋଚନା ହେଉଛି । ସୂଚନା ଯୋଗ୍ୟ ଯେ ପୂର୍ବରୁ ମଧ୍ୟ କିନ୍ନର ସଂଘର ସଦସ୍ୟ ମାନେ ଗରିବ ମାନଙ୍କୁ ବର୍ଷା ମାସରେ ଛତା, ଶୀତ ମାସରେ କମ୍ବଳ, ବିଭିନ୍ନ ସମୟରେ ରକ୍ତ ସଂଗୃହିତ ସଂସ୍ଥା ମାନଙ୍କରେ ରକ୍ତ ଦାନ, ବିଭିନ୍ନ ପୂଜା କମିଟି ଏବଂ କ୍ରୀଡା କମିଟିକୁ ଆର୍ଥିକ ସହାୟତା କିମ୍ବା ପ୍ରଶାସନ ସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମ ରେ ଯୋଗଦାନ ହେଉ ସବୁ କ୍ଷେତ୍ରରେ କିନ୍ନର ସଂଘର ସଦସ୍ୟ ମାନେ ସକ୍ରିୟ ଭୂମିକା ଗ୍ରହଣ କରୁଛନ୍ତି । ଜଣେ କିନ୍ନର ଗୀତ କୁଡିଆ ପ୍ରତିଯୋଗିତା ରେ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରିଥିବା ଜାଣି ସମାଜର ବିଭିନ୍ନ ଅନୁଷ୍ଠାନ, ବ୍ୟକ୍ତିବିଶେଷଙ୍କ ଠାରୁ ରାଧା କିନ୍ନରଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି । ସଂଘ ଗଠନ ହେବା ପରେ କିନ୍ନର ମାନଙ୍କ ଏପରି ଉନ୍ନତି ଦେଖି ସଂଘର ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ ସମେତ ମୁଖ୍ୟ ପରାମର୍ଶ, ପ୍ରୋଜେକ୍ଟ ଲିଡର ଏମ.ବାଲା କୃଷ୍ଣ ରାଓ, ସଂଘର ଆଇନ ପରାମର୍ଶଦାତା ରାମ ପ୍ରସାଦ ପାତ୍ର, ସଂଘର ମହିଳା ଉପଦେଷ୍ଟା ତଥା ସମାଜସେବୀ ଶର୍ମିଷ୍ଠା ଦେଓ, ଅଧିବକ୍ତା କିଶୋରୀ ପଟ୍ଟନାୟକ, ଅଧ୍ୟାପିକା ଡକ୍ଟର ସଂଯୁକ୍ତା ପଣ୍ଡା, ପ୍ରିନ୍ସିପାଲ ସ୍ୱର୍ଣ୍ଣଲତା ପଟ୍ଟନାୟକ, ଅନ୍ୟତମ ଉପଦେଷ୍ଟା ସମାଜସେବୀ ନୀନାବାବୁ ତ୍ରିପାଠୀ, ଅଧ୍ୟାପକ ଅଖିଳ ଭଟ୍ଟ, ସମାଜସେବୀ ଦୁର୍ଗା ପାଢ଼ୀ, ଉମରକୋଟର ଉପଦେଷ୍ଟା ଅଧିବକ୍ତା ଶ୍ରୀନିବାସ ପଟ୍ଟନାୟକ, ଇଞ୍ଜିନିୟର ଚନ୍ଦନା ମଲ୍ଲିକ, ସଂଘର ସଭାପତି କାଜଲ କିନ୍ନର, ସମ୍ପାଦକ ତୃମାକି କିନ୍ନର, ସହ ସମ୍ପାଦକ ପ୍ରୀତି କିନ୍ନର, ବର୍ଷା, କବିତା, ଶିବାନୀ, ବନ୍ଦି, ଅନିତା, ଇପ୍ସିତା ପ୍ରମୁଖ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ସୂଚନା ଯୋଗ୍ୟ ଯେ ଉକ୍ତ ଗୀତ କୁଡିଆ ପ୍ରତିଯୋଗିତାରେ ଓଡ଼ିଶା ସଙ୍ଗୀତ ଓ ନାଟକ ଏକାଡେମୀର ସଦସ୍ୟ ତଥା ବରିଷ୍ଠ କଳାକାର ଦେବଦାସ ମହାକୁଡ, ଅବିଭକ୍ତ କୋରାପୁଟ ଜିଲ୍ଲା ଶାବର ଶ୍ରୀକ୍ଷେତ୍ର ଦେଶିଆ ନାଟ ଗୁରୁ ସଂଘର ସଭାପତି ନରସିଂହ ତ୍ରିପାଠୀ ଏବଂ ଜିଲ୍ଲା କଳା ସଂସ୍କୃତି ସଂଘର ଉପ ସଭାପତି କାର୍ତ୍ତିକ ଭତରା ପ୍ରମୁଖ ବିଚାରକ ଭାବରେ ଯୋଗ ଦେଇଥିଲେ ।

ଶତାୟୁଙ୍କ ଅକାଳ ବିୟୋଗ

ସିମୁଳିଆ, ୦୫/୧୨ (ଆ.ପ୍ର) : ଶତାୟୁଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ସୂଚନାରୁ ପ୍ରକାଶ ସିମୁଳିଆ ଥାନା ଅନ୍ତର୍ଗତ ବାଙ୍ଗରଖଡ଼ିଗଡିଆ ପଂଚାୟତ ଖଡ଼ିଗଡିଆ ଗ୍ରାମର ଲାବ ବେହେରା (୯୫)ବର୍ଷ ଖାଇପିଇ ଶୋଇଥିଲେ । ବିଳମ୍ବିତ ରାତିରେ ଛାତି ଯନ୍ତ୍ରଣା ଅନୁଭବ କରିଥିଲେ । ପରିବାର ଲୋକ ଆସି ତାଙ୍କ ନିକଟରେ ବସି କଣ ହେଉଛି ପଚାରି ଥିଲେ । ଛାତି ଯନ୍ତ୍ରଣା ହେଉଥିବା ପ୍ରକାଶ କରିବା ପରେ ନିଶ୍ୱାସ ପ୍ରଶ୍ୱାସ ବନ୍ଦ ହେବା ଫଳରେ ଧୀରେ ଧୀରେ ନିସ୍ତେଜ ହୋଇଯାଇଥିଲେ । ସେ ଜଣେ ମେଳାପି ଓ ପରୋପକାରୀ ବ୍ୟକ୍ତି ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ପରିବାର ନିକଟରେ ପହଂଚି ଅନ୍ତର ଆତ୍ମାର ସଦଗତି କାମନା କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ ।

ଛାତ୍ରଙ୍କ ଗୋଡ଼ରେ ବେଡ଼ିପକାଇବା ଘଟଣାରେ ପ୍ରଧାନଶିକ୍ଷକ ସମେତ ଜଣେ ସହକାରୀ ଶିକ୍ଷକ ନିଲମ୍ବିତ

ନୀଳଗିରି, ୦୫/୧୨ (ଆ.ପ୍ର) : ନୀଳଗିରି ବ୍ଲକ୍ ବେଗୁନିଆ ସରକାରୀ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟର ଜଣେଛାତ୍ରଙ୍କୁ ଗୋଡ଼ରେ ଲୁହାଶିକୁଳିରେ ବେଡ଼ିପକାଇ ରଖିବା ଘଟଣାରେ କାର୍ଯ୍ୟରେ ଅବହେଳା ଦର୍ଶାଇ ପ୍ରଧାନଶିକ୍ଷକ ସମେତ ଜଣେ ସହକାରୀ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି । ସୂଚନାରୁ ଜଣାଯାଇଛି, ଗତ ୨ତାରିଖ ମଳୟ ସିଂ ନାମକ ୪ର୍ଥ ଶ୍ରେଣୀର ଛାତ୍ରଙ୍କ ଗୋଡ଼ରେ ବେଡିପକାଯାଇ ଉକ୍ତ ବିଦ୍ୟାଳୟ ହଷ୍ଟେଲଗୃହରେ ରଖାଯାଇଥିବା ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା । ଘଟଣା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଜାଣିବାପରେ ଏଭଳି ଅଭାବନୀୟ ଘଟଣାର ତଦନ୍ତ କରିବା ସହିତ ଘଟଣାରେ ସମ୍ପୃକ୍ତ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଏଭଳି ଲଜ୍ଜାଜନକ ଘଟଣା ସମଗ୍ରରାଜ୍ୟରେ ହଇଚଇ ସୃଷ୍ଟି କରିଥିବାବେଳେ ୩ତାରିଖ ନୀଳଗିରି ଉପଜିଲ୍ଲାପାଳ, ସହକାରୀ ଜିଲ୍ଲାମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ ସ୍କୁଲରେ ପହଂଚ ତଦନ୍ତକରି ଜିଲ୍ଲାପାଳଙ୍କୁ ତଦନ୍ତ ରିପୋର୍ଟ ଦେଇଥିଲେ । କାର୍ଯ୍ୟରେ ଅବହେଳା ଏବଂ ଦାୟିତ୍ୱହୀନତା ପାଇଁ ପ୍ରଧାନଶିକ୍ଷକ ତଥା ହଷ୍ଟେଲ ସୁପରିଟେଣ୍ଡେଂଟ ଦାୟିତ୍ୱରେ ଥିବା ରଘୁନାଥ ବୃନ୍ଦଡେଇ ଏବଂ ସହକାରୀ ଶିକ୍ଷକ ଯତୀନ ପରିଡାଙ୍କୁ ନିଲମ୍ବନ କରାଯାଇଥିବା ଗୋଷ୍ଠୀଶିକ୍ଷାଧିକାରୀ ସତ୍ୟରଞ୍ଜନ ଭୂୟାଁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ତେବେ ବାରମ୍ବାର ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅଗୋଚରରେ ଘରକୁ ପଳାଇଯାଉଥିବାରୁ ସଂପୃକ୍ତ ଛାତ୍ରଙ୍କ ବାପା କାଳୀ ସିଂ ତାଙ୍କୁ ଗୋଡ଼ରେ ବେଡି ପକାଇଥିବା ଚର୍ଚ୍ଚା ହେଉଥିବାରୁ ତାଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରି ଅଧିକ ପଚରାଉଚରା କରାଯିବ ବୋଲି ଉପଜିଲ୍ଲାପାଳ ଡଃ ମଧୁସ୍ମିତା ସାମନ୍ତରାୟ ସୂଚନା ଦେଇଛନ୍ତି ।

ମୌଳିକ ସୁବିଧାରୁ ବଂଚିତ କୁମ୍ଭାର ସାହି ବାସିନ୍ଦା



ବାଲିଗୁଡା,୦୫/୧୨ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ବାରିଙ୍ଗବାଡି ବ୍ଲକ ସିମନବାଡି ପଂଚାୟତ କୁମ୍ଭାରସାହି ବାସିନ୍ଦା ମାନେ ସକାଳ ପାଇଲେ ପିଇବା ଓ ବ୍ୟବହାର କରିବାକୁ ପାଣି ପାଇଁ ସଂଘର୍ଷ କରିବାକୁ ପଡୁଛି । ଦିନେ କି ୨ ଦିନ ନୁହଁ ବର୍ଷ ବର୍ଷ ଧରି ପିଇବା ପାଣି ପାଇଁ ଗୋଟିଏ ନଳକୂପ ହିଁ ଭରସା ପୁଣି ଲମ୍ବା ଧାଡ଼ିରେ ଠିଆ ହୋଇ ପାଣି ସଂଗ୍ରହ ନ କଲେ କିଛି ସମୟ ପରେ ଗୋଳି ପାଣି ବାହାରୁଛି । ଫଳରେ ଚିନ୍ତା ବଢ଼ିବାରେ ଲାଗିଛି କ୍ଷ ପ୍ରକାଶ ଯେ, ପଂଚାୟତ କାର୍ଯ୍ୟାଳୟ ଠାରୁ ମାତ୍ର ୩ ଶହ ମିଟର ଦୂରତାରେ ରହିଛି ଏହି କୁମ୍ଭାରସାହି । ପଂଚାୟତ କାର୍ଯ୍ୟାଳୟ ଠାରୁ ଏହି ସାହିକୁ ସଂଯୋଗ କରୁଥିବା ପଂଚାୟତ ରାସ୍ତା ଦୀର୍ଘ ବର୍ଷ ଧରି ମରଣଯନ୍ତା ପାଲଟିଥିବା ବେଳେ ସାହିରେ ରହିଥିବା ଅଙ୍ଗନୱାଡି କେନ୍ଦ୍ରକୁ ମଧ୍ୟ ଭଲ ସବୁଦିନିଆ ରାସ୍ତା ଟିଏ ନାହିଁ, ସେହିପରି ସବୁଠାରୁ ବଡ଼ ସମସ୍ୟା କହିଲେ ଗୋଟିଏ ନଳକୂପ ରହିଛି । ଯେଉଁଠି ଲୌହଯୁକ୍ତ ପାଣି ଓ ନଳକୂପ କିଛି ସମୟ ପାଣି ବାହାରିବା ପରେ ଗୋଳିଆ ପାଣି ବାହାରୁଛି । ଫଳରେ ଲୋକ ବାଧ୍ୟ ହୋଇ ଗାଁ ବାହାରେ ରହିଥିବା କୂଅାରୁ ପାଣି ବୋହି ଆଣି ପିଉଛନ୍ତି । ସେହିପରି ଲମ୍ବା ଧାଡି ପାଇଁ ମହିଳା ମହିଳାଙ୍କ ମଧ୍ୟରେ ପାଣି ପାଇଁ ନଳକୂପ ନିକଟରେ ଏକାଧିକ ଥର ଝଗଡା ସୃଷ୍ଟି ହେଉଥିବା କହିଛନ୍ତି ଖୋଦ ମହିଳାମାନେ । ଗାଁକୁ ବସୁଧା ଯୋଜନାରେ ପାଣି ପାଇପ ବିଛାଯାଇଛି । କିନ୍ତୁ ଏହା କରାଯିବାର ୧୦ ବର୍ଷ ବିତିଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ପାଣି ଟୋପାଏ ଆସୁନଥିବା ସାହି ବାସିନ୍ଦା ଅଭିଯୋଗ କରିଛନ୍ତି । ଏନେଇ ଗାଁର ବରୁଣ ବେହେରା, ସୁରୁଚି ବେହେରା, ରାଜଲକ୍ଷ୍ମୀ ବେହେରା, କୃଷ୍ଣ ଚନ୍ଦ୍ର ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି । ସେହିପରି ଅଙ୍ଗନୱାଡିକୁ ସବୁଦିନିଆ ରାସ୍ତା ସହ ପିଇବାପାଣି ଓ ବିଦ୍ୟୁତ ସଂଯୋଗ ବ୍ୟବସ୍ଥା ସମେତ ସାହିରେ ପିଇବା ପାଣି ବ୍ୟବସ୍ଥା କରାଯିବାକୁ ଅଂଚଳବାସୀ ଦାବି କରିଛନ୍ତି ନହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ସାହି ଲୋକ ଚେତାବନୀ ଦେଇଛନ୍ତି । ଏନେଇ ବିଡ଼ିଓ ପ୍ରୀତିରଞ୍ଜନ ରଥ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଏହି ସବୁ ସମସ୍ୟାର ଶୀଘ୍ର ସମାଧାନ କରାଯିବ ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆତ୍ମଜୀବନୀ 'ଛାଇ ଆଲୁଅର କଥା' ପୁସ୍ତକର ଲୋକାର୍ପଣ ଉତ୍ସବ

ନୀଳଗିରି, ୦୫/୧୨ (ଆ.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗର ପରିଚାଳନାରେ ଆଜି ଲେଖକ ଓ ଶିକ୍ଷାସେବୀ ନିରଞ୍ଜନ ଖୁଂଟିଆଙ୍କ ଆତ୍ମଜୀବନୀ "ଛାଇ ଆଲୁଅର କଥା" ପୁସ୍ତକର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଛି । ସାହିତ୍ୟ, ସଂସ୍କୃତି ଓ ମାନବୀୟ ମୂଲ୍ୟବୋଧର ଏକ ସାରଗର୍ଭୀୟ ସମାଗମ ଭାବେ ପରିଣତ ଏହି କାର୍ଯ୍ୟକ୍ରମ, ଯେଉଁଠାରେ ଶ୍ରୀ ଖୁଂଟିଆଙ୍କ ବହୁମୁଖୀ ଜୀବନପଥ ଓ ସମାଜସେବାକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନ ଜଣାଇଯାଇଥିଲା । ମୁଖ୍ୟ ଅତିଥି ଓ ପୁସ୍ତକ ଉନ୍ମୋଚକ ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ନିଜର ଅଭିଭାଷଣରେ କହିଥିଲେ, "ଶ୍ରୀ ନିରଞ୍ଜନ ଖୁଂଟିଆ ଜଣେ ନିସ୍ୱାର୍ଥପର, ସରଳ ଓ ସତ୍ୟନିଷ୍ଠ ମଣିଷ । ତାଙ୍କ ଚିନ୍ତାଧାରାର ପବିତ୍ରତା, କାର୍ଯ୍ୟଧାରାର ସ୍ୱଚ୍ଛତା ଓ ସମାଜ ପ୍ରତି ନିରନ୍ତର ଅଙ୍ଗୀକାର ତାଙ୍କୁ ଏକ ଆଦର୍ଶ ମାନବୀୟ ପ୍ରତିମୂର୍ତ୍ତିରେ ପରିଣତ କରିଛି । ଆଦିବାସୀ ଶିଶୁମାନଙ୍କ ପାଇଁ ତାଙ୍କର ଶିକ୍ଷାସେବା, ପରିବେଶ ସୁରକ୍ଷା ପ୍ରତି ସଚେତନତା, ଓ ସାହିତ୍ୟ ସୃଜନଶୀଳତା ଆମ ରାଜ୍ୟର ସାମାଜିକ ଏବଂ ସଂସ୍କୃତିକ ଧାରାକୁ ସମୃଦ୍ଧ କରିଛି ।" ପ୍ରଫେସର ତ୍ରିପାଠୀ ପୁସ୍ତକଟିକୁ ଆଗାମୀ ପିଢ଼ୀ ପାଇଁ "ଜୀବନଶିକ୍ଷାର ଏକ ଦୁର୍ଲଭ ଉପଲବ୍ଧି" ବୋଲି ବର୍ଣ୍ଣନା କରିଥିଲେ । ଲେଖକ ଶ୍ରୀ ଖୁଂଟିଆ ନିଜର ଅଭିଭାଷଣରେ ଏହି ପୁସ୍ତକକୁ ସଂଘର୍ଷ, ସୃଜନା, ଓ ଜୀବନସତ୍ୟର ଅନୁଭୂତି କହି । ଭାବନାପ୍ରବଣ ଅଭିଭାଷଣରେ କହିଥିଲେ, "ଏହି ପୁସ୍ତକ ମୋ ୭୯ ବର୍ଷର ଜୀବନଯାତ୍ରାର ସଂଚିତ ଅନୁଭୂତି । ଦୁଃଖ, ସଂଘର୍ଷ, ପ୍ରେରଣା, ମନୁଷ୍ୟ ସମ୍ପର୍କ ଓ ଜୀବନର କଟୁସତ୍ୟ — ଏହି ସମସ୍ତ ପର୍ଯ୍ୟାୟର ଅନୁଭବ 'ଛାଇ ଆଲୁଅର କଥା'ର ଆଧାର ।" ସେ ସ୍ମୃତିଚାରଣ କରି କହିଥିଲେ, "ଏକ ଅଶିକ୍ଷିତ ପରିବାରରେ ଜନ୍ମି ଶିକ୍ଷାର ମୂଲ୍ୟକୁ ବୁଝିବା, ବର୍ଣ୍ଣ ବୈଷମ୍ୟ ସହ ପ୍ରତିରୋଧ, ଓ ସମାଜର ବିଭିନ୍ନ ପ୍ରଭାବରେ ଗଢ଼ିଉଠିବା — ସବୁ ମିଶି ଏହି ପୁସ୍ତକର ଆତ୍ମା ।" ଏଥିସହିତ ସେ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଏହି ସମ୍ମାନପୂର୍ଣ୍ଣ ଅବସର ପାଇଁ ସପରିବାର ହୃଦୟଙ୍ଗମ ଧନ୍ୟବାଦ ଜଣାଇଥିଲେ । ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଉପସ୍ଥିତ ହୋଇ, ଶ୍ରୀ ଖୁଂଟିଆଙ୍କ ସହ ବିଶ୍ୱବିଦ୍ୟାଳୟର ଦୀର୍ଘ ସୁମଧୁର ସମ୍ପର୍କକୁ ସ୍ମରଣ କରି କହିଲେ, "ଶ୍ରୀ ଖୁଂଟିଆ ମାନବତା, ଶିକ୍ଷା, ଓ ସେବାଧର୍ମର ସମନ୍ୱୟରେ ଗଢ଼ିଉଠିଥିବା ଏକ ସରଳ ତଥା ବିଶିଷ୍ଟ ଚରିତ୍ର । ତାଙ୍କ ନିଷ୍ଠା ଓ ସେବାସାଧନା ଆମ ପାଇଁ ଗୌରବ ।" ଶିକ୍ଷାବିତ ଓ ସମାଜସେବୀ ଶ୍ରୀ ବିପିନ ବାରିକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କହିଥିଲେ, "ପୁସ୍ତକ କେବଳ ଶବ୍ଦର ସଂଗ୍ରହ ନୁହେଁ, ସେ ହେଉଛି ଏକ ଯୁଗର ଇତିହାସ । ପ୍ରତ୍ୟେକ ବ୍ୟକ୍ତିର ଜୀବନୀ ଇତିହାସକୁ ଏକ ସମ୍ପୂର୍ଣ୍ଣ କରେ । ଏପରି ଆତ୍ମଜୀବନୀଗୁଡ଼ିକ ଆଗାମୀ ପିଢ଼ୀକୁ ପ୍ରେରଣା ଓ ଦିଗନିର୍ଦ୍ଦେଶ ଦେଇଥାଏ ।" ସେ ଛାତ୍ରଛାତ୍ରୀମାନଙ୍କୁ ପୁସ୍ତକଟି ପଢ଼ିବାର ଉତ୍ସାହ ଦେଇ କହିଲେ, "ଛାଇ ଆଲୁଅର କଥା କେବଳ ଜୀବନର କାହାଣୀ ନୁହେଁ, ଏହା ହେଉଛି ମନୁଷ୍ୟ ଚେତନାର ପରିଚାଳକ ।" ଲେଖକ ଶ୍ରୀ ନିରଞ୍ଜନ ଖୁଂଟିଆଙ୍କ ବିଭିନ୍ନ ସାଧନାଗୁଡ଼ିକୁ ବିଶେଷ ଭାବରେ ଉଲ୍ଲେଖିତ କରାଯାଇଥିଲା ଯଥା, ଆଦିବାସୀ ମୌଳିକ ଅଧିକାର ପାଇଁ ସଂଗ୍ରାମ, ଜନଜାତି ଜୀବନ ଉପରେ ଗଭୀର ଗବେଷଣା, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ୪୦ ବର୍ଷରୁ ଅଧିକ ମୁକ୍ତସେବା, ଗଳ୍ପ ଓ କବିତା ସୃଜନରେ ଉଲ୍ଲେଖନୀୟ ଅବଦାନ, ପରିବେଶ ସୁରକ୍ଷା ଓ ସଚେତନତାର ନିରନ୍ତର ପ୍ରସାର ଇତ୍ୟାଦି । ଏହି ସମସ୍ତ କାର୍ଯ୍ୟଯାତ୍ରା ତାଙ୍କୁ ଏକ ସ୍ୱତନ୍ତ୍ର ସ୍ଥାନରେ ପହଂଚାଇ ପାରିଛି । କାର୍ଯ୍ୟକ୍ରମକୁ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ସଂଚାଳନ କରିଥିଲେ ଓ ଶେଷରେ ସହକାରୀ ପ୍ରଫେସର ଡ଼କ୍ଟର ପ୍ରହଲ୍ଲାଦ ଖିଲ ଧନ୍ୟବାଦ ଜ୍ଞାପନ କରିଥିଲେ ।

ସେଇଥିଠୁ
ଆରମ୍ଭ
SEITHO ARAMBHA
ଶନିବାର, ୦୬ ଡିସେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...
ଶସକ୍ତ କରିବାର ଆବଶ୍ୟକତା

ପ୍ରାଥମିକ ଶିକ୍ଷା, ମାଧ୍ୟମିକ ଶିକ୍ଷା, ଶିକ୍ଷକ ତାଲିମ, ସଂସ୍କୃତ ଶିକ୍ଷା, କମ୍ପ୍ୟୁଟର ଶିକ୍ଷା, ସ୍ୱତନ୍ତ୍ର ଶିକ୍ଷା ଏବଂ ଗଣଶିକ୍ଷା ସମ୍ବନ୍ଧୀୟ ବିଷୟଗୁଡ଼ିକୁ ଦେଖିବା ପାଇଁ ଜାନୁୟାରୀ ୧୯୯୩ରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ଏକ ପୃଥକ ବିଭାଗ ଭାବରେ ସୃଷ୍ଟି କରାଯାଇଥିଲା । ଶିକ୍ଷା କ୍ଷେତ୍ର ପାଇଁ ରାଜ୍ୟ ସମ୍ବଳର ଉପଲବ୍ଧତା ତଥା ବିଭିନ୍ନ ଯୋଜନା ଅଧୀନରେ କେନ୍ଦ୍ର ସରକାରଙ୍କ ସହାୟତାକୁ ଦୃଷ୍ଟିରେ ରଖି ଏହି କ୍ଷେତ୍ରଗୁଡ଼ିକର ବିକାଶ ପାଇଁ ପାଣ୍ଠି ଯୋଗାଣ କରାଯାଉଛି । ଜନଗଣନା ଅନୁଯାୟୀ ଓଡ଼ିଶାର ଜନସଂଖ୍ୟା ୪,୧୯,୭୪,୨୧୮ । ଏଥିମଧ୍ୟରୁ ଓଡ଼ିଶାର ଗ୍ରାମୀଣ ଜନସଂଖ୍ୟା ୩, ୪୯,୭୦,୫୬୨ ଏବଂ ପୌର ଜନସଂଖ୍ୟା ୭୦,୦୩,୬୫୬ । ଏହି ଅବଧିରେ, ରାଜ୍ୟରେ ରେକର୍ଡ ହୋଇଥିବା ୦-୬ ବର୍ଷ ବୟସର ୫୨,୭୩,୧୯୪ ଶିଶୁ ଜନସଂଖ୍ୟା ମଧ୍ୟରୁ ୪୫,୨୫,୮୭୦ ଗ୍ରାମାଞ୍ଚଳରେ ଏକାଗ୍ର ହୋଇଥିବାବେଳେ ସହରାଞ୍ଚଳରେ ଏହା ୭,୪୭,୩୨୪ ଅଟେ । ଓଡ଼ିଶାରେ ସାକ୍ଷରଙ୍କ ସଂଖ୍ୟା ହେଉଛି ୨,୬୭,୪୨,୫୯୫ ଯେଉଁଥିରୁ ୨,୧୩,୭୭,୯୧୫ ଗ୍ରାମାଞ୍ଚଳରେ ରେକର୍ଡ ହୋଇଥିବା ବେଳେ ସହରାଞ୍ଚଳରେ ରେକର୍ଡ ହୋଇଥିବା ସାକ୍ଷରଙ୍କ ସଂଖ୍ୟା ହେଉଛି ୫୩,୬୪,୬୮୦ । ୨୦୧୧ ଜନଗଣନା ଅନୁଯାୟୀ ଓଡ଼ିଶାର ସାକ୍ଷରତା ହାର ୭୨.୯ ପ୍ରତିଶତ ଅଟେ । ଗ୍ରାମାଞ୍ଚଳରେ ସାକ୍ଷରତା ହାର ୭୦.୨ ପ୍ରତିଶତ ଥିବାବେଳେ ସହରାଞ୍ଚଳରେ ଏହା ୮୫.୭ ପ୍ରତିଶତ ଅଟେ । ପୁରୁଷ ଗ୍ରାମୀଣ ସାକ୍ଷରତା ହାର ୭୯.୬ ପ୍ରତିଶତ ଥିବାବେଳେ ଗ୍ରାମାଞ୍ଚଳରେ ମହିଳା ସାକ୍ଷରତା ହାର ୬୦.୭ ପ୍ରତିଶତ ଅଟେ । ସହରାଞ୍ଚଳରେ ପୁରୁଷ ସାକ୍ଷରତା ହାର ୯୦.୭ ପ୍ରତିଶତ ଏବଂ ମହିଳାଙ୍କ କ୍ଷେତ୍ରରେ ସାକ୍ଷରତା ହାର ୮୦.୪ ପ୍ରତିଶତ ଅଟେ । ଗ୍ରାମାଞ୍ଚଳରେ ସର୍ବାଧିକ ସାକ୍ଷରତା ହାର ଜଗତସିଂହପୁର (୮୬.୫%) ଜିଲ୍ଲା ହୋଇଥିବାବେଳେ ସହରାଞ୍ଚଳରେ ସର୍ବାଧିକ ସାକ୍ଷରତା ହାର ଖୋର୍ଦ୍ଧା ଜିଲ୍ଲା (୯୧.୦%) ରେ ରେକର୍ଡ ହୋଇଛି । ସର୍ବନିମ୍ନ ସାକ୍ଷରତା ହାର ୪୩.୯ ପ୍ରତିଶତ ନବରଙ୍ଗପୁର ଜିଲ୍ଲାର ଗ୍ରାମାଞ୍ଚଳରେ ରେକର୍ଡ ହୋଇଥିବା ବେଳେ ସର୍ବନିମ୍ନ ସହରାଞ୍ଚଳ ସାକ୍ଷରତା ହାର ୭୪.୫ ପ୍ରତିଶତ ମାଲକାନଗିରି ଜିଲ୍ଲାରେ ରେକର୍ଡ କରାଯାଇଛି । ଜଗତସିଂହପୁର ଜିଲ୍ଲାର ଗ୍ରାମାଞ୍ଚଳରେ ପୁରୁଷ ସାକ୍ଷରତା ହାର ୯୨.୫ ପ୍ରତିଶତ ରେକର୍ଡ ହୋଇଥିବା ବେଳେ ସର୍ବାଧିକ ସହରାଞ୍ଚଳ ପୁରୁଷ ସାକ୍ଷରତା ହାର ଖୋର୍ଦ୍ଧା ଜିଲ୍ଲାରେ (୯୪.୨%) ରେକର୍ଡ କରାଯାଇଛି । ସର୍ବନିମ୍ନ ଗ୍ରାମୀଣ ପୁରୁଷ ସାକ୍ଷରତା ହାର କୋରାପୁଟ (୫୪.୧%)ରେ ରେକର୍ଡ ହୋଇଥିବା ବେଳେ ସର୍ବନିମ୍ନ ସହରାଞ୍ଚଳ ପୁରୁଷ ସାକ୍ଷରତା ହାର ମାଲକାନଗିରି ଜିଲ୍ଲାରେ (୮୩.୪%) ରେକର୍ଡ କରାଯାଇଛି । ଗ୍ରାମାଞ୍ଚଳରେ ସର୍ବାଧିକ ମହିଳା ସାକ୍ଷରତା ହାର ଜଗତସିଂହପୁର (୮୦.୪%)ରେ ଲକ୍ଷ୍ୟ କରାଯାଇଥିବା ବେଳେ ସର୍ବନିମ୍ନ ଗ୍ରାମୀଣ ମହିଳା ସାକ୍ଷରତା ହାର କୋରାପୁଟ ଜିଲ୍ଲା (୩୧.୩%)ରେ ରେକର୍ଡ କରାଯାଇଛି । ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ସହରୀ ମହିଳା ସାକ୍ଷରତା ହାର ୮୭.୫ ପ୍ରତିଶତ ରେକର୍ଡ ହୋଇଥିବାବେଳେ ସର୍ବନିମ୍ନ ସହରାଞ୍ଚଳ ମହିଳା ସାକ୍ଷରତା ହାର ୬୪.୯ ପ୍ରତିଶତ ମାଲକାନଗିରି ଜିଲ୍ଲାରେ ରେକର୍ଡ କରାଯାଇଛି । ପ୍ରାଥମିକ ଶିକ୍ଷାର ସର୍ବଭାରତୀୟକରଣର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରାଥମିକ ତଥା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷା ପର୍ଯ୍ୟାୟରେ ସରକାରୀ କ୍ଷେତ୍ରରେ, ବିଶେଷକରି ଗ୍ରାମାଞ୍ଚଳ ତଥା ପଛୁଆ ଅଞ୍ଚଳରେ ବିସ୍ତାର ହୋଇଛି । ଓଡ଼ିଶାରେ ପ୍ରାଥମିକସ୍ତରରେ ଶିକ୍ଷା ଯୋଗାଇବା ପାଇଁ ୩୫୯୨୮ ପ୍ରାଥମିକ ଏବଂ ୨୦୪୨୭ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅଛି । ଅସୁରକ୍ଷିତ ଅଞ୍ଚଳରେ ବିଦ୍ୟାଳୟ ଯୋଗାଇବା ପାଇଁ ଏସ୍‌ଏସ୍‌ଏ ଅଧୀନରେ ୪୯୧ ନୂତନ ପ୍ରାଥମିକ ଏବଂ ୪୯୦ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖୋଲାଯାଇଛି । ୬ରୁ ୧୪ ବର୍ଷ ବୟସର ୬୬ ଲକ୍ଷ ପିଲା ବିଦ୍ୟାଳୟରେ ଅଛନ୍ତି, ସେଥିମଧ୍ୟରୁ ୧୨ ଲକ୍ଷ ଏସସି ଏବଂ ୧୭ ଲକ୍ଷ ଏସ୍‌ଟି । ୬ରୁ ୧୪ବର୍ଷ ବୟସର ୧.୮୭ ଲକ୍ଷ ପିଲା ବିଦ୍ୟାଳୟ ବାହାରେ, ଯେଉଁଥିରୁ ୦.୩ ଲକ୍ଷ ଏସସି ଏବଂ ୦.୯ ଲକ୍ଷ ଏସଟି ସମ୍ପ୍ରଦାୟର । ସେଥିମଧ୍ୟରୁ ୫୬,୯୯୫ ପିଲାମାନେ ଜିଲ୍ଲାଗୁଡ଼ିକରେ ନାମଲେଖା ଡ୍ରାଇଭ ଅଧୀନରେ ନିୟମିତ ବିଦ୍ୟମାନ ଏବଂ ନୂତନ ବିଦ୍ୟାଳୟରେ ଭର୍ତ୍ତି ହୋଇଥିଲେ । ପ୍ରାଥମିକ ଶିକ୍ଷାକୁ ଉନ୍ନତି କରିବା ଏବଂ ୧୦୦% ନାମଲେଖା ହାସଲ କରିବା ପାଇଁ ସରକାର ଗୁରୁତ୍ୱ ଦେଇଛନ୍ତି । କେ.ବି.କେ ଜିଲ୍ଲା ଏବଂ ଆଦିବାସୀ ସବ୍ ପ୍ଲାନ୍ ଅଞ୍ଚଳରେ ନୂତନ ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ୬ରୁ ୧୪ ବର୍ଷ ବୟସରେ ଅତି କମରେ ୨୫ ପିଲା ଥିବା ଅବସ୍ଥାରେ ଖୋଲାଯିବ, ଯଦି ଗୋଟିଏ କିମି ମଧ୍ୟରେ କୌଣସି ପ୍ରାଥମିକ ବିଦ୍ୟାଳୟ ନଥାଏ ସମସ୍ତ ଜିଲ୍ଲାରେ ନୂତନ ପ୍ରାଥମିକ ଏବଂ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖୋଲିବା ପାଇଁ ଦୂରତା ଆଦର୍ଶ ନଦୀ, ପାହାଡ଼ିଆ ଅଞ୍ଚଳ, ଘଞ୍ଚ ଜଙ୍ଗଲ ଇତ୍ୟାଦି ପ୍ରାକୃତିକ ପ୍ରତିବନ୍ଧକ କ୍ଷେତ୍ରରେ ଆରାମ ପାଇଥାଏ । ଏଠାରେ ୨୧୮ ସଂଖ୍ୟାଲଘୁ ଏବଂ ମିଶନ୍ ପରିଚାଳିତ ପ୍ରାଥମିକ ବିଦ୍ୟାଳୟ ଅଛି, ଯେଉଁଠାରେ ୫୯୯ ଶିକ୍ଷକ ସରକାରଙ୍କଠାରୁ ଅନୁଦାନ ଗ୍ରହଣ କରୁଛନ୍ତି ।

ଶତାବ୍ଦୀ ପୁରୁଷ ପଦ୍ମଭୂଷଣ ଡ.ରାଧାନାଥ ରଥ

॥ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ସମ୍ପାଦକ, ରାଜନେତା, ସାରସ୍ୱତ ସାଧକ ଓ ସମାଜ ସେବକ ପଦ୍ମଭୂଷଣ ଡକ୍ଟର ରାଧାନାଥ ରଥଙ୍କ ଜୀବନ ଶତାବ୍ଦୀର ଏକା ଶୀଖା । ବହୁ ସମସ୍ୟା ଜର୍ଜରିତ ଏକ ସନ୍ତପ୍ତ ଜାତିକୁ ଆଶା ଆଶ୍ୱାସନାର ବାଣୀ ଶୁଣାଇବାକୁ ସେ ଶିଖା ଅଙ୍ଗୀକାରବଦ୍ଧ ହୋଇଥିଲା । ଊନବିଂଶ ଶତାବ୍ଦୀର ଗତାୟୁ ଲଗ୍ନରେ ୧୮୯୭ ମସିହା ଡିସେମ୍ବର ୬ ତାରିଖରେ ସେ ଆଠଗଡ଼ରେ ଜନ୍ମ ହେଲାବେଳକୁ ବିଖଣ୍ଡିତ ଉତ୍କଳ ଏକ ସନ୍ଧିକ୍ଷଣ ମଧ୍ୟ ଦେଇ ଗତି କରୁଥାଏ । ତାଙ୍କର ପିତା ଜଗନ୍ନାଥ ଥିଲେ ଆଠଗଡ଼ର ରାଜା ବିଶ୍ୱନାଥ ଦେବ ବର୍ମାଙ୍କର ରାଜପରିବାରର ପଣ୍ଡିତ । ଡ.ରାଧାନାଥ ରଥ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍, ସାମ୍ବାଦିକ, ରାଜନୈତିଜ୍ଞ ଓ ସାହିତ୍ୟିକ ଥିଲେ । ତାଙ୍କ ପ୍ରାଥମିକ ଶିକ୍ଷା ଆଠଗଡ଼ରେ ସେ କାଳା ମହାନ୍ତିଙ୍କ ଠାରୁ ପ୍ରାପ୍ତ ହୋଇଥିଲେ । ବାଲେଶ୍ୱର ଜୁବିଲୀ ସ୍କୁଲରୁ ତାଙ୍କ ଶିକ୍ଷା ଆରମ୍ଭ ହୋଇଥିଲା । ୧୯୧୬ରେ କଟକର ରେଭେନ୍ସା କଲିଜିଏଟ୍ ସ୍କୁଲରୁ ମାଟ୍ରିକ ଶେଷ କରି ସିଂହଭୂମ ଜିଲ୍ଲାର ଜଙ୍ଗଲ ବିଭାଗର କିରାଣୀ ଭାବେ ସେ କାମ କଲେ । ୧୯୧୯ରେ ଚାକିରି ଛାଡ଼ି ଗୋପବନ୍ଧୁ ଦାସଙ୍କ ସତ୍ୟବାଦୀ ପ୍ରେସ୍‌ରେ ଯୋଗ ଦେଲେ । ଗୋପବନ୍ଧୁଙ୍କ ସମ୍ପାଦନାରେ ପ୍ରକାଶିତ ସାପ୍ତାହିକ ଓଡ଼ିଆ ଖବରକାଗଜ ସମାଜର ପ୍ରବନ୍ଧକ ଓ ସହ-ସମ୍ପାଦକ ଭାବେ ସେ ସାମ୍ବାଦିକତାରେ କ୍ୟାରିଅର ଆରମ୍ଭ କଲେ । ୧୯୧୯ରେ ପବିତ୍ର କୁମାର ପୂର୍ଣ୍ଣିମା ଅବସରରେ ସାକ୍ଷୀଗୋପାଳଙ୍କ ତୀର୍ଥସ୍ଥଳୀରେ ସମାଜକୁ ତାଙ୍କ ଧ୍ୟାନ ଓ ଧ୍ୟେୟ ଭାବେ ଗ୍ରହଣ କରିଥିଲେ । ସାପ୍ତାହିକ ପତ୍ର ଭାବରେ ଅକ୍ଟୋବର ୧୯୧୯ ମସିହା ଠାରୁ ସମାଜ ପ୍ରକାଶନ ଆରମ୍ଭ ହୋଇଥିଲା । ୧୯୨୫ରେ ସମାଜ ପୁରୀକୁ ସ୍ଥାନାନ୍ତରିତ ହୋଇ ଜାନୁଆରୀ ୩ ତାରିଖରେ ସେଠାରୁ ପ୍ରକାଶିତ ହେଲା ପରେ ୧୯୨୭ରେ ସମାଜ କଟକ ନିମଚୌଡ଼ିରୁ ଆରମ୍ଭ ହୋଇଥିଲା । ୧୯୨୮, ୧୭ ଜୁନ୍‌ରେ ଗୋପବନ୍ଧୁଙ୍କ ମହାପ୍ରୟାଣ ପରେ ସମାଜ ଲୋକସେବକ ମଣ୍ଡଳର ପରିଚାଳନାରେ ପ୍ରକାଶିତ ହେଲା । ରାଧାନାଥ ରଥଙ୍କ ପ୍ରଚେଷ୍ଟାରେ ୩୦୦୦ଟଙ୍କା କଟକ ବ୍ୟାଙ୍କରୁ ଋଣ କରାଯାଇ ଏକ ପୁରୁଣା ଫ୍ଲାଟବେଡ଼ ମେସିନ କିଣାହେଲା ଓ ୧୯୩୧ରୁ ବିଧିବଦ୍ଧ ଭାବରେ ଦୈନିକ ପ୍ରକାଶ ହେଲା । ୧୯୪୨ ଅଗଷ୍ଟ ୨୨ ତାରିଖରେ ରାଧାନାଥ ରଥ ଜେଲ ଗଲାପରେ ଏକମାସ ସମାଜ ପ୍ରକାଶନ ବନ୍ଦ ହେଲା । ୧୯୪୬ରୁ ୧୯୫୨ ପର୍ଯ୍ୟନ୍ତ ପଣ୍ଡିତ ଲିଙ୍ଗରାଜ ମିଶ୍ର ଶିକ୍ଷାମନ୍ତ୍ରୀ ଭାବରେ ନିଯୁକ୍ତି ହେବା ଫଳରେ ରାଧାନାଥ ରଥ ସମାଜର ସମ୍ପାଦନ ଦାୟିତ୍ୱ ଗ୍ରହଣ କଲେ । ୧୯୬୧ରେ ରାଧାନାଥ ବାବୁ ମନ୍ତ୍ରୀମଣ୍ଡଳ ତ୍ୟାଗ କରି ସମ୍ପୂର୍ଣ୍ଣ ଭାବରେ ସମାଜ ସମ୍ପାଦନ ଦାୟିତ୍ୱ ଗ୍ରହଣ କଲେ । ୧୯୪୨ର ଭାରତ ଛାଡ଼ ଆନ୍ଦୋଳନରେ ଦୁଇବର୍ଷ ସଶ୍ରମ କାରାଦଣ୍ଡରେ ତାଙ୍କୁ ଦଣ୍ଡିତ କରାଯାଇଥିଲା । ଓଡ଼ିଶା ବିଧାନସଭାକୁ ରାଧାନାଥ ୫ଥର ନିର୍ବାଚିତ ହୋଇଥିଲେ । ଲୋକ ସମାଜ ସେବକର ଓଡ଼ିଶା ଶାଖାର ସେ ଜୀବନବ୍ୟାପୀ ଅଧ୍ୟକ୍ଷ ଥିଲେ । ଅଖିଳ ଭାରତୀୟ ସ୍କାଉଟ ଓ ଗାଇଡ଼ ସଂସ୍ଥାର ମଧ୍ୟ ମୁଖ୍ୟ ଥିଲେ । ହିନ୍ଦ କୁଷ୍ଠ ନିବାରଣ ସମୂହ, ଗୋପବନ୍ଧୁ ଦରିଦ୍ର ନାରାୟଣ ସେବା ସଂଘ ଭଳି ଅନେକ ସଂଗଠନ ସହ ରାଧାନାଥ ରଥ ସାମିଲ ଥିଲେ । ନିଜର ସମ୍ପାଦକ ଜୀବନ କାଳରେ ସେ ଓଡ଼ିଶାର ଜନଜୀବନ ଧାରା ସହିତ ନିଜକୁ ପୂର୍ଣ୍ଣ ଭାବରେ ସଂଶ୍ଳିଷ୍ଟ କରିଥିଲେ । ଗୋପବନ୍ଧୁଙ୍କ ପଦାଙ୍କ ଅନୁସରଣ କରି ବନ୍ୟା-ଦୁର୍ଭିକ୍ଷ-ପ୍ରପୀଡ଼ିତ ଓଡ଼ିଶାର ଅଧିବାସୀ ମାନଙ୍କୁ ସାହାଯ୍ୟ ସହଯୋଗ ପ୍ରଦାନ କରିବା, ବହୁ ଅନୁଷ୍ଠାନ ସହ ଜଡ଼ିତ ରହି ସାଂସ୍କୃତିକ ଜୀବନକୁ ପରିପୁଷ୍ଟ କରିବା, ଦରିଦ୍ର ନିସହାୟ ବ୍ୟକ୍ତି ଓ ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ କରି ଅନେକ ମାନବହିତୈଷୀକର୍ମ ସହିତ ନିଜକୁ ସଂଶ୍ଳିଷ୍ଟ କରି ଜୀବନ ନିର୍ବାହ କରୁଥିଲେ । ଆଜିର ସମୟରେ ପୂଜ୍ୟ ସ୍ୱର୍ଗତଃ ଡକ୍ଟର ରାଧାନାଥ ରଥଙ୍କ ଅନୁପ୍ରେରଣା ଓ ଆଶୀର୍ବାଦରେ ଓଡ଼ିଶା ଜନଗଣଙ୍କ ଖବରକାଗଜ ବୁଝାଉଥିବା 'ସମାଜ' ଶହେ ବର୍ଷ ଅତିକ୍ରମ କରିସାରିଛି । ବର୍ତ୍ତମାନ ସମୟରେ ସୁଯୋଗ୍ୟ ସମ୍ପାଦକ ଓ ସମ୍ପାଦନା ମଣ୍ଡଳୀ ଦ୍ୱାରା ପ୍ରକାଶିତ ସମାଜ ତାର ନିରପେକ୍ଷତା ଓ ମୂଲ୍ୟବୋଧର ଆଦର୍ଶକୁ ବଜାୟ ରଖି ପ୍ରତିଟି ଓଡ଼ିଆଙ୍କ ପାଖରେ ନିଜ ଗୌରବର ଗାଥାକୁ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିବା ପାଇଁ ସମର୍ଥ ହୋଇଛି ।

ଓଡ଼ିଶାରେ 'ବାବୁଜୀ' ନାମରେ ବେଶ ଲୋକପ୍ରିୟ ହୋଇପାରିଥିବା ଡକ୍ଟର ରାଧାନାଥ ରଥ ଓଡ଼ିଶାର ଶିକ୍ଷାମନ୍ତ୍ରୀ ଥିବା ସମୟରେ ଯୁଗପୁରୁଷୋତ୍ତମ କଲ୍‌କୀ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ପୁଣ୍ୟ ପାବନ କ୍ଷେତ୍ର ଦେଓଘର ଯାତ୍ରା କରିଥିଲେ । କରୁଣାମୟ ଶ୍ରୀ ଶ୍ରୀ ଠାକୁର ତାଙ୍କୁ 'ପବିତ୍ର ଲାଠି' ଦିବ୍ୟଆଶୀର୍ବାଦକ୍ରମେ ପ୍ରଦାନ କରିଥିଲେ । ତାଙ୍କ ସୁକନ୍ୟା ସମାଜର ପୂର୍ବତନ ସମ୍ପାଦିକା ବିଶିଷ୍ଟ ସାହିତ୍ୟ ସ୍ରଷ୍ଟା ଡକ୍ଟର ମନୋରମା ମହାପାତ୍ର ଅନେକ କାର୍ଯ୍ୟକ୍ରମରେ କହିଛନ୍ତି ଯେ 'ଶ୍ରୀ ଶ୍ରୀ ଠାକୁରଙ୍କ ପବିତ୍ର ଲାଠିକୁ ବାବୁଜୀ ପ୍ରତି ଦିନ ନିଜ କର୍ମମୟ ଜୀବନ ଆରମ୍ଭ କରିବା ସମୟରେ ହର୍ଷପୂର୍ବକ ପ୍ରଣିପାତ କରି ବାହାରକୁ ଯାଉଥିଲେ ଏବଂ ଫେରିବା ସମୟରେ ଏହି ପବିତ୍ର କୃପାକୁ ଦିବ୍ୟ ପ୍ରଣାମ ପୂର୍ବକ ଗୃହ ପ୍ରବେଶ କରୁଥିଲେ' । ଶ୍ରୀ ଶ୍ରୀ ଠାକୁର ଡକ୍ଟର ରାଧାନାଥ ରଥଙ୍କୁ ଜଣେ 'ଗୁଡ଼ସୋଲ' ବୋଲି ମନ୍ତବ୍ୟ ଦେଇଥିଲେ । ଆଜିବି ଦେଓଘରର ମ୍ୟୁଜିୟମରେ କୃପାମୟ ଶ୍ରୀ ଶ୍ରୀ ଠାକୁର ପବିତ୍ର ଲାଠି ପ୍ରଦାନ କରୁଥିବାର ଡକ୍ଟର ରାଧାନାଥ ରଥଙ୍କ ଫଟୋ ସ୍ଥାନିତ ହୋଇଛି । ଆଦର୍ଶବାଦୀ, ନିରାଡ଼ମ୍ବର ଏହି ଶତାବ୍ଦୀ ପୁରୁଷ ଅତ୍ୟନ୍ତ ସଶ୍ରଦ୍ଧ ଚିତରେ ସମାଜର ପୃଷ୍ଠପୋଷକ ଭାବରେ ଦଣ୍ଡାୟମାନ ହୋଇ ଏବଂ ଓଡ଼ିଆ, ଇଂରାଜୀ, ବଙ୍ଗଳା, ହିନ୍ଦୀ ଭାଷାରେ ପ୍ରବୀଣତା ଲାଭ କରି ଓଡ଼ିଶାର ସାମ୍ବାଦିକତାକୁ ଏକ ବଳିଷ୍ଠ ତଥା ବିଶିଷ୍ଟ ଆସନରେ ପହଂଚାଇ ପାରିଥିଲେ । ନିରପେକ୍ଷ ଭାବରେ ଦୋଷ ଦୁର୍ବଳତାକୁ ସମାଲୋଚନା କରି ସରକାରଙ୍କୁ ଉପଯୁକ୍ତ ମାର୍ଗ ଦେଖାଇବା ତାଙ୍କ ସମ୍ପାଦକ ଜୀବନର ସର୍ବଶ୍ରେଷ୍ଠ କର୍ମ ଥିଲା । ୧୯୬୮ ମସିହାରେ ଭାରତ ସରକାର ତାଙ୍କୁ ପଦ୍ମଭୂଷଣ ପ୍ରଦାନ କରିଥିଲେ । ୧୯୭୬ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରିବା ସହ ୧୯୭୭ ମସିହାରେ ପ୍ରାଥମିକ ଶିକ୍ଷା ପୁନର୍ଗଠନ କମିଟିର ଚେୟାରମ୍ୟାନ ପଦରେ ସେ ନିଯୁକ୍ତି ପାଇଥିଲେ । ଓଡ଼ିଶା ଗୋମଙ୍ଗ ସମିତିର ସେ ସଭାପତି ଥିଲେ । ହିନ୍ଦୀ କୁଷ୍ଠ ନିବାରଣ ସଂଘର ସେ ଉପସଭାପତି ଭାବରେ ସେ ନିଯୁକ୍ତି ଲାଭ କରିଥିଲେ । ୧୯୮୨ ଠାରୁ ଉତ୍କଳ ରିଲିଫ୍ କମିଟିର ସେ ସଭାପତି ଥିଲେ । ୧୯୯୮ ମସିହା ଫେବୃଆରୀ ୧୨ ତାରିଖ ଅଗ୍ନିପୂର୍ଣ୍ଣିମା ରାତି ୧ଟା ବେଳେ ତାଙ୍କର ସୁଦୀର୍ଘ କର୍ମମୟ ଜୀବନର ପରିସମାପ୍ତି ଘଟିଥିଲା । ସମାଜ ପରିସର ତାଙ୍କର ବ୍ୟକ୍ତିତ୍ୱର ସୁରଭିତ ସଂସ୍ପର୍ଶରେ ଏକ ମନ୍ଦିରାଙ୍ଗନରେ ପରିଣତ ହୋଇଥିଲା । ତାଙ୍କ ସାହିତ୍ୟ କୃତି ଉଲ୍ଲେଖଯୋଗ୍ୟ । 'ମୋ ଜେଲ ସ୍ମୃତି ଲିପି' ତାଙ୍କର ପ୍ରସିଦ୍ଧ କୃତି । ସାହିତ୍ୟ ଏକାଡ଼େମୀ, ସମେତ ଅନେକ ପୁରସ୍କାର ଓ ସମ୍ମାନର ଅଧିକାରୀ ଡ.ରାଧାନାଥ ରଥ ୧୮୯୬ ଡିସେମ୍ବର ୬ ଆଜିର ଦିନ ଆଠଗଡ଼ର ରାଧାନାଥପୁର ଶାସନରେ ଜନ୍ମ ଗ୍ରହଣ କରିଥିଲେ । ମାନବ ଚିତ ଦୌର୍ବଲ୍ୟର ସସୀମ ପରିଧିର ପଙ୍କିଳ ଆବେଷ୍ଟନୀ ମଧ୍ୟରୁ ନିଜର ସଂକଳ୍ପ ଓ ସାଧନାଦ୍ୱାରା ମଣିଷ ଯେ ନିଜକୁ ଉଦ୍ଧାରକରିବାକୁ ସାମର୍ଥ୍ୟ ଲାଭ କରିପାରେ ପଦ୍ମଭୂଷଣ ରାଧାନାଥ ଏହାର ଅନ୍ୟତମ ଦୃଷ୍ଟାନ୍ତ ।

*ପ୍ରତିରକ୍ଷିକ ଓ ପ୍ରଫେସର ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭*

ସର୍ବବ୍ୟାପୀ ଶିରିଡ଼ି ସାଇ

॥ ଅଲେଖ ଚନ୍ଦ୍ର ସାମଲ ॥

ଶିରିଡ଼ି ସାଇବାବାଙ୍କ ସକ୍ରିୟ ଉପସ୍ଥିତି ସଂପର୍କରେ ସଂପ୍ରତି ଏତେ କଥା ଶୁଣାଯାଉଛି ଯେ ତାହାକୁ ଶୁଣିବା ପରେ ଆମପରି ସାଧାରଣ ଲୋକଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ସତରେ କ'ଣ ବାବା ଏବେ ମଧ୍ୟ ସକ୍ରିୟ ଅଛନ୍ତି ଏବଂ ନିଜର ଭକ୍ତମାନଙ୍କୁ ସୁରକ୍ଷା ପ୍ରଦାନ କରୁଛନ୍ତି ସେମାନଙ୍କ ଭାଗ୍ୟକୁ ନିୟନ୍ତ୍ରଣ କରୁଛନ୍ତି କିମ୍ବା ଏହା କାକତାଳ ନ୍ୟାୟରେ ଘଟି ଯାଉଛି ଏବଂ ଆମେ ବୁଝିନପାରି ଏହାକୁ ବାବାଙ୍କର ଦିବ୍ୟଲୀଳା କହି ଆତ୍ମସନ୍ତୋଷ ଲାଭ କରୁଛେ ସତରେ ଶିରିଡ଼ି ସାଇନାଥ କ'ଣ ସର୍ବବ୍ୟାପୀ, ସର୍ବଜ୍ଞାତା ଏବଂ ସର୍ବଶକ୍ତିମାନ ବାବାଙ୍କର ଭକ୍ତମାନେ କୁହନ୍ତି ଏହି ପ୍ରଶ୍ନର ଉତ୍ତର ଅତି ସହଜ । କାରଣ ବାବା ଏବେ ମଧ୍ୟ ଜୀବିତ ରହି ତାଙ୍କର ଲୀଳା କରିଚାଲିଛନ୍ତି । କାରଣ ସେ ହେଉଛନ୍ତି ପରମବ୍ରହ୍ମ ଯାହାଙ୍କର ବିନାଶ ନାହିଁ । ସେ ସଗୁଣ ହୋଇ ଯେଉଁ ଶରୀର ଗ୍ରହଣ କରିଥିଲେ ତାହା ୧୯୧୮ ମସିହା ଅକ୍ଟୋବର ୧୫ ତାରିଖରେ ସମାଧି ନେଇଛି । କାରଣ ଶରୀରର ସୃଷ୍ଟି ହୋଇଥିଲା ଏବଂ ଯାହାର ସୃଷ୍ଟି ଅଛି ତାହାର ବିନାଶ ନିଶ୍ଚିତ । ବାବାଙ୍କ ଶରୀରର ବା ଏହି ଚିରନ୍ତନ ପ୍ରକ୍ରିୟାରୁ କିପରି ବାଦ ପଡ଼ିବ ବାବା ଏବେ କେବଳ ସକ୍ରିୟ ନାହାଁନ୍ତି, ଅଧିକ ସକ୍ରିୟ ହୋଇ କାର୍ଯ୍ୟ କରୁଛନ୍ତି । ଆମେ ସମସ୍ତେ ଜାଣିଛେ ଯେ ସିଦ୍ଧ ପୁରୁଷଙ୍କର ମୃତ୍ୟୁ ନାହିଁ । ତେଣୁ ବାବାଙ୍କର ମୃତ୍ୟୁର ପ୍ରଶ୍ନ ଉଠୁନାହିଁ । କାରଣ ସେ ତ ଅବତାରୀ ପୁରୁଷ ଥିଲେ । ନିଜର ଭକ୍ତମାନଙ୍କ ମଧ୍ୟରେ ଶ୍ରଦ୍ଧା ଭାତୃତ୍ୱ ଏବଂ ସମାନତାର ବାର୍ତ୍ତା ପ୍ରଚାର କରିବା ନିମନ୍ତେ ସେ ମାନବ ଶରୀର ଧାରଣ କରିଥିଲେ । ତାଙ୍କ ଦରବାରରେ ରାଜା ଏବଂ ରଙ୍କ ସମାନ ଥିଲେ । ସମସ୍ତଙ୍କର ସମାନ ଅଧିକାର ସେଠାରେ ଥିଲା ଏବଂ ସମସ୍ତଙ୍କ ପ୍ରତି ବାବାଙ୍କର ସମାନ ଦୃଷ୍ଟିଭଙ୍ଗୀ ମଧ୍ୟ ରହୁଥିଲା । ବାବାଙ୍କ ପାଖରେ ଏକାଠି ହେଉଥିବା ଭକ୍ତମାନେ ବିଭିନ୍ନ ପନ୍ଥାର ଥିଲେ । ସେଥିପ୍ରତି ପ୍ରାଧାନ୍ୟ ନଦେଇ ସମସ୍ତଙ୍କର କିପରି କଲ୍ୟାଣ ହୋଇପାରିବ ତାହା ଉପରେ ବାବା ପ୍ରାଧାନ୍ୟ ଦେଉଥିଲେ । ତେଣୁ ଭକ୍ତମାନଙ୍କର ତାଙ୍କ ଉପରେ ଅଗାଧ ବିଶ୍ୱାସ ଥିଲା । ସମସ୍ତଙ୍କ ଭାଗ୍ୟ ଉପରେ ତାଙ୍କର ନିୟନ୍ତ୍ରଣ ଥିଲା, ଯାହା ଏବେ ବି ରହିଛି ।

ଆମେ ଅନେକ ସମୟରେ ବାବାଙ୍କ ଲୀଳା ବା ପ୍ରତ୍ୟକ୍ଷତା ସମ୍ବନ୍ଧରେ ଆଲୋଚନାକରୁ ବା ଶୁଣିଥାଉ । ଜଣେ ଭକ୍ତଙ୍କ ଅଲୌକିକ କାହାଣୀ ଏଠାରେ ଉଲ୍ଲେଖ କରୁଛି । ଥରେ ଜଣେ ବାବାଙ୍କ ଦର୍ଶନ ନିମନ୍ତେ ଶିରିଡ଼ି ଯାଇଥିଲେ । ସେଠାରେ ଦଶଦିନ ରହିବାପରେ ସେ ବାବାଙ୍କ ଦରବାରରୁ ବିଦାୟ ନେଇ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରସ୍ତୁତ ହେଉଥିଲେ । ତାଙ୍କର ମନଟା ବି ଭଲ ଲାଗୁନଥାଏ । କାରଣ ଦଶଦିନ ବାବାଙ୍କ ପାଖରେ ରହିବା ପରେ ତାଙ୍କୁ ଛାଡ଼ିଯିବାକୁ ମନ ହେଉନଥାଏ । ସକାଳେ ସେ ବାବାଙ୍କ ଦରବାରରୁ ତୁଳସୀ ପ୍ରସାଦ ଗ୍ରହଣ କରିଥିଲେ । ତାହା ଥିଲା ତାଙ୍କ ନିମନ୍ତେ ସବୁଠାରୁ ଆନନ୍ଦର କଥା । ବାବାଙ୍କ କଥା ଭାବୁଥିବାବେଳେ ସାଇ ସଂସ୍ଥାନର ଜନୈକ ଟ୍ରଷ୍ଟି ଆସି ତାଙ୍କୁ କହିଲେ ଯେ ବାବାଙ୍କ ସ୍ଥାନ ଛାଡ଼ି ଯିବା ପୂର୍ବରୁ ତାଙ୍କର ଅନୁମତି ନେଇଯିବା ଭଲ ହେବ । ତେଣୁ ସେ ଏକ ନଡ଼ିଆ ନେଇ ଦ୍ୱାରିକାମାୟୀକୁ ଯାଇ ବାବାଙ୍କ ଠାରୁ ଅନୁମତି ନେଇଯିବା ଠିକ୍ ହେବ । ଭକ୍ତ ଜଣକ ତାହା କଲେ । ମଧ୍ୟାହ୍ନ ଆଳତୀର ପରେ ପରେ ସେ ନଡ଼ିଆ ଏବଂ ଧୂପ ଧରି ଦ୍ୱାରିକାମାୟୀକୁ ଚାଲିଲେ । ଦ୍ୱାରିକାମାୟୀରେ ପହଂଚିବା ପରେ ସେ ନଡ଼ିଆଟିକୁ ଦାନବାକ୍ସ ଉପରେ ଥୋଇ ଦେଇ ବାବାଙ୍କ ଉଦ୍ଦେଶ୍ୟରେ ସାଷ୍ଟାଙ୍ଗ ପ୍ରଣାମ କଲେ । ତାହାପରେ ଧୂପ ଲଗାଇ ବାବାଙ୍କ ଫଟୋ ପାଖକୁ ନେବା ବେଳକୁ ହଠାତ୍ ଦେଖିଲି ଯେ ବାବାଙ୍କ ଫଟୋ ପାଖରେ ଥିବା ବିଦ୍ୟୁତ୍ ବଲବ ଦୁଇଟି ଖୁବ୍ ଜୋରରେ ଧପ ଧପ ହେଉଛି । ଏହା ଦେଖି ଭକ୍ତ ଜଣକ ଭାବିଲେ ଯେ ବୋଧେ ସେ କିଛି ଭୁଲ କରିଦେଲେ । ଯାହାଫଳରେ ବାବା ନିଜର ଅସନ୍ତୋଷ ବିଦ୍ୟୁତ୍ ବଲବ ମାଧ୍ୟମରେ ଜଣାଉଛନ୍ତି । କାରଣ ଅନ୍ୟ ସବୁ ବଲବ ଠିକ୍ ଜଳୁଥାଏ । ତାଙ୍କର ଭୁଲ ସୁଧାରିବାକୁ ବାବା ଏହି ଲୀଳା କରୁଛନ୍ତି ବୋଲି ସେ ଭାବିଲେ । ସେ ହଠାତ୍ ପଛକୁ ଚାହିଁ ଦେଖିଲେ ଯେ ଦାନବାକ୍ସ ଉପରେ ସେ ଯେଉଁ ନଡ଼ିଆଟି ରଖିଥିଲେ ତାହା ସେଠାରେ ନାହିଁ । ଦାନବାକସ ଉପରୁ ନଡ଼ିଆ କିଏ ନେଲା ବୋଲି ସେ ବେଶ ବଡ଼ ପାଟିରେ କହିଲେ । ସେ ଏହା କହିବା ମାତ୍ରେ ବିଦ୍ୟୁତ୍ ବଲବର ଧପ ଧପ ବନ୍ଦ ହୋଇଗଲା । ବାବାଙ୍କର ଏହି ଲୀଳା ଦେଖି ଦ୍ୱାରିକାମାୟୀରେ ଥିବା ଅନ୍ୟ ଭକ୍ତମାନେ ସ୍ତବ୍ଧ ହୋଇ ଚାହିଁ ରହିଲେ । ଯେଉଁ ବ୍ୟକ୍ତିଜଣକ ତାଙ୍କର ନଡ଼ିଆ ନେଇଯାଇଥିଲେ ସେ ତାହା ଏହି ଭକ୍ତଙ୍କୁ ଫେରାଇଦେବା ସହିତ କ୍ଷମାମାଗିଲେ । ବାବା ଯଦି ତାଙ୍କ ନିଜ ବାଟରେ ସେହି ଭକ୍ତଙ୍କୁ ନଡ଼ିଆ କଥା ମନେ ପକାଇ ଦେଇନଥାଆନ୍ତେ ତେବେ ବାବାଙ୍କ ପାଖରେ ନଡ଼ିଆ ସମର୍ପଣ ନକରିବା ଦୁଃଖରେ ସେ ମ୍ରିୟମାଣ ହୋଇପଡ଼ିଥାନ୍ତେ । ବାବାଙ୍କୁ ଠିକଣା ବେଳେ ତାହା ମନେ ପକାଇଦେଲେ ଏବଂ ସତର୍କ କରାଇଦେଲେ ଯେ ଏଣିକି ଯାହା କିଛି କଲାବେଳେ ସତର୍କ ରହିବ । ଏହାଦ୍ୱାରା ବାବା ସମସ୍ତଙ୍କୁ ଜଣାଇଦେଲେ ଯେ ସେ ସର୍ବଜ୍ଞାତା ଏବଂ ସର୍ବବ୍ୟାପୀ । ଏହା ମଧ୍ୟ ସମସ୍ତେ ଜାଣିଲେ ଯେ ବାବା ତାଙ୍କ ଭକ୍ତମାନଙ୍କ ଉପରେ ସତର୍କ ଦୃଷ୍ଟି ରଖିଛନ୍ତି । ପରିସ୍ଥିତି ଉପରେ ମଧ୍ୟ ବାବାଙ୍କର କିପରି ନିୟନ୍ତ୍ରଣ ରହିଛି ତାହାର ପ୍ରମାଣ ସେ ବିଦ୍ୟୁତ୍ ବଲବକୁ ଧପ ଧପ କରି ଜଣାଇଦେଲେ । ସତରେ ବାବାଙ୍କର ଲୀଳାର ସୀମା ନାହିଁ, ତାହା ଅପାର ।

ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର

ଦେଶର, ରାଜ୍ୟର ଜିଲ୍ଲାର ତଥା ବିଜ୍ଞମାନେ ଟିକେ ଚିନ୍ତା କରନ୍ତୁ

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ମୁଣ୍ଡ ଉପରେ ଏକ ଘୋଡ଼ା ଲାଞ୍ଜର ଚୁଳରେ ଏକ ଶାଣିତ ତରବାରୀ ଝୁଲୁଛି, ଯେ କର୍ଣ୍ଣଧାର ହୋଇ ଗାଦି ଆରୋହି ହୋଇଥିବ ତାହାର ମୁଣ୍ଡ ଉପରେ ହିଁ ସେ ତରବାରୀ ଝୁଲିବା ଗାଦି ସହି ସଂଶ୍ଳିଷ୍ଟ ଏକଥା ଭାବି ଚେତନାକରି ପଦବୀ ମଣ୍ଡନ କରିବା ଦରକାର । ମାୟା ଏ ସଂସାର, ବିଭିନ୍ନ ପ୍ରକାରରେ ଅଛି । ମାୟା, ରଙ୍କ - ରାଜା, ଫକୀର, ଅମୀର, ପୁଞ୍ଜିପତି, ଦିନ ମଜୁରିଆ, କର୍ମ ତତ୍ପର ଅଳସୁଆ, ବିଦ୍ୱାନ ଅନପଢ଼, ବିଜ୍ଞାନୀ- ଅଜ୍ଞାନୁ ଏପରି ଅନେକ ଅନେକଙ୍କୁ ମାୟା କେବେ ବି ଛାଡ଼େ ନାହିଁ । କେହି ଯଦି ସପ୍ତଶତି ଚଣ୍ଡୀ ବା ଗୀତାଶାସ୍ତ୍ର ପଢ଼ିଥିବେ ଏଥିରେ ଏଇ ମାୟା ବର୍ଣ୍ଣନାର ନିଶ୍ଚେ ସନ୍ଧାନ ପାଇଥିବେ । କେହି ତା ପ୍ରତି ଅନ୍ୟାୟ ହେଉ ବା କିଛି ଭୁଲ ଦେଖିବା, ବେଳେ କିଛି କହିଥାଏ, ତାକୁ ଚୁପ କରି ତା ମୁହଁରେ ତୁଣ୍ଡି ଲଗାଇବା ପାଇଁ ଉଚ୍ଚସ୍ୱରରେ ଆଦେଶ, 'ପାଟି ଚୁପକର' କହିବା ସାର୍ବଜନୀନ ଶ୍ରବଣ ହୋଇଥାଏ । ପୁଣି ଏଥିରୁ ଟପିଲେ ଆରମ୍ଭ ଶାରୀରିକ ଦଣ୍ଡ, ଏଥିରୁ ବଢ଼ିଗଲେ ହତ୍ୟା କରି ପଥ ନିଷ୍କଂଟକ ଉଦ୍ୟମ ହୁଏ ।

ମାୟା ସଦା ସ୍ୱାର୍ଥ ପାଇଁ ଘେରି ରଖିଛି । ଜନସେବା ଦ୍ୱାହିରେ ନେତା ଆସୁଛନ୍ତି, ଯେତେବେଳେ ପଦବୀ ମିଳିଯାଏ ମୂଳ ଉଦ୍ଦେଶ୍ୟ ସେମାନେ ଭୁଲି ଅର୍ଥ ପିପାସୁ ହୋଇ ପଡୁଛନ୍ତି । ଗସ୍ତ ଖର୍ଚ୍ଚରୁ ଧନ ପାଇବା ପାଇଁ ପର୍ବର ମୂଷିକ ପ୍ରସବ କାର୍ଯ୍ୟକ୍ରମରେ ଜଡ଼ିତ, ନେତା ମନ୍ତ୍ରୀ କର୍ଣ୍ଣଧାର ବଚନ ଦିଅନ୍ତି କାର୍ଯ୍ୟ କରନ୍ତି ବିଭାଗୀୟ କର୍ମଚାରୀ, ଅର୍ଥ ଯୋଗାନ୍ତି ଅର୍ଥ ବିଭାଗ, ଏସବୁ ବଚନିକା ପରେ ଯୋଜକଥାକୁ ସେହିକଥା ପୂର୍ବ ପରି ରହିଥାଏ । ଏଥିରେ କାମ ନହେଲେ ବଚନଦାତା, ପର ନିର୍ବାଚନ ପ୍ରଚାରରେ ଭୋଟ ଭିକ୍ଷା ପାଇଁ ତତ ପିଛିଲା ବଚନ ପାଇଁ ସେ ଚେଷ୍ଟା କରିଥିଲେ ମାତ୍ର ଅର୍ଥ ଅଭାବ ଅନନ୍ୟ ଯୋଜନାକୁ ଆଗ୍ରସାର ପାଇଁ ତାହାକୁ ପଛ ରଖାଯାଇଛି । ଏଥରକ ସରକାର ଆସିଲେ ତାହା ପୂରଣ ହେବା ସହ ଅନ୍ୟ ନୂଆ ଯୋଜନା ଏ ଅଂଚଳ ପାଇଁ ପ୍ରସ୍ତୁତ କରାଯାଇଛି । ସବୁବେଳେ ପ୍ରତିଶ୍ରୁତି ମାତ୍ର ତାହା ପୂରଣ ହେବା ସମ୍ଭବ ହେବା ପାଣିରେ ଗାର । ସବୁ ନେତା କେବେବି ଏକାନୁହଁନ୍ତି ବ୍ୟାପକ ଜନତାଙ୍କୁ ଯେ ଆପଣାର ମନେକରି ତାଙ୍କ ଭଲ ପାଇଁ ବିଧାନସଭା ବା ଲୋକସଭାରେ ପ୍ରସ୍ତାବ ଆଗତକାରୀ ହୋଇପାରନ୍ତି ସେ ନେତା ପ୍ରକୃତରେ ସର୍ବବାଦୀ ଜନ ସେବକ, ସେ ଭୂମିପୁତ୍ର ଲୋକଙ୍କ ଭାଇ । ନେତା ମାନେ କୌଣସି ଜନସଭାରେ ଭାଷଣ ଆରମ୍ଭରେ କହି ଥାନ୍ତି 'ହେ ମୋର ପ୍ରିୟ ଭାଇ ଓ ଭଉଣୀମାନେ' ଏହା ତାଙ୍କୁ ଭୂମି ପୁତ୍ର, ବା ଭୂମି କନ୍ୟା ରୂପେ ମନନ ସିଦ୍ଧାନ୍ତ ନେବାକୁ ପଡ଼ିବା ଜରୁରୀ । ଏବେ ପୂର୍ବ, ପଶ୍ଚିମ, ଉତ୍ତର ଦକ୍ଷିଣ ଏପରି ଦିଗ ବଂଟନ ସଂକୁଚିତ ସଂକୀର୍ଣ୍ଣ ବିଚାର ଧାରା ନେତା ମାନଙ୍କ ମଧ୍ୟରେ ଦେଖା ଦେଉଛି ଏହା ବ୍ୟାପକ ରାଜ୍ୟ ବା ଦେଶର ଅଖଣ୍ଡତାର ବିରୁଦ୍ଧ ଆୱାଜ, ଏହା ଗଣତନ୍ତ୍ରର ଘୋର ବିରୁଦ୍ଧସ୍ୱର । ଏମିତି ଥିଲା ଦେଶୀୟ ରାଜ୍ୟ, ରାଜା ଜମିଦାର ଯେଉଁମାନେ ପରସ୍ପର ସଦାମାମଲା, ଲଢ଼େଇରତ ରହିଥିବାରୁ ଏ ଦେଶକୁ ବାହାର ଆକ୍ରମଣକାରୀ ଆସି ଲୁଣ୍ଠନ କରିବା କଣ ଭୁଲି ଗଲେକି ? ସାମୁହିକ ଶକ୍ତି ଆଜି ଦେଶରେ ଯାହା ପ୍ରଗତି କରିଚାଲିଛି ପୂର୍ବେ ଏପରି ହେବା କେବେବି କଳ୍ପନା କରାଯାଇନଥିଲା । ଦେଶ, ରାଜ୍ୟ, ଜିଲ୍ଲା ସବୁ ଶାସନ ସୁବିଧା ପାଇଁ ଏକ ଏକ ଏକକ, ଦେଶ ଏକ ବଡ଼ ବୃତ ତାହା ମଧ୍ୟରେ ରାଜ୍ୟମାନେ ପୁଣି ତାହା ମଧ୍ୟରେ ଜିଲ୍ଲା ଏହିପରି ବଡ଼ ବୃତ ମଧ୍ୟରେ ସାନ କ୍ରମ ବୃତ ହୋଇ ହୋଇ କେନ୍ଦ୍ରବିନ୍ଦୁ ନାଭିରେ ଯେକୌଣସି ବ୍ୟକ୍ତି ସ୍ଥାନ ଆସିପାରନ୍ତି । ବୃତ କେନ୍ଦ୍ରରେ କୌଣସି ଆୱାଜ ସମଗ୍ର ବୃତ ମଣ୍ଡଳୀରେ କମ୍ପନ କରିପାରେ । ଏହା ବୁଝି ସୃଷ୍ଟିର ଚିନ୍ତା ପ୍ରତ୍ୟେକ କରବା ଦେଶ ଧର୍ମ, ବିନାଶ ଚିନ୍ତା ବା ବ୍ୟକ୍ତିଗତ ସ୍ୱାର୍ଥପର ଚିନ୍ତା ଆସୁରୀ ଧ୍ୱଂସକାରୀ ଚିନ୍ତା ।

ମହାଭାରତ ଶାସ୍ତ୍ର ନାମ ଜୟ ଶାସ୍ତ୍ର । ଏଥିରେ ଶତକଡ଼ା ଶହେ ବଖାଣ ଆଶା ଶେଷରେ ମୂଳରୁ ଚାଲିଯିବା ଦର୍ଶାଯାଇଛି । ଦୁର୍ଯ୍ୟୋଧନଙ୍କ ଚିନ୍ତା କେହି କରନାହିଁ । ଏ ଶାସ୍ତ୍ର ସତର୍କ ଘଂଟି ଦେଉଛି । ପଂଚମହାଭୂତ ସାର୍ବଜନୀନ ସହାୟକ, ସମ ବଂଟନରେ ସମସ୍ତେ ଉପଭୋକ୍ତା, ତେବେ ଭୂତଗଣଙ୍କ ସାମ୍ୟ ବାଦ ନୀତିକୁ ସମୟ ଅନୁସାରେ କାମରେ ଲଗାଇବା ବୁଦ୍ଧିମାନଙ୍କ କାମ । ଜଳ ମହାଭୂତ ପ୍ରାଣରକ୍ଷକ ପୁଣି ଧ୍ୱଂସକାରୀ, କିପରି ଏହା ଧ୍ୱଂସଧର୍ମୀ ନହେବ ତାହା ସମୟ ଓ ସ୍ଥାନ ଦୃଷ୍ଟେ ବିହିତ ଜ୍ଞାନୀ ବିଜ୍ଞମାନେ ଆଗୁଆ ଯୋଜନା କରିବାକୁ ପଡ଼ିବ । ଜଳଧର୍ମ ତଳକୁ ଗଡ଼ିବା, ଆକାଶକୁ ଜଳୀୟ ବାଷ୍ପ ସୂର୍ଯ୍ୟ ତାପରେ ଆକାଶକୁ ଯିବ ପବନରେ ବାଷ୍ପ ମେଘ ହୋଇ ତଳକୁ ଖସିବ ଉଚ୍ଚସ୍ଥାନରୁ ଜଳ ନଦୀ ମାର୍ଗରେ ତଳକୁ ବହିବ ବର୍ଷା ଦିନରେ ନଦୀ ଶୁଷ୍କ ହୋଇଯିବ, ଏଇଥିରୁ ମାନବ ସବୁଦିନେ ଜଳ ପାଇବା ପାଇବା ପୁଣି ସେଥିରୁ ବିଭିନ୍ନ ଯୋଜନାରେ ଲାଭ ପାଇବା ଏହା ଭାବନା ଦରକାର । ଉପରମୁଣ୍ଡ ତଳ ମୁଣ୍ଡ ସ୍ଥାନର ପୁର ସହଯୋଗରେ ବିଜ୍ଞ ବ୍ୟକ୍ତିମାନେ ଚିନ୍ତା କରି ସ୍ଥିର ଦୀର୍ଘ ଯୋଜନା କରି ଚାଲିବା ଦରକାର । ଆଜି ମହାନଦୀର ଜଳ ବିବାଦ, ମଧ୍ୟପ୍ରଦେଶ ଭଙ୍ଗ ହୋଇ ଛତିଶଗଡ଼ ହେଲାବେଳେ ଓଡ଼ିଶାର ସାଂସଦମାନେ ମହାନଦୀର ଜଳ ବଂଟନ ପ୍ରସଙ୍ଗ ତତ୍କାଳ ଫଇସଲାକରି ଦେଇ ରାଜ୍ୟ ସୃଷ୍ଟି କରିବାକୁ ଦେଇଥିଲେ । ଏ ସମୟର ସମସ୍ୟା କେବେ ହୋଇନଥାନ୍ତା । କାବେରୀ, ଜଳ ବିବାଦ, ସିନ୍ଧୁଜଳ ବିବାଦ, ଗଙ୍ଗା ଜଳ ବିବାଦ, ବ୍ରହ୍ମପୁତ୍ର ଜଳବିବାଦ ଆମ ଦେଶରେ ବେଳକୁ ବେଳ ଜଟିଳ ଓ ଅର୍ଥ କ୍ଷୟକାରୀ ହେବା ସହିତ ବନ୍ୟା ନିୟନ୍ତ୍ରଣରେ ସମସ୍ୟାକାରୀ ହେବାକୁ ଲାଗିଲାଣି । ବନ୍ଧ ଆଜିକଟ ବି ନିରାପଦ ହୋଇ ରହୁନାହିଁ । ତଳମୁଣ୍ଡ ଜଳ ପ୍ରଳୟ ସଦା ଆତଙ୍କରେ ରହୁଛନ୍ତି । ଯେପରି ପାଖଦେଶ ଶତ୍ରୁତାରୁ ଦେଶ ଜନତାଙ୍କୁ ରକ୍ଷାଚେଷ୍ଟା ସେପରି ଜଳପ୍ରଳୟରୁ ନିଜ ଦେଶ ଭିତର ଲୋକଙ୍କୁ ଦୁଶ୍ଚିନ୍ତା ମୁକ୍ତ ରଖାଯିବା ଅତି ଜରୁରୀ । ରେଳପଥ, ଚୌଡ଼ା ଲମ୍ବା ରାଜପଥ, ସେତୁ ନିର୍ମାଣ ପରି ଜଳ ସମସ୍ୟାର ସୁଚିନ୍ତିତ ଯୋଜନା ଆଶୁ ଆବଶ୍ୟକ । ଆମ ରାଜ୍ୟ ମାଟିତଳକୁ ଜଳସ୍ତର ବର୍ଷକୁ ବର୍ଷ ତଳକୁ ଖସୁଛି । ଏହାର କାରଣ ହେଉଛି ଏକ ସମସ୍ତେ ମାଟି ବା ସିମେଂଟ ନଦରେ ବସୁଥିବା କୂପଗୁଡ଼ିକୁ ନାପସନ୍ଦ ବା ଅସ୍ୱାସ୍ଥ୍ୟକର ଜଳ ଧାରା ଯାଇ ରୁଦ୍ଧ କରାଗଲା । ଏହା ମୂଳରେ ମାଟିରେ ପାଖାଇନା ମଳ ସେପ୍ଟିକ ଟାଙ୍କି ବହୁଳ ବହୁସ୍ଥାନରେ କରାଯିବାରୁ କୂପଜଳ ଦୂଷିତ ହେଲା । କୂଜଳ ସୁଜଳ ମାଟି ଜଳେଇ ଝରି ମିଶି ଏକାଣ୍ଡ ହୋଇଗଲା । ବିଶେଷୋଣରେ କୂପ ବାର୍ମିରୁ ଜଳ ମିଳୁନଥିଲା । ମାତ୍ର ବହୁତଳ ମାଟିର ଜଳ ସ୍ତରକୁ ପମ୍ପିଙ୍ଗ ସାହାଯ୍ୟରେ ଶୋଷି, ବିଶୋଷିତ କରି, ଉପର ପରି ଜଳ ସଂଗ୍ରହ କରାଯିବା ପଦ୍ଧତି ଏବେ ବହୁତ ସହର, କାରଖାନା, ଶିଳ୍ପ ଅନୁଷ୍ଠାନ, ପାଇଁ ଜଳ ଯୋଗାଣ ଜଳସ୍ତର ତଳକୁ ତଳ ନେଉଛି । ଲୋକେ ଟେକାପାଣିରେ ସ୍ନାନ ଶୌଚ ଲୁଗା ସଫା କରିବାରେ ପାଣି ସବୁ ବୋହି ନାଳୀରେ ବହି ଯାଉଛି, ପୁଣି ଏହା ପରିତ୍ୟକ୍ତ ଡ୍ରେନରେ ପାଖ ନଦୀ ନାଳକୁ ଯାଇ ତାହା ଦୂର ସ୍ଥାନ ଲୋକଙ୍କୁ ରୋଗରେ ପକାଉଛି । ସେଜଳ ସେଡିମେଂଟ ହୋଇ ପରିଷ୍କାର ହେଲେ ବି ଜୀବାଣୁ, ଭୂତାଣୁ ମୁକ୍ତ ହୋଇନପାରେ । ଯଦି ନଦୀ ମାନଙ୍କରେ ଆଡ଼ବନ୍ଧ ବନ୍ଧ ନଦୀ ପ୍ରବାହିତ ମାର୍ଗରେ କରାଯାଇ ପାରନ୍ତା ତେବେ ଲୋକେ ସେହି ଜଳ ଭଣ୍ଡାର ମାନଙ୍କରେ ଘାଟ ବାନ୍ଧି ସ୍ନାନ କଲେ ଜଳ ସଂଚୟ ସହଜରେ ହୋଇପାରନ୍ତା । ମାଟିତଳେ ଜଳସ୍ତର କମତା ନାହିଁ ।

ପୁଣି ଲୋକେ ଘର କରିବେ ବୋଲି ପୋଖରୀ ପୋତି ଦେଉଛନ୍ତି ଏହା ଆଇନର କଡ଼ାକଡ଼ି କରି ରୋଧ କଲେ ଲୋକେ ତହିଁରେ ପୂର୍ବପରି ସ୍ନାନ ଶୌଚ ହେଲେ ମାଛ ଚାଷ କଲେ ସ୍ଥାନ ସୁନ୍ଦର ସ୍ୱାସ୍ଥ୍ୟ ଉପଯୋଗୀ ଏପରିକି ବହୁତ ଗରମ ବୋଧ ଅବହାୱା କମିଯାଆନ୍ତା । ଗ୍ୟାସ ଜାଳେଣି ଲୋକେ ଜାଳିବାରୁ କାଠ ଜାଳେଣି ଭାବନାମୁକ୍ତ, କାଠ ଚାହିଦା କମଯୋଗୁ ବୃକ୍ଷ ରୋପଣ ଯତ୍ନ କେହି କରୁନାହାନ୍ତି ଓଲଟି ବଡ଼ ବଡ଼ ଗଛ ହାଣି ଲୋପକରି ଦିଆଯାଉଛି, ଗଛମାନେ ମାଟିତଳୁ ଜଳକୁ ଶୋଷଣ କରି ତାଙ୍କର ଜୀବନ ବଂଚାଇବା ସହ ଜୀବଜନ୍ତୁଙ୍କୁ ଅମ୍ଳଜାନ ଯୋଗାଇ ଫସଲମୂଳ ପତ୍ର ଛାଲି ଚେର ରସ ଅଠା ଯୋଗାଇ ବହୁତ ଉପକାର ସହିତ ଜଳସ୍ତର ମାଟିତଳରେ ସମାନ ରଖନ୍ତି । ଜଳୀୟ ବାଷ୍ପ ବର୍ଷାର କାରଣ ହୁଅନ୍ତି ପୁଣି ବାୟୁମଣ୍ଡଳକୁ ଶୀତଳ ରଖନ୍ତି ଛାୟା ପ୍ରଦାନ କରନ୍ତି, ବର୍ତ୍ତମାନ ଆମ୍ବ ତୋଟା, ବାଉଁଶ ବନ, ଜଙ୍ଗଲ ରାସ୍ତାକଡ଼ ଗଛ ତାଳବନ ନଡ଼ିଆ ବଗିଚା ଶେଷ । ପୁଣ୍ୟବର ଓସ୍ତ ବିବାହ ଦୁର୍ଲଭ । ଖାଲି ଧର୍ମ ଧର୍ମ ଚିତ୍କାର କେ ବୁଝିଛନ୍ତି, ଦଣ୍ଡକା ଅରଣ୍ୟ କ'ଣ ? ପଂଚବଟି କ'ଣ ? ବୃନ୍ଦାବନ କ'ଣ ? ତାଳବନ କ'ଣ ? ଏକାମ୍ର କାନନ କ'ଣ ? ବନଯାଗ କ'ଣ ? ହେଲେ ବନ ଭୋଜୀ ବୁଝନ୍ତି, କିନ୍ତୁ ବଣ ଯେ ଶଙ୍କୁ ଏହା ତାଙ୍କୁ ବୁଝାଯିବା ଦରକାର, ବିଳାସ ଭୋଜନ ଷ୍ଟାର ହୋଟେଲରେ କଟେଜ ଚାଳଛପର କୁଡ଼ିଆରେ କରିବାକୁ ଅନେକ ମୂଲ୍ୟ ଦେଇ ଖୁସି ମନାଉଛନ୍ତି କିନ୍ତୁ ଚାଳଘରରେ ବାସ ନାକ ଟେକା, ପ୍ରତ୍ୟେକ ବାପାଙ୍କ ବାପା ମାଙ୍କ ଦିନେ ଏଇ ଚାଳଘରେ ରହୁଥିଲେ ।

*'ତରେଣୀ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ,
କଟକ, ଦୂରଭାଷ : ୯୪୩୭୦୩୧୨୫୩*

ସେଇଠୁ ଆରମ୍ଭ
SEITHO ARAMBHA

ଶନିବାର, ୦୬ ଡିସେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୫

କନ୍ଧମାଳ ଜିଲ୍ଲା ସ୍ୱାକ୍ ତରଫରୁ କାଳିଗାଡୁ ପର୍ଯ୍ୟଟନ ସ୍ଥଳୀରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଜି.ଉଦୟଗିରି, ୦୫/୧୨ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିକଟରେ ଥିବା କାଳିଗାଡୁ ପର୍ଯ୍ୟଟନ ସ୍ଥଳୀରେ ୟୁଥ ଫର ୱାଟେର ପ୍ଲସ ଓ ପ୍ରକୃତି ମିତ୍ର ସୌରଭ ରଞ୍ଜନ ପ୍ରଧାନଙ୍କ ସହାୟତାରେ କନ୍ଧମାଳ ଜିଲ୍ଲାର ସ୍ୱାକ୍ ସଂଗଠନ ତରଫରୁ ଶୁକ୍ରବାର ପର୍ଯ୍ୟଟନ ସ୍ଥଳୀ ରେ ସ୍ୱଚ୍ଛ ଓ ପରିଚ୍ଛନ୍ନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ପର୍ଯ୍ୟଟନ ସ୍ଥଳୀରେ ଅନେକ ପ୍ଲାଷ୍ଟିକ ବୋତଲ, ପଲିଥିନ ଜରି, ମଦ ବୋତଲ ଏଣେ ତେଣେ ପଡ଼ିଥିବା ହେତୁ ଅନେକ ପର୍ଯ୍ୟଟକଙ୍କ ପାଇଁ ଏହା ଏକ ଖରାପ ପରିବେଶ ମନେକରି ସ୍ୱାକ୍ ସଂଗଠନ ତରଫରୁ ଏଭଳି ପଦକ୍ଷେପ ନିଆଯାଇଥିବା କହିଛନ୍ତି ସଦସ୍ୟ ସଦସ୍ୟା । ଏହିପରି କନ୍ଧମାଳ ଜିଲ୍ଲାର ପ୍ରତି ବ୍ଲକରେ ଅନେକ ସୁନ୍ଦର ସୁନ୍ଦର ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ ରହିଛି ଯେଉଁଠାରେ ଏହିପରି ପଲିଥିନ ଜରି, ପ୍ଲାଷ୍ଟିକ ବୋତଲ ଓ ମଦ ବୋତଲ ପଡ଼ିଥିବାରୁ ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଏବଂ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ବ୍ୟବହାର ଫଳରେ ପରିବେଶ ଖରାପ ହେବା ସହିତ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ, ଜଳପ୍ରପାତ ଓ ବଣଭୋଜି ସ୍ଥାନ ଗୁଡ଼ିକ ଅଂଚଳବାସୀଙ୍କ ଦ୍ୱାରା କିପରି ପରିମଳ ପରିଚ୍ଛନ୍ନତା ହୋଇପାରିବ ସେଥି ପାଇଁ ସମାଜ ଓ ପର୍ଯ୍ୟଟକ ମାନଙ୍କ ମଧ୍ୟରେ ମାନସିକତାରେ ପରିବର୍ତ୍ତନ ଆଣିବା ସହିତ ଡଷ୍ଟବିନ ବ୍ୟବହାର କରିବା ପାଇଁ ବାର୍ତ୍ତା ଦେବା ନିମନ୍ତେ ଏହି ପରି କାର୍ଯ୍ୟକ୍ରମ କାଳିଗାଡୁ ପର୍ଯ୍ୟଟନ ସ୍ଥଳୀରେ ଆରମ୍ଭ କରାଯାଇଛି । ଏହି ପରି କାର୍ଯ୍ୟକ୍ରମ ସବୁ ପର୍ଯ୍ୟଟନ ସ୍ଥଳୀରେ କରାଯିବ ବୋଲି ସ୍ୱାକ ସଂଗଠନର ସମ୍ପାଦକ ହୃଷିକେଶ ପ୍ରଧାନ କହିଛନ୍ତି । ବର୍ତ୍ତମାନ ଏହି ସ୍ଥାନକୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବା ବେଳେ ଏଠିକାର ପରିବେଶ ଓ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ କିପରି ବିଭିନ୍ନ ଜିଲ୍ଲା ତଥା ରାଜ୍ୟ ବାହାରର ପର୍ଯ୍ୟଟକ ଆସିବେ ସେଥି ପାଇଁ ସ୍ୱଚ୍ଛତାକୁ ପ୍ରାଥମିକତା ଦିଆଯାଇଥିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସ୍ୱାକର ସଭାପତି ଅମନ ଚନ୍ଦ୍ର ନାୟକ ମତ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକର ସମାଜସେବୀ ସସ୍ମିତା ମଲ୍ଲିକ, ସାମନ୍ତ ଚନ୍ଦ୍ରଶେଖର ନାୟକ,ସଞ୍ଜୀବ ଦିଗାଲ, କୁଞ୍ଜବନ କହଁର, ରଶ୍ମିତା ମଲ୍ଲିକ , ଡି. ସବନମ, ଗଗନ କୁମାର ପ୍ରଧାନ ଓ ଅନ୍ୟମାନେ ସାମିଲ ହୋଇଥିବା ବେଳେ ସମ୍ବାଦ ପ୍ରତିନିଧି ସମୀର କୁମାର ପାଢ଼ୀ , ସ୍ଥାନୀୟ ସରପଂଚ ଝରଣା ପ୍ରଧାନ, ଗ୍ରେସିଙ୍ଗିଆ ସରପଂଚ ତଥା ସଂଗଠନ ସଦସ୍ୟା ତ୍ରାଶିଳା ପ୍ରଧାନ ଯୋଗଦେଇଥିଲେ ।

ଝାରବନ୍ଧ ଗ୍ରାମରେ ସାମୂହିକ ମାଣବସା ମହାଲକ୍ଷ୍ମୀ ପୂଜା ଆୟୋଜନ

ସିନାପାଲି, ୦୫/୧୨ (ଆ.ପ୍ର) : ସିନାପାଲି ବ୍ଲକ ଅନ୍ତର୍ଗତ ଝାରବନ୍ଧ ଗ୍ରାମରେ ସାମୂହିକ ମାଣବସା ମହାଲକ୍ଷ୍ମୀ ପୂଜା ଧୂମଧାମରେ ଆରମ୍ଭ ହୋଇଛି । ଗ୍ରାମବାସୀଙ୍କ ସଂଘବଦ୍ଧ ପ୍ରୟାସରେ ସୋମବାର (ତା. ୦୧/୧୨/୨୫) ଠାରୁ ଆରମ୍ଭ ହୋଇଥିବା ଏହି ମହାସମାରୋହ ଆସନ୍ତା ଶୁକ୍ରବାର (ତା. ୦୫/୧୨/୨୫) ପର୍ଯ୍ୟନ୍ତ ଚାଲିବ । ପ୍ରଥମ ଦିନ କଳସ ଯାତ୍ରାରେ ଗ୍ରାମର ଶତାଧିକ ମା-ଭଉଣୀମାନେ ଅଂଶଗ୍ରହଣ କରି ସ୍ଥାନୀୟ ପୋଖରୀରୁ ପୂଣ୍ୟଜଳ ଆଣି ପୂଜାମଣ୍ଡପରେ କଳସ ସ୍ଥାପନ କରିଥିଲେ । ଛତିଶଗଡ଼ର ସଙ୍କୀର୍ତ୍ତନ ଦଳଙ୍କ ନାଚ-ଗୀତ, ଘଂଟ-ଶଂଖ ଓ ହୁଳହୁଳି ଶବ୍ଦରେ ସମ୍ପୂର୍ଣ୍ଣ ଗ୍ରାମ ଉତ୍ସବମୟ ପରିବେଶରେ ମୁଖ ହୋଇଉଠିଥିଲା । ପୂଜା କର୍ତ୍ତା ଭାବରେ ଶ୍ରୀନୀଳରାଜ ସିଂ ମାଝୀ ଓ ତାଙ୍କ ଧର୍ମପତ୍ନୀ ମିନାକ୍ଷୁମାରୀ ମାଝୀ ଦାୟିତ୍ୱ ନେଇଥିବାବେଳେ, ପୂଜକ ଜାନକୀ ପ୍ରସାଦ ସୁପକାର ଉଚିତ ରୀତି-ନୀତି ଅନୁସାରେ ସୁନ୍ଦର ଭାବରେ ପୂଜାର୍ଚ୍ଚନା କରୁଛନ୍ତି । ଆସପାସ ଅଂଚଳରୁ ଭକ୍ତମାନେ ପ୍ରତିଦିନ ସଂଖ୍ୟାଘାତ ଆସି ମା ଜଗତଜନନୀ ମହାଲକ୍ଷ୍ମୀଙ୍କ ସନ୍ଧ୍ୟା ଆଳତି ଦର୍ଶନ କରି ପ୍ରସାଦ ସେବନ କରି ନିଜକୁ ଧନ୍ୟମନେ କରୁଛନ୍ତି । ପୂଜା କମିଟିରେ ସଭାପତି ଭାବରେ ସୁବାଷ ଚନ୍ଦ୍ର ମାଝୀ, ସମ୍ପାଦକ ମନସଦନ ମାଝୀ, ଉପ-ସଭାପତି ବାସୁଦେବ ପୁଜି, ସହ-ସମ୍ପାଦକ ଜଗବନ୍ଧୁ ମେହେର ଓ କୋଷାଧ୍ୟକ୍ଷ ତୁଳାରାମ ବାଗ ଦାୟିତ୍ୱ ପାଳନ କରୁଛନ୍ତି । ସମସ୍ତ କର୍ମକର୍ତ୍ତାମାନେ ଓ ଝାରବନ୍ଧ ଗ୍ରାମବାସୀମାନଙ୍କ ସହଯୋଗରେ ପୂଜା ବୈଭବମୟ ଭାବରେ ଆୟୋଜିତ ହେଉଛି । କମିଟି ପକ୍ଷରୁ ପ୍ରତ୍ୟେକ ରାତ୍ରିରେ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ରଖାଯାଇଥିବା ସୂଚନା ମିଳିଛି ।

ପାରାଦୀପ ବନ୍ଦର ପ୍ରଶାସନିକ ସଚିବ ଦାୟିତ୍ୱ ଗ୍ରହଣ କଲେ ବାପି ରାଜୁ

ପାରାଦୀପ, ୦୫/୧୨ (ଆ.ପ୍ର) : ପାରାଦୀପ ବନ୍ଦର ପ୍ରାଧିକରଣର ସଚିବ ଭାବେ କୃଷ୍ଣ ବାପି ରାଜୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ଜଣେ ପ୍ରତିଷ୍ଠିତ ଆଇନଗତ ଏବଂ ପ୍ରଶାସନିକ ବୃତ୍ତିଗତ ଭାବେ ସାର୍ବଜନୀନ କ୍ଷେତ୍ର ସଂଗଠନରେ, ବିଶେଷକରି ଭାରତର ପ୍ରମୁଖ ବନ୍ଦର କ୍ଷେତ୍ର ମଧ୍ୟରେ ତିନି ଦଶନ୍ଧିରୁ ଅଧିକ ସମୟ ଧରି କାର୍ଯ୍ୟ କରିଛନ୍ତି । ରାଜୁ ଆଇନରେ ତାଙ୍କର କ୍ୟାରିଅର ଆରମ୍ଭ କରି କ୍ରମଶଃ ସାମ୍ବିଧାନିକ ସଂସ୍ଥା ଏବଂ ବନ୍ଦର କର୍ତ୍ତୃପକ୍ଷଙ୍କ ମଧ୍ୟରେ ବରିଷ୍ଠ ପ୍ରଶାସନିକ ଏବଂ ଆଇନଗତ ଭୂମିକା ଗ୍ରହଣ କରିଛନ୍ତି । ସେପ୍ଟେମ୍ବର ୧୯୯୫ ମସିହାରେ ଆନ୍ଧ୍ର ପ୍ରଦେଶ ରାଜ୍ୟରେ ଜଣେ ଓକିଲ ଭାବେ ଆଠ ବର୍ଷ ପାଇଁ ଆଇନ ଅଭ୍ୟାସ କରିଥିଲେ । ୨୦୧୭ ମସିହାରେ ସେ ପାରାଦୀପ ବନ୍ଦରରେ ଉପମୁଖ୍ୟ ଆଇନ ଅଧିକାରୀ ଭାବରେ କାର୍ଯ୍ୟ କରିଥିଲେ । ଉଲ୍ଲେଖଯୋଗ୍ୟ, ଏହି କାର୍ଯ୍ୟକାଳ ମଧ୍ୟରେ, ତାଙ୍କୁ ଭିପିଏରେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା, ଯାହା ଏହି କ୍ୟାଡରରେ ଦୁଇଟି ବନ୍ଦର ପାଇଁ ଏକକାଳୀନ କାର୍ଯ୍ୟ କରୁଥିବା ପ୍ରମୁଖ ବନ୍ଦର କ୍ଷେତ୍ରର ଇତିହାସରେ ଏକମାତ୍ର ଅଧିକାରୀ ହୋଇଥିଲେ । ତାଙ୍କୁ ନ୍ୟୁ ମାଙ୍ଗାଲୋର ବନ୍ଦର ପ୍ରାଧିକରଣର ବରିଷ୍ଠ ଉପସଚିବ ଭାବରେ ପଦୋନ୍ନତି କରାଯାଇଥିଲା । ବାପି ରାଜୁ ଜଣେ ସମସ୍ୟା ନିବାରକ ଭାବରେ ଭଲ ଖ୍ୟାତି ଅର୍ଜନ କରିଛନ୍ତି ଏବଂ ତାଙ୍କର ଆଇନଗତ ବିଶେଷଜ୍ଞତା ମାଧ୍ୟମରେ ଅନେକ ପ୍ରଶାସନିକ ଅଚଳାବସ୍ଥା ସମାଧାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଗତକାଲି ସେ ପିପିଏର ସଚିବ ଭାବରେ ଯୋଗ ଦେଇଛନ୍ତି ।

କଲ୍ୟାଣସିଂହପୁର ଠାରେ ମା' ଭୈରବୀ ୟୁଥ୍ ଭୋଲିବଲ ଟୁର୍ନାମେଂଟର ଶୁଭ ଉଦଘାଟନୀ କାର୍ଯ୍ୟକ୍ରମ

କଲ୍ୟାଣସିଂହପୁର, ୦୫/୧୨ (ଆ.ପ୍ର) : ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ପୁରୁଣା ବସଷ୍ଟାଣ୍ଡ ଠାରେ ମା ଭୈରବୀ ୟୁଥ ଭଲିବଲ ଟୁର୍ଣ୍ଣାମେଂଟ ଶୁଭ ଉଦଘାଟନ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ରାୟଗଡା ଜିଲ୍ଲା ବିଜେପି ସଭାପତି ଗୋପୀ ଆନନ୍ଦ ଉପସ୍ଥିତ ରହିଥିବା ବେଳେ ସମ୍ମାନିତ ଅତିଥି ଭାବେ ମୁଖ୍ୟ ଆୟୋଜକ ସନ୍ଦୀପ ଗୁଡଲା, ବିଜେପି ମଣ୍ଡଳ ସଭାପତି ଅଜିତ ପାଣିଗ୍ରାହୀ, ବରିଷ୍ଠ ବିଜେପି ନେତା କୃଷ୍ଣ ସାମଲ, ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ସେନାପତି, ରାୟଗଡା ଜିଲ୍ଲା କଳା ସଂସ୍କୃତି ସଙ୍ଘ ଉପ ସଭାପତି ସନ୍ତୋଷ କୁମାର ବଛା, ଶିବପ୍ରସାଦ ପଟନାୟକ, ପୂର୍ବତନ ମଣ୍ଡଳ ସଭାପତି ଶିବ ଆଚାରି, ଯୁବ ସଂଗଠକ ଗଙ୍ଗାରାଓ ପ୍ରାସ୍କା, ନକୁଳ ବେହିଆ, ସୁରେନ୍ଦ୍ର କୌଶଲ୍ୟା, ବରିଷ୍ଠ କର୍ମୀ ସୁରେଶ ଗୁଡଲା, ଓ ଅନ୍ୟାନ୍ୟ ବିଜେପି କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହିଥିଲେ । ଆଜିର ଉଦଘାଟନି ଉତ୍ସବରେ କଲ୍ୟାଣସିଂହପୁରର ସାଗର ଦଳ ଓ ପଲମା ଦଳ ମଧ୍ୟରେ ଖେଳ ହୋଇଥିଲା । ଏଥିରେ ପଲମା ଦଳ ବିଜେତା ହୋଇଥିଲା । ଆଜିଠାରୁ ପ୍ରାରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ୧୬ ଟି ଭାଗ ନେଇଛନ୍ତି । ବିଜେତା ଦଳକୁ ଟ୍ରଫି ସହ କୋଡିଏ ହଜାର ଟଙ୍କା ଓ ରନର ଟିମକୁ ଟ୍ରଫି ସହ ପନ୍ଦର ହଜାର ଟଙ୍କା ପ୍ରଦାନ କରା ଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି । ଆଜିର ଏହି ଭଲିବଲ ଟୁର୍ଣ୍ଣାମେଂଟ ଦେଖିବାକୁ ସ୍ଥାନୀୟ ଅଂଚଳର ଶହ ଶହ ଖେଳ ପ୍ରେମୀଙ୍କ ଭିଡ଼ ଜମିଥିଲା ।

ଛାତ୍ରୀ ନିବାସ ନିର୍ମାଣ ନିମ୍ନ ମାନର ଚାଲିଛି

ପାରଳାଖେମୁଣ୍ଡି, ୦୫/୧୨ (ଆ.ପ୍ର) : ଗଜପତି ଜିଲ୍ଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ନିର୍ମାଣ ଚାଲିଥିବା ୧୦୦ ଶଯ୍ୟା ବିଶିଷ୍ଟ କସ୍ତୁରବା ଗାନ୍ଧୀ ଛାତ୍ରୀ ନିବାସ କାମ ନିମ୍ନମାନର ଚାଲିଛି । ସ୍ଥାନୀୟ ଜନସାଧାରଣ ଏଦିଗରେ ଅଭିଯୋଗ କରିଛନ୍ତି । ସେମାନେ କହିଛନ୍ତି ୧କୋଟି ଟଂକା ଅନୁମୋଦିତ ଏହି ନିର୍ମାଣ କାମ ଯାହା ନାମରେ ଟେଣ୍ଡର ଦିଆଯାଇଛି ସେ ନିଜେ ନକରି ଅନ୍ୟ ଜଣେ କରୁଛନ୍ତି । ନିର୍ମାଣରେ ବ୍ୟବହୃତ ଲୁହାଛଡ଼ ଓ ସିମେଂଟ ନିମ୍ନ ମାନର ଅଟେ । ତେଣୁ ସେମାନେ ଭିଜିଲାନ୍ସ ଦ୍ୱାରା ତଦନ୍ତ ଦାବୀ କରିଛନ୍ତି । ଅନ୍ୟ ପକ୍ଷରେ ଆଇଟିଡିଏର ସହକାରୀ ଯନ୍ତ୍ରୀ ରୋହିତ ବେହେରା କହିଛନ୍ତି ସେମିତି ନିମ୍ନ ମାନର କୋଠା ନିର୍ମାଣ କାମ ହେଉନାହିଁ ।

ଇକୋ କ୍ଲବ ପ୍ରଦର୍ଶନୀ ଅନୁଷ୍ଠିତ

ପୁରୀ, ୦୫/୧୨ (ଆ.ପ୍ର) : ପୁରୀ ସଦର ବ୍ଲକ ମଣ୍ଡଳ ସ୍ତରୀୟ ଇକୋ କ୍ଲବ ପ୍ରଦର୍ଶନୀ ଶୁକ୍ରବାର ପୂର୍ବାହ୍ନରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ବିଦ୍ୟାଳୟ ର ୪୦ ଗୋଟି ପ୍ରୋଜେକ୍ଟ ପ୍ରଦର୍ଶିତ ହୋଇଥିଲା । ଏହି ପ୍ରଦର୍ଶନୀକୁ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଉଦଘାଟନ କରିବା ସହ ପରିବେଶ ସଚେତନତା ପାଇଁ ଇକୋ କ୍ଲବର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ସମଗ୍ର ବିଶ୍ୱରେ ଏବେ ଜଳବାୟୁ ପରିବର୍ତ୍ତନ ନେଇ ଉଦବେଗ ପ୍ରକାଶ ପାଉଛି । ବ୍ୟାପକ ବୃକ୍ଷ କଟା, ପ୍ଲାଷ୍ଟିକ ବ୍ୟବହାର, ଜଳ, ବାୟୁ ଇତ୍ୟାଦି ପ୍ରଦୂଷଣ ଯୋଗୁ ଜୀବଜଗତ ଉପରେକୁ ପ୍ରଭାବ ପଡୁଛି । ଏହାକୁ ବ୍ୟାପକ ଜନ ସଚେତନତା ମାଧ୍ୟମରେ ପ୍ରତିହତ କରାଯାଇ ପାରିବ ।ବୃକ୍ଷ ରୋପଣ, ଜଳ ସଂରକ୍ଷଣ, ଜଳର ସଦୁପଯୋଗ, ବର୍ଷା ଜଳ ଅମଳ ଇତ୍ୟାଦି ଆମ ସମସ୍ତଙ୍କ ଉତରଦାୟୀତ୍ୱ ହେବା ଉଚିତ ବୋଲି ସେ କହିଥିଲେ ।ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରତ୍ନାକର ସାହୁ, ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ସାହୁ, ଅଭିଭାବକ ଶିକ୍ଷକ ସଂଘର ସଭାପତି ସୂର୍ଯ୍ୟ ନାଥ ପ୍ରହାପଣ୍ଡା ପ୍ରମୁଖ ଯୋଗ ଦେଇ ପରିବେଶ ପ୍ରଦୂଷଣ ଓ ଇକୋ କ୍ଲବର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଅମ୍ରିତା ସାହୁ ଅଧକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଶିକ୍ଷୟତ୍ରୀ ଅଳକାନନ୍ଦା ଓ ବୈଶାଳିନୀ ମହାପାତ୍ର ମଂଚ ପରିଚାଳନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷୟିତ୍ରୀ ବିମଳା କୁମାରୀ ସେନାପତି, ଏନସିସି ଅଫିସର ଶୋଭାମଣୀ ସ୍ୱାଇଁ, ସଂଗୀତା ନାୟକ, ଶିକ୍ଷକ ସୌଭାଗ୍ୟ କୁମାର ସାହୁ, ଗାଇଡ ଶିକ୍ଷକ ସ୍ୱର୍ଣ୍ଣ ଲତା ମହାପାତ୍ର ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ । ପରେ ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅତିଥି ମାନେ ପ୍ରକଳ୍ପ ଗୁଡିକ ବୁଲି ଦେଖିଥିଲେ ।

୧୧୫ଲିଟର ଦେଶୀମଦ ଓ ୪ଗିରଫ

ଟାଙ୍ଗୀ ଚୌଦ୍ୱାର, ୦୫/୧୨ (ଆ.ପ୍ର) : ଅବକାରୀ ସୁପରଡେଂଟଙ୍କ ନିର୍ଦ୍ଦେଶରେ ଚୌଦ୍ୱାର ଅବକାରୀ ଥାନା ତରଫରୁ ଚୌଦ୍ୱାର ଓ ଏହାର ଆଖପାଖ ଅଂଚଳରେ ଚଢ଼ାଉ କରି ଘାତରନ୍ଧା ଦେଶୀ ମହୁଲି ମଦ ବିପୁଳ ପରିମାଣର ଜବତ କରିଛି । ଟାଙ୍ଗୀ ଓ ଜଗତପୁର ଅଂଚଳର ବିଭିନ୍ନ ସ୍ଥାନରେ ଚଢାଉ କରି ୧୧୫ଲିଟର ଦେଶୀ ମହୁଲି ମଦ ସହିତ ଗୋଟିଏ ହୋଣ୍ଡା ବାଇକ ଜବତ ହୋଇଛି, ଏହି ଚଢାଉରେ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ଏହି ଚଢ଼ାଉରେ ଇନ୍ସପେକ୍ଟର ମାନସୀ ନାୟକ, ବିପିନ ବିହାରୀ ସାହୁ, ଆଶୁତୋଷ ଜେନା, ରାଜକୃଷ୍ଣ ବିଶ୍ୱାଳ, ସୁନିଲ ବଳ, ଲକ୍ଷ୍ମଣ ବେହେରା ସାମିଲ ଥିଲେ । ଆସାମୀ ମାନଙ୍କ ବିରୁଦ୍ଧରେ ଅବକାରୀ ମାମଲା ରୁଜୁ କରାଯାଇ କେସ ନମ୍ବର ୧୮୦/୨୫,୧୮୧/୨୫, ୧୮୨/୨୫,୫୨/୨୫ ଆସାମି ମାନଙ୍କର ନାମ ଯଥାକ୍ରମେ କାହ୍ନୁ ଚରଣ ବାରିକ, ଚକ୍ରଧର ସେଠି, ଶିବୁନୁ ସେଠି ଉଭୟ ଗୋବିନ୍ଦପୁର ଅଂଚଳର ଏବଂ ସୁଧାଂଶୁ ଗିରି ମୁଣ୍ଡମାଳର ବୋଲି ଜଣାପଡିଛି ।

ଜଙ୍ଗଲ ଅଧିକାର ଆଇନ-୨୦୦୬ ଅନୁଯାୟୀ ଜିଲ୍ଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ

ନୂଆପଡା, ୦୫/୧୨ (ଆ.ପ୍ର) : ଜଙ୍ଗଲ ଅଧିକାର ଆଇନ-୨୦୦୬ ଅନୁସାରେ ଜିଲ୍ଲା ସ୍ତରୀୟ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଜିଲ୍ଲାପାଳ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହେଲା । ବୈଠକରେ ବନଖଣ୍ଡ ଅଧିକାରୀ (ଖଡିଆଳ) ମହମ୍ମଦ ଅଜିଜ ଖାନ, ଉପଜିଲ୍ଲାପାଳ ଉସାଟମୀ ଉସାଉନ, ଜିଲ୍ଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୁଅଇ, ସମସ୍ତ ତହସିଲଦାର, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ କୌଶଲ୍ୟା ମାଝୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀମାନେ ସହିତ ଶଇଜ ଏନଜିଓର ସଭାପତି ମହେନ୍ଦ୍ର ପ୍ରସାଦ ଓ ଜଙ୍ଗଲ ଜମି ସମ୍ପର୍କିତ ବିଭିନ୍ନ ସ୍ତରର କର୍ମଚାରୀମାନେ ଉପସ୍ଥିତ ଥିଲେ । ବ୍ୟକ୍ତିଗତ, ଗୋଷ୍ଠୀଗତ ଓ ଗୋଷ୍ଠୀ ସମବଳ ଅଧିକାର କମିଟି ଦ୍ୱାରା ମୋଟ ୬୪ ଟି ବ୍ୟକ୍ତିଗତ ଜଙ୍ଗଲ ଅଧିକାର ୦୩ ଟି ଗୋଷ୍ଠୀଗତ ଜଙ୍ଗଲ ଅଧିକାର ୧୨ ଟି ଗୋଷ୍ଠୀଗତ ଜଙ୍ଗଲ ସମବଳ ଅଧିକାର (ମୋଟ ୪୦୪.୨୫ ହେକ୍ଟର) ଅନୁମୋଦନ କରାଯାଇଛି । ପୂର୍ବରୁ ବିଚାରାଧୀନ ଥିବା ୫୩ଟି ବ୍ୟକ୍ତିଗତ ଦାବି ମଧ୍ୟରୁ ୪ଟିକୁ ପୁନଃ ନିରୀକ୍ଷଣ ପରେ ଅନୁମୋଦନ କରାଯାଇଛି । ବର୍ତ୍ତମାନ ସୁଦ୍ଧା ନୂଆପଡା ଜିଲ୍ଲାରେ ୭୭୬୮ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ୫୧ ଟି ଗୋଷ୍ଠୀଗତ ଜଙ୍ଗଲ ଅଧିକାର ୬୩ ଟି ଗୋଷ୍ଠୀଗତ ଜଙ୍ଗଲ ସମବଳ ଅଧିକାର (ମୋଟ ୩୦୪୩.୫୪ ହେକ୍ଟର) ସ୍ୱୀକୃତ ହୋଇଛି । ଏହାସହିତ ଚୁକ୍ତିଆ ଭୁଞ୍ଜିଆ ଆଦିବାସୀ ସମ୍ପ୍ରଦାୟକୁ 'ସତିଅଧିକାର' ଦେଇବା ପ୍ରକ୍ରିୟା ମଧ୍ୟ ସଫଳତାର ସହ କରାଯାଇଛି । ଗ୍ରାମ ସଭା ସ୍ତରରେ ବିଚାରାଧୀନ ସମସ୍ତ ଦାବିକୁ ଶିଘ୍ର ନିସ୍ପତି କରି ଉପଖଣ୍ଡ ସ୍ତରୀୟ କମିଟିକୁ ପ୍ରେରଣ କରିବାକୁ ନିର୍ଦ୍ଦେଶ ଦିଆଗଲା । ଅଣ-ସରକ୍ଷଣ ଗ୍ରାମ ଗୁଡିକୁ ରାଜସବ ଗ୍ରାମରେ ପରିଣତ କରିବା ନେଇ ବିସ୍ତୃତ ଆଲୋଚନା ହେଲା ଓ ଏହାର ପ୍ରକ୍ରିୟାକୁ ଶିଘ୍ର ଅଗ୍ରସର କରିବାକୁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆଗାମୀ ଦିନରେ ପ୍ରାପ୍ତ ଗୋଷ୍ଠୀଗତ ଜଙ୍ଗଲ ସମବଳ ଅଧିକାରର ସୁଚାରୁ ପରିଚାଳନା ପାଇଁ ଗ୍ରାମ ସଭାମାନଙ୍କୁ ହକିଆଧିକାରୀ ଗୋଷ୍ଠୀମାନଙ୍କୁ ବିଶେଷ ପ୍ରଶିକ୍ଷଣ ଦେବାକୁ ନିର୍ଦ୍ଦେଶ ଦିଆଗଲା । ଏହି ପାଇଁ ବିଭିନ୍ନ ବିଭାଗଙ୍କ ସମନ୍ୱୟରେ ଏକ ସଂଯୁକ୍ତ କାର୍ଯ୍ୟଯୋଜନା ତିଆରି କରାଯିବ । ସମସ୍ତ ବିଭାଗକୁ ଲକ୍ଷ୍ୟଭିତିକ କାର୍ଯ୍ୟ ନିର୍ଦ୍ଧାରଣ କରି ସମୟସୀମାରେ ସମାପ୍ତ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି ।

୧୫ ଚୋରା ମଟରସାଇକେଲ ଜବତ, ୪ ଗିରଫ

ଖଣ୍ଡପଡ଼ା, ୦୫/୧୨ (ଆ.ପ୍ର) : ଖଣ୍ଡପଡ଼ା ଓ ଫତେଗଡ ଥାନା ଅଂଚଳରୁ ଲୁଟେରା ମାନେ ଗତ କିଛିଦିନ ତଳେ ଲୁଟ କରି ନେଇଥିବା ୧୫ ଟି ମଟରସାଇକେଲକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଜବତ କରିବା ସହ ଏହି କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଥିବା ଜଣାଯାଇଛି । ତେବେ ଏ ସଂପର୍କରେ ଅଧିକ ତଦନ୍ତ ଜାରି ରହିଥିବା ନେଇ ଶୁକ୍ରବାର ଅପରାହ୍ନରେ ଖଣ୍ଡପଡ଼ା ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ନୟାଗଡ ଜିଲ୍ଲା ଆରକ୍ଷୀ ଅଧିକ୍ଷିକା ଏସ ଶ୍ରୁସ୍ରୀ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ଦେଇଛନ୍ତି । ଘଟଣାକ୍ରମେ ଫତେଗଡ ଗ୍ରାମରୁ ଦିନବନ୍ଧୁ ବେହେରାଙ୍କ ମଟରସାଇକେଲ ଚୋରୀ ହୋଇଥିବା ନେଇ ଫତେଗଡ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ମାମଲା ଏକ ମାମଲା ରୁଜୁ କରି ଘଟଣାର ଖୋଳତାଡ କରିବା ସହ ମଟରସାଇକେଲ ଚୋରୀ ରାକେଟର ମାଷ୍ଟରମାଇଣ୍ଡ ନେତାଜୀ ସେଠୀକୁ ଫତେଗଡ ଥାନା ଅଧିନ ଗୋନାପୋଖରୀ ଗ୍ରାମରୁ ଗିରଫ କରିବାରେ ସକ୍ଷମ ହୋଇଥିଲା । ପରେ ନେତାଜୀର ବୟାନକୁ ଭିତି କରି ମଟରସାଇକେଲ ଚୋରୀ ଘଟଣାର ପର୍ଦ୍ଦାଫାସ କରିବାରେ ପୋଲିସ ଟିମ ସଫଳ ହୋଇଥିବା ଜଣାପଡିଛି । ଚୋରି ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ପୋଲିସ ଭୁବନେଶ୍ୱର ଖଣ୍ଡଗିରି ଥାନା ଅଧିନ ଜାଗମରା ନିକଟସ୍ଥ ବଡବାରି ଗ୍ରାମର ବିକାଶ ରାୟ, ଖଣ୍ଡପଡ଼ା ଥାନା ଅଧିନ ଖଳିସାହି ବଡସାହିର ନିରାକାର ମାଝି ଓରଫ କାଠିଆ ଓ ନିକଟସ୍ଥ ମର୍ଦ୍ଦରାଜପୁର ପଂଚାୟତ ଅଧିନ ହରିଚନ୍ଦନପୁର ଗ୍ରାମର ପ୍ରତାପ ପ୍ରଧାନଙ୍କୁ ଗିରଫ କରିଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା । ମଟରସାଇକେଲ ଚୋରି ଘଟଣାରେ ଗିରଫ ହୋଇଥିବା ୪ ଜଣଙ୍କ ନାମରେ ଏଥିପୂର୍ବରୁ ଖଣ୍ଡପଡ଼ା, ଫତେଗଡ, ଜଟଣୀ ସମେତ ଭୁବନେଶ୍ୱରର ଅଂଚଳର ବିଭିନ୍ନ ଥାନାରେ କେସ ଥିବା ବେଳେ ଏକାଧିକ ମାମଲାରେ ସେମାନେ ଜଡିତ ଥିବା ନେଇ ଏସପି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏ ଅବସରରେ ଉପଯୁକ୍ତ ପ୍ରମାଣପତ୍ର ସହ ୨ ଜଣ ବ୍ୟକ୍ତିଙ୍କୁ ସେମାନଙ୍କର ମଟରସାଇକେଲ ଆରକ୍ଷୀ ଅଧିକ୍ଷିକାଙ୍କ ଉପସ୍ଥିତରେ ଖଣ୍ଡପଡ଼ା ପୋଲିସ ଫେରସ୍ତ କରିଥିଲା ।ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏସଡିପିଓ ମଦନମୋହନ ପ୍ରଧାନ, ଥାନାଧିକାରୀ ନିହାର ରଞ୍ଜନ ମହାନ୍ତି, ଏସଆଇ ଗୋପବନ୍ଧୁ ମଲ୍ଲିକ, ମନସ୍ୱିତା ସାହୁଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ ।

ନାଡାପାଟାଙ୍ଗ ଓ ମାଣିକୁଟିକୁ ନୂତନ ପଂଚାୟତ କରିବା ନିମନ୍ତେ ଦାବୀ ପତ୍ରପ୍ରଦାନ

ବାଲିଗୁଡା, ୦୪/୧୨ (ଆ.ପ୍ର) : ବାଲିଗୁଡା ବ୍ଲକ ଅର୍ନ୍ତଗତ ବାରଖମା ପଂଚାୟତର ନାଡାପାଟାଙ୍ଗ ଏବଂ ସିନ୍ଧ୍ରିଗାଁ ପଂଚାୟତର ମାଣିକୁଟିକୁ ନୂତନ ପଂଚାୟତ କରିବା ନମନ୍ତେ ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀ ପ୍ରଦାନ କରିଛନ୍ତି । ଏତି ନିମନ୍ତେ ଏକ ଶୋଭାଯାତ୍ରା ବାହାରି ଉପଜିଲ୍ଲାପାଳ କାର୍ଯ୍ୟାଳୟକୁ ଯାଇଥିଲେ ଓ ଶୋଭାଯାତ୍ରାରେ ନାରାବାଜି କରିବା ସହ ହାତରେ ପ୍ଲାକାର୍ଡ ଏବଂ ବ୍ୟାନର ଧରିଥିଲେ । ଏଥିରେ ଉଲ୍ଲେଖରହିଛି ଯେ ବାରଖମା ପଂଚାୟତର ଓ ସିନ୍ଧ୍ରିଗାଁ ପଂଚାୟତର ଅନେକ ଗ୍ରାମ ବଣପାହାଡ ଓ ନଦୀନାଳରେ ଅଙ୍କାବଙ୍କା ଘାଟି ରାସ୍ତା । ପ୍ରାୟ ୫କିମି ଦୂରତା ରାସ୍ତାରୁ ଘାଟି, ବଣପାହାଡ ନଦୀନାଳ ଡେଇଁ ହିତାଧିକାରୀ ଭତା, ପିଡିଏସ ଚାଉଳ ଇତ୍ୟାଦି ପାଇଁ ପଂଚାୟତକୁ ଆସିଥାନ୍ତି ଓ ରାସ୍ତାଘାଟ ନେଟୱର୍କ ନାହିଁ । ପଂଚାୟତକୁ ଉନ୍ନତି ନିମନ୍ତେ ଆସିଥିବା ଅନୁଦାନ ରାସ୍ତାଘାଟ, ପାନୀୟଜଳସୁବିଧା ନେଟୱର୍କ ସୁବିଧା ବିଭିନ୍ନ କାର୍ଯ୍ୟର ବିକାଶ ହୋଇପାରୁନାହିଁ । ସରକାରଙ୍କ ବିଭୀନ୍ନ ଯୋଜନା ଓ ଗାଁଗାଁରେ ବିକାଶ ଏବଂ ଜନସାଧାରଣ ଅତି ନିକଟରେନିଜ ଦୁଃଖ ଜଣାଇବା ପାଇଁ ପାଖରେ ପଂଚାୟତ ରହିଲେ ସମସ୍ତ ସୁବିଧା ପାଇବା ନିମନ୍ତେ ବାରଖମାର ନାଡାପାଟାଙ୍ଗ ଓ ସିନ୍ଧ୍ରିଗାଁର ମାଣିକୁଟି ଯଦୀ ନୂତନ ପଂଚାୟତ ଗଠନ ହେବ ତେବେ ଅଂଚଳବାସୀ ଦୁଃଖଦୁର ହେବ ବୋଲି ପଂଚାୟତବାସୀ ମାନେ କହିଛନ୍ତି ।

ଜଷ୍ଟିସ୍ କର୍ନର ତରଫରୁ କମ୍ବଳ ବଂଟନ

ପାରଳାଖେମୁଣ୍ଡି, ୦୫/୧୨ (ଆ.ପ୍ର) : ଜଷ୍ଟିସ କର୍ନର ତରଫରୁ ସ୍ଥାନୀୟ କଡଳଇଠା ପଂଚାୟତର ମର୍କଡା, ତଳ ମର୍କଡା ଓ ପର୍ଶୁରାମପୁର ଗ୍ରାମର ୩୦ଟି ପରିବାରକ କମ୍ବଳ ବଂଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜଷ୍ଟିସ କର୍ନରର ସଭାନେତ୍ରୀ ଭାଗ୍ୟ ଲକ୍ଷ୍ମୀ ନାଏକ, ଭାରପ୍ରାପ୍ତ ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର, ସହକାରୀ ପବ୍ଲିକ ପ୍ରସିକ୍ୟୁଟର ଡି.ଅନୁପ ଆଚାରୀ, ଜିଲ୍ଲା ସମାଜ ମଂଗଳ ବିଭାଗର ସୁରକ୍ଷା ଅଧିକାର ସାରଳା ପାତ୍ର ପ୍ରମୁଖ ଯୋଗଦାନ କରିଥିଲେ । ବୃଦ୍ଧ ଓ ବୃଦ୍ଧା ମାନଂକୁ ପ୍ରବଳ ଶୀତରେ ଏହିଭଳି କମ୍ବଳ ଯୋଗାଇଦେଇ ଥିବାରୁ ଅତିଥି ମାନେ ଏହି ଅନୁଷ୍ଠାନକୁ ସାଧୁବାଦ ଜଣାଇଥିଲେ । ଏହି ଅନୁଷ୍ଠାନ ବହୁତ କିଛି କାର୍ଯ୍ୟକ୍ରମ କରିଆସୁଛି ଆଗାମୀ ଦିନରେ ଆହୁରି କିଛି କାର୍ଯ୍ୟକ୍ରମ କରାଯିବ ବୋଲି ସଭାନେତ୍ରୀ ନାଏକ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ସମାଜସେବୀ ରଶ୍ମିପ୍ରିୟା ପଣ୍ଡା, ଶିକ୍ଷୟତ୍ରୀ ଏସ୍.ରାଧା, ଉକ୍ତ ଅନୁଷ୍ଠାନର ସଂପାଦକ ଜଗନ୍ନାଥ ଚୌଧରୀ ଏବଂ ଅଂଗନବାଡି କର୍ମୀ ନର୍ମଦା ପଟ୍ଟନାୟକ ସହଯୋଗ କରିଥିଲେ ।

ସେଇଠୁ ଆରମ୍ଭ
SEITHO ARAMBHA

ଶନିବାର, ୦୬ ଡିସେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୬

ରଟିଙ୍ଗିଆସ୍ଥିତ ବାଲାସରୁର ପ୍ରାକୃତିକ ସୌନ୍ଦର୍ଯ୍ୟ

ଜି.ଉଦୟଗିରି, ୦୫/୧୨ (ଆ.ପ୍ର) : କନ୍ଧମାଳ ଜିଲ୍ଲାରେ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ, ଜଳପ୍ରପାତ ଓ ବଣଭୋଜି ସ୍ଥାନ ଗୁଡ଼ିକ ଆସ୍ତେ ଆସ୍ତେ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ ହେଉଛି । ଜି.ଉଦୟଗିରି ବ୍ଲକ ରଟିଙ୍ଗିଆ ପଂଚାୟତରେ ଥିବା ବାଲାସରୁ ଠାରେ ଏକ ଅନନ୍ୟ ରୂପ ଦେଉଥିବା ପ୍ରାକୃତିକ ସୌନ୍ଦର୍ଯ୍ୟ ଲୋକଲୋଚନକୁ ଆସିଛି । ବର୍ତ୍ତମାନ ଏହି ସ୍ଥାନରେ ପ୍ରତିଦିନ ସକାଳ ୫ ରୁ ୯ ଘଂଟିକା ପର୍ଯ୍ୟନ୍ତ ଘନ କୁହୁଡ଼ି ଆଚ୍ଛାଦିତ ମେଘ ମାଳା ପରି ଦେଖାଯାଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି । ଏହି ସ୍ଥାନରୁ ଦୂର ପାହାଡ଼ ସହ ପ୍ରାକୃତିକ ସୌନ୍ଦର୍ଯ୍ୟ ମନଲୋଭା ଦୃଶ୍ୟ ଦେଖାଯାଉଛି । ବର୍ତ୍ତମାନ ଏହି ସ୍ଥାନକୁ ଯୁବ ପିଢ଼ିଙ୍କ ସୁଅ ଛୁଟିବାରେ ଲାଗିଛି । ବିଭିନ୍ନ ସୋସିଆଲ ମିଡ଼ିଆରେ ନିଜର ପରିଚୟ ଦେଇ ଏଠିକାର ଦୃଶ୍ୟକୁ ଉପସ୍ଥାପନ କରୁଛନ୍ତି ଯୁବ ପିଢ଼ି । ଏହି ସ୍ଥାନଟି ଲୁକ୍କାୟିତ ଅବସ୍ଥାରେ ଥିବା ବେଳେ ବର୍ତ୍ତମାନ ଯୁବ ପିଢ଼ିଙ୍କ ଦ୍ୱାରା ଏହାର ସୌନ୍ଦର୍ଯ୍ୟ ତଥା କୁହୁଡ଼ି ଆଚ୍ଛାଦିତ ଧଳା ମେଘ ମାଳା ଦୃଶ୍ୟକୁ ଜନସାଧାରଣ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଯୁବ ପିଢ଼ି ଏଠାକୁ ଆସି ଫୋଟ ଉଠେଇ ସୋସିଆଲ ମିଡିଆରେ ପୋଷ୍ଟ କରୁଛନ୍ତି । ଏତେ ସୁନ୍ଦର ଦୃଶ୍ୟ ଦେଖି ଅଂଚଳର ପିଲା ଠାରୁ ବୃଦ୍ଧ ପର୍ଯ୍ୟନ୍ତ ଏହି ସ୍ଥାନକୁ ଯାଉଥିବା ଦେଖିବାକୁ ମିଳିଛି । ଜି.ଉଦୟଗିରି ସହର ଠାରୁ ମାତ୍ର ଆଠ କିଲୋମିଟର ଦୂର ରଟିଙ୍ଗିଆ ପଂଚାୟତ ମଧୁଝରି ଘାଇ ନିକଟରୁ ମାତ୍ର ପାଂଚ ଶହ ମିଟର ଦୂରରେ ଥିବା ବାଲାସରୁ ନାମକ ଏକ ସ୍ଥାନରୁ ଏହି ଦୃଶ୍ୟ ଦେଖିବାକୁ ମିଳିଥାଏ । ଏହି ସ୍ଥାନର ବିକାଶ କରାଗଲେ ଆଗାମୀ ଦିନରେ ଏହା ଏକ ସୁପରିଚିତ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇବା ସହ ଅନେକ ପର୍ଯ୍ୟଟକ ଏହି ସ୍ଥାନକୁ ଆସିବେ ବୋଲି ବୁଦ୍ଧିଜିବୀ ଆଲୋଚନା କରୁଛନ୍ତି । ସରକାରଙ୍କ ଦ୍ୱାରା ଏହି ସ୍ଥାନ ପ୍ରତି ଦୃଷ୍ଟି ଦେଇ ଏହାର ଭିତିଭୂମିର ବିକାଶ ପାଇଁ ଚିନ୍ତା କଲେ ଅଂଚଳର ଅନେକ ଯୁବ ପିଢ଼ିଙ୍କ ପାଇଁ ଏକ ରୋଜଗାରର ସ୍ରୋତ ହେବ ବୋଲି ଯୁବ ସମାଜସେବୀ ହୃଷିକେଶ ପ୍ରଧାନ ମତ ପ୍ରକାଶ କରିବା ସହିତ ସରକାରଙ୍କ ନିକଟରେ ଦାବି କରିଛନ୍ତି ।

ମୋଦୀ ସରକାରର ୪ଟି ଶ୍ରମ କୋର୍ଡ ଶ୍ରମିକ ଶ୍ରେଣୀ ଉପରେ ପ୍ରବଳ ଆକ୍ରମଣ

ଖୋର୍ଦ୍ଧା/ଭୁବନେଶ୍ୱର, ୦୫/୧୨ (ଆ.ପ୍ର) : ଏକଚାଟିଆ ପୁଞ୍ଜିବାଦି ସବୁଠାରୁ ପ୍ରତିକ୍ରିୟାଶୀଳ ବିଜେପି ନେତୃତ୍ୱାଧୀନ ସରକାର ସାରା ଦେଶରେ ସମସ୍ତ ପ୍ରତିବାଦକୁ ଦେଖାଡିର କରି ଶ୍ରମିକ ମାନଙ୍କ ଉପରେ ଶ୍ରମ ସଂହିତା ଲାଗୁ କରିଛନ୍ତି, ଯାହାକି ଏକ ଫାସିବାଦି ମୋଦୀ ଶାସନ ଦ୍ୱାରା ଶ୍ରମିକ ଶ୍ରେଣୀ ଉପରେ ସବୁ ଠାରୁ ନୃଶଂଶ ଆକ୍ରମଣ ବୋଲି ଅନେକ ଶ୍ରମିକ ନେତା, କୃଷକ ନେତା, ବିଧାୟକ ଓ ପୂର୍ବତନ ମନ୍ତ୍ରୀ ଡବଲ ଇଞ୍ଜିନ ସରକାରର ଏହି ଶ୍ରମିକ ମାରଣ ନୀତି ଉପରେ କ୍ଷୋଭ ପ୍ରକାଶ କରିଛନ୍ତି । ସର୍ବଶ୍ରୀ ଆଇଏନ୍‌ଟିୟୁସିର ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା, ଏଆଇଟିୟୁସିର ସଭାପତି ଅଶୋକ ଦାସ, ଏଚଏମଏସ୍‌ର ଟିଏନ୍‌ମହାପାତ୍ର, ସିଆଇଟିୟୁର ନେତା ବିଷ୍ଣୁ ମହାନ୍ତି, ଏଆଇୟୁଟୁୟୁସିର ନେତା ନିରଞ୍ଜନ ମହାନ୍ତି, ଏଆଇସିସିଟିୟୁର ସଭାପତି ରାଧାକାନ୍ତ ସେଠୀଙ୍କ ସଭାପତି ମଣ୍ଡଳୀ ନେତୃତ୍ୱରେ ସଭା ପରିଚାଳନା କରାଯାଇଥିଲା । ବିଭିନ୍ନ ଶ୍ରମିକ ନେତାମାନେ ତାଙ୍କ ବକ୍ତବ୍ୟରେ କହିଲେ ଯେ, ଶ୍ରମ କୋଡ ଆସିବା ପରେ ଶ୍ରମିକ ମାନଙ୍କର ଧର୍ମଘଟ ଅଧିକାର ରହିବ ନାହିଁ । ଏହା ଶିଳ୍ପ ବିବାଦ ଭାବରେ କରାଯାଇପାରେ ଏବଂ ଯଦି ଏହି ଧର୍ମଘଟରେ ରାଜି ନ ହୁଅନ୍ତି ତେବେ ସଂଘ ଧର୍ମଘଟ କରିପାରିବ ନାହିଁ । ଶ୍ରମ ସଂହିତା କେବଳ ସେହି କାରଖାନା ଗୁଡ଼ିକରେ କାର୍ଯ୍ୟକାରି ହେବ ଯେଉଁଠାରେ ଶ୍ରମିକଙ୍କ ସଂଖ୍ୟା ୩୦୦ ରୁ ଅଧିକ ହେବ । ମାତ୍ର ୮୦ ପ୍ରତିଶତ କାରଖାନା କିମ୍ବା କର୍ମଶାଳା ୩୦୦ ରୁ କମ୍ ଶ୍ରମିକ ସହିତ ଚାଲୁଛି । ତେଣୁ ମାଲିକ ସରକାରଙ୍କୁ କୌଣସି ପ୍ରକାର ପରାମର୍ଶ ନ କରି ୩୦୦ ରୁ କମ୍ ଥିବା କାରଖାନାରେ ଶ୍ରମିକ ମାନଙ୍କୁ ବାହାର କରିଦେଇପାରିବ । ତେଣୁ ଏ ପ୍ରକାର ବ୍ୟବସ୍ଥାରେ ଅଧିକ ସଂଖ୍ୟାରେ ଅସଂଗଠିତ ଶ୍ରମିକଙ୍କ ଅଧିକାର କ୍ଷୁର୍ଣ୍ଣ ହେବ । ଟ୍ରିବ୍ୟୁନାଲରେ ପଡିଥିବା ହଜାର ହଜାର ଶ୍ରମିକଙ୍କ ଶିଳ୍ପ ବିବାଦର ଭବିଷ୍ୟତ କଣ ହେବ ସେ ସଂପର୍କରେ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି । ଯାହାଫଳରେ ମାଲିକମାନଙ୍କର ଦୌରାତ୍ମ୍ୟ ବଢ଼ିବା ସହିତ ଶ୍ରମ ବିଭାଗୀୟ ଅଧିକାରୀମାନଙ୍କ କ୍ଷମତାରେ ଅଙ୍କୁଶ ଲାଗିବ । ଶ୍ରମିକମାନେ ୧୦ ଘଂଟା କାମ କରି ଶୋଷିତ ହେବେ ଓ ଓଭରଟାଇମ୍ ସାମାଜିକ ସୁରକ୍ଷା ପାଇବେ ନାହିଁ । ଏଥିରୁ ସ୍ପଷ୍ଟ ହେଉଛି ଯେ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଶ୍ରମ ଆଇନର ପରିବର୍ତ୍ତନ କରି ମାଲିକ ଓ ପୁଞ୍ଜିପତିଙ୍କୁ ଅଧିକ ଲାଭବାନ କରିବା ନିମନ୍ତେ ଡବଲ ଇଞ୍ଜିନ ସରକାରର ମୂଳମନ୍ତ୍ର ହୋଇଛି ବୋଲି ବକ୍ତାମାନେ ପ୍ରକାଶ କରିଥିଲେ । ଏହି ଗଣଧାରଣାରେ ଶ୍ରମିକନେତା ବିଦ୍ୟାଧର ମହାନ୍ତି, ବିଦ୍ୟାଧର ମହନ୍ତ, ବିଧାୟକ ଗଣେନ୍ଦ୍ର ପ୍ରତାପ ସ୍ୱାଇଁ, ହୃଦାନନ୍ଦ ଯାଦବ, ବିଶିଷ୍ଟ ଶ୍ରମିକ ନେତା ରାମକୃଷ୍ଣ ପଣ୍ଡା, ଡ. ରାମଚନ୍ଦ୍ର ଖୁଂଟିଆ, ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନ୍‌ଗୋ, ଶ୍ରମିକ ନେତା ମହେନ୍ଦ୍ର ପରିଡା, ଦୁଷ୍ମନ୍ତ ଦାସ, କିଶୋର ଜେନା, ମଧୁସୂଦନ ପ୍ରଧାନ, ବିଶିଷ୍ଟ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା, କୃଷକ ନେତା ଆଶିଷ କାନୁନ୍‌ଗୋ, ତିରୁପତି ଗମାଙ୍ଗୋ, ଜ୍ୟୋତିରଞ୍ଜନ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ବେହେରା, କେନ୍ଦ୍ରସରକାରୀ କର୍ମଚାରୀ ନେତା ରବୀନ୍ଦ୍ର ନାଥ ଧଳ, ବ୍ୟାଙ୍କ କର୍ମଚାରୀ ନେତା ପି.ସି. ଷଣ୍ଡ, ସଂଜୀବ ପତୀ, ନାରୀ ନେତ୍ରୀ ଦିପ୍ତି ବେବରିଆ, ପୁଷ୍ପା ଦାସ, ଲକ୍ଷ୍ମୀ ଦୋରା, ଏଲିନା ସାମନ୍ତରାୟ ପ୍ରମୁଖ ଉଦ୍‌ବୋଧନ ଦେଇ ଆଗାମୀ ଦିନରେ ଶ୍ରମିକମାନଙ୍କର ଅଧିକାରକୁ ଛଡାଇ ନେଉଥିବା ଡବଲ ଇଞ୍ଜିନ ସରକାର ବିରୁଦ୍ଧରେ ଉଭୟ ଦେଶରେ ଓ ରାଜ୍ୟରେ ଶ୍ରମିକ ଓ କୃଷକ ଆନ୍ଦୋଳନକୁ ତେଜିଆନ କରି ଶିଳ୍ପପତି ମାଲିକମାନଙ୍କର ସ୍ୱାର୍ଥରେ ଡବଲ ଇଞ୍ଜିନ ସରକାରର ଯୋଜନାକୁ ଭଣ୍ଡୁର କରିବା ଲାଗି ରଣହୁଙ୍କାର ଦେଇଥିଲେ ।

ବିଦ୍ୟାଳୟ ବୁଦ୍ଧିକୋମନା ଛାତ୍ରଙ୍କ ସଫଳତା

ନୂଆପଡା, ୦୫/୧୨ (ଆ.ପ୍ର) : ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ଦ୍ୱାରା ପରିଚାଳିତ 'ଅଟଳ ଟିଙ୍କରୀଙ୍କ ଲ୍ୟାବ ମାନଙ୍କର ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ପଂଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ବୁଦ୍ଧିକୋମନାର ଛାତ୍ର ସୁମିତ୍ ବାଗ, ସାଇ ସ୍ୱରାଜ ପଣ୍ଡା ଓ କନ୍ହୟା ରାଉତ 'ସ୍ଥାନ ଆଧାରିତ ସତର୍କତା ଯନ୍ତ୍ର' ତିଆରି କରିଥିଲେ । ଶିକ୍ଷକ ଦେବରାଜ ଧଣ୍ଡା ଓ ବିପ୍ଳବ ବାଗଙ୍କ ତତ୍ତ୍ୱାବଧାନ ତଥା ପ୍ରଧାନଶିକ୍ଷକ ଶଶିପାତ୍ର ତାଣ୍ଡିଙ୍କ ମାର୍ଗଦର୍ଶନରେ ଏହି ପ୍ରକଳ୍ପ ସହିତ ଛାତ୍ରମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏହି ପ୍ରକଳ୍ପ ପ୍ରତ୍ୟହ ଯାତାୟାତ କରୁଥିବା ଚାଳକ ମାନଙ୍କ ପାଇଁ ଦୁର୍ଘଟଣା ପ୍ରବଣ ସ୍ଥାନ ମାନଙ୍କରେ ସତର୍କ ସୂଚନା ଦେଇ ସହାୟକ ହୋଇ ପାରିବ । ଛାତ୍ରମାନେ ଏଥିପାଇଁ ଗୋଟିଏ ମୋବାଇଲ ଆପ (ସତର୍କ ସଙ୍କେତ) ତିଆରି କରିଛନ୍ତି ଯାହା ଦୁର୍ଘଟଣା ଜନିତ ସ୍ଥାନ ମାନଙ୍କରେ ଯନ୍ତ୍ରଟିକୁ ମେସେଜ ଦିଏ ଯାହା ସାଉଣ୍ଡ କରି ଚାଳକଙ୍କୁ ସତର୍କ କରାଇ ଦୁର୍ଘଟଣାରୁ ରକ୍ଷା କରେ । ଛାତ୍ର ମାନଙ୍କ ଏହି ପ୍ରକଳ୍ପଟି ରାଜ୍ୟ ସ୍ତରରେ ଦ୍ୱିତୀୟ ପୁରସ୍କାର ପ୍ରାପ୍ତ ହୋଇ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣିଛି । ଏଥିପାଇଁ ନୂଆପଡ଼ା ଡିଇଓ ପ୍ରଶାନ୍ତ କୁମାର ମହାନ୍ତି, ଏଡିଇଓ ରେଶମ ଲାଲ ନାୟକ ତଥା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସାହୁ ଶୁଭେଚ୍ଛା ଜଣାଇଥିଲେ । ଜିଲ୍ଲା ପାଇଁ ଗୌରବ ଆଣିଥିବା ଏହି ଛାତ୍ରଗଣ, ସଂପୃକ୍ତ ଶିକ୍ଷକ, ବିଦ୍ୟାଳୟ କର୍ତ୍ତୃପକ୍ଷ ତଥା ଜିଲ୍ଲା ଶିକ୍ଷା ବିଭାଗକୁ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ପ୍ରଶଂସା କରିବା ସହିତ ଶୁଭେଚ୍ଛା ଜଣାଇଛନ୍ତି ।

ସ୍ୱେଚ୍ଛାସେବୀ ସଚେତନତା ଦିବସ ପାଳିତ

ଦଶପଲ୍ଲା, ୦୫/୧୨ (ଆ.ପ୍ର) : ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ପରିପ୍ରେକ୍ଷୀରେ ଶୁକ୍ରବାର ଦିନ ଦଶପଲ୍ଲା କୃଷ୍ଣାପ୍ରିୟା ମହିଳା ମହାବିଦ୍ୟାଳୟ ପରିସରରୁ ଏକ ସଚେତନତା ରାଲି ବାହାରି ଦଶପଲ୍ଲା ସହର ପରିକ୍ରମା କରିଥିଲେ । ଯୁବ ରେଡ଼କ୍ରସ ୟୁନିଟ ଓ ରେଡ ରିବନ କ୍ଲବର ସଦସ୍ୟାଙ୍କ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ପ୍ରଭାତ କୁମାର ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ସୈନିକ ସରୋଜ କୁମାର ପଣ୍ଡା ଯୋଗ ଦେଇଥିଲେ । ଶତାଧିକ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରିଥିବାବେଳେ କଲେଜର ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିବାବେଳେ ସଂଚାଳକ ଭାବେ କଲେଜର ଇଂରାଜୀ ଅଧ୍ୟାପକ ତଥା ଯୁବ ରେଡ଼କ୍ରସ ପରାମର୍ଶଦାତା ଧୀରେନ୍ଦ୍ର କୁମାର ମହାରଣା ପରିଚାଳନା କରିଥିଲେ । ଏ ଦିବସ ଟିକୁ କଲେଜର ଅଧ୍ୟକ୍ଷା ଡ. ପୂର୍ଣ୍ଣମାସୀ ଦେବୀ ସଭାପତିତ୍ୱ କରିଥିଲେ । ପରିଶେଷରେ ଜାତୀୟ ସେବା ଯୋଜନା ଅଧିକାରୀ ମଧୁସ୍ମିତା ସାହୁଆ ଧନ୍ୟବାଦ ଅର୍ପଣ କରିଥିଲେ ।

ନବରଙ୍ଗପୁର ଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ମୃତିକା ଦିବସ- ୨୦୨୫ ପାଳନ

ନବରଙ୍ଗପୁର, ୦୫/୧୨ (ଆ.ପ୍ର) : ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲା ସ୍ତରୀୟ ବିଶ୍ୱ ମୃତିକା ଦିବସ ଆୟୋଜିତ ହୋଇଯାଇଅଛି । ଜିଲ୍ଲା କୃଷି ବିଭାଗ ତରଫରୁ ଆୟୋଜିତ କାର୍ଯ୍ୟକ୍ରମ ରେ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ।ଏବଂ ମାନ୍ୟବର ନବରଙ୍ଗପୁର ବିଧାୟକ ପ୍ରତିନିଧି ଦେବଦାସ ମହାକୁଡ଼ ଅତିଥି ରୂପେ ଯୋଗ ଦେବା ସହ ୫ ଜଣ ଚାଷୀଙ୍କୁ ମୃତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ରୂପେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଂଚି ନାରାୟଣ ଦରଖାନ ଉପସ୍ଥିତ ଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁଧୀରଞ୍ଜନ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଯେଉଁଥିରେ କୃଷି ବିଜ୍ଞାନ କେନ୍ଦ୍ର ଉମରକୋଟର ମୁଖ୍ୟ ବୈଜ୍ଞାନିକ ଶଶାଙ୍କ କୁମାର ଲେଙ୍କା ସହାୟତା କରିଥିଲେ । ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲାର ୫୦ ଜଣ ଚାଷୀ ଯୋଗଦାନ କରିଥିଲେ । ଜିଲ୍ଲାରେ ୨୦୨୫-୨୬ ପାଇଁ ୧୩୦୦୦ ମୃତିକା ସ୍ୱାସ୍ଥ୍ୟ କାର୍ଡ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବାବେଳେ ଏ ପର୍ଯ୍ୟନ୍ତ ୬୧୯୯ ଜଣ କୃଷକ ମାନଙ୍କୁ ମୃତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଛି ।କାର୍ଯ୍ୟକ୍ରମ ରେ ବିଭିନ୍ନ ବିଭାଗୀୟ ଅଧିକାରୀ, ବ୍ଲକ୍ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ସର୍ବ ଶେଷରେ ଜିଲ୍ଲା କୃଷି ଅଧିକାରୀ, ନବରଙ୍ଗପୁର ଧନ୍ୟବାଦ ଜ୍ଞାପନ କରିଥିଲେ ।

ଆନନ୍ଦପୁର ବାଣିଜ୍ୟ ମହୋତ୍ସବ ବନ୍ଦ ପାଇଁ ଉପ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ

ହାଟଡିହି, ୦୫/୧୨ (ଆ.ପ୍ର) : କେନ୍ଦୁଝର ଜିଲ୍ଲା ଆନନ୍ଦପୁରର ଆମ୍ଭ ଘୋଷିତ 'ଆନନ୍ଦପୁର ବାଣିଜ୍ୟ ମହୋତ୍ସବ' ଆୟୋଜନ ପାଇଁ ପ୍ରଶାସନ ପକ୍ଷରୁ ଯେଉଁ ଅନୁମତି ଦିଆଯାଇଛି ତାହାକୁ ଅତିଶୀଘ୍ର ରଦ୍ଦ କରାଯିବା ପାଇଁ ଆନନ୍ଦପୁର ଉପ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ଆନନ୍ଦପୁର ଉପଖଣ୍ଡ ବାସୀ । ଏହି କାର୍ଯ୍ୟକ୍ରମଟି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ନିଜସ୍ୱ ସ୍ୱାର୍ଥ ସାଧନ ପାଇଁ ପ୍ରୟୋଜନୀୟ, ଯାହା ସ୍ଥାନୀୟ ଜନତାଙ୍କ ଅବଶ୍ୟକତା କିମ୍ବା ହିତକୁ ଆସୁନାହିଁ । ଆନନ୍ଦପୁରର ସବୁଠାରୁ ଅପେକ୍ଷିତ ଏବଂ ଗୌରବମୟ ଆନନ୍ଦପୁର ମହୋତ୍ସବ ଦୀର୍ଘଦିନ ଧରି ଅବହେଳିତ ହୋଇଯାଇଛି । ଏହାର ଗୌରବ କ୍ଷୟ ହୋଇଛି । ଏହି ସ୍ୱାର୍ଥଗତ ଦଳ ଅନେକ ଭାବରୁ ଅକାଉଂଟେବିଲିଟି ବିନା ଏବଂ ସ୍ୱଚ୍ଛତାହୀନ ଭାବରେ ଧନ ସଂଗ୍ରହ କରୁଥିବା ଆଲୋଚନା ହେଉଛି । ଆନନ୍ଦପୁରର ଐତିହ୍ୟ, ସଂସ୍କୃତି ଏବଂ ଗୌରବକୁ ଗମ୍ଭୀର ଭାବରେ ଉପହାସ କରାଯାଉଛି ଏବଂ ସ୍ଥାନୀୟ ଭାବନାକୁ ଗୁରୁତର ଭାବରେ କ୍ଷତି କରାଯାଉଛି । ଏହି ସମସ୍ତ କାରଣରୁ, ଦୟାକରି ଅନୁମତିକୁ ରଦ୍ଦ କରିବା ସହିତ ଏପର୍ଯ୍ୟନ୍ତ ଯେତେକି ଧନ ସଂଗ୍ରହ କରାଯାଇଛି, ତାହାକୁ ଆମ ଆନନ୍ଦପୁର ମହୋତ୍ସବ ଅଧିକ ଗୌରବମୟ ଭାବରେ ପୁନଃଆୟୋଜନ ପାଇଁ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଅଭିଯୋଗ ପତ୍ରରେ ବର୍ଣ୍ଣାଯାଇଛି । ଆନନ୍ଦପୁର ଉପଖଣ୍ଡର ତିନୋଟି ବ୍ଲକ୍‌ର ବିଭିନ୍ନ ପଂଚାୟତର ଅଧିବାସୀ ଏବଂ ମ୍ୟୁନିସିପାଲିଟିର ବିଭିନ୍ନ ୱାର୍ଡର ଶତାଧିକ ଅଧିବାସୀ ମାନେ ଉପସ୍ଥିତ ରହି ଦାବୀ ପତ୍ର ପ୍ରଦାନ କରିଥିଲେ । ତେବେ ଦେଖିବାକୁ ବାକି ରହିଲା ହୋଇଥିବା ଅଭିଯୋଗ ପ୍ରତି ଆନନ୍ଦପୁର ପ୍ରଶାସନ କେତେ ଗୁରୁତ୍ୱଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ।

ତମାଖୁ ମୁକ୍ତ ଅଭିଯାନରେ ତମାଖୁ ନିୟନ୍ତ୍ରଣ

ଖୋର୍ଦ୍ଧା, ୦୫/୧୨ (ଆ.ପ୍ର) : ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ତଥା ତମାଖୁ ମୁକ୍ତ ଯୁବ ଅଭିଯାନରେ ତମାଖୁ ନିୟନ୍ତ୍ରଣ ନିୟମ ଅନୁସାରେ ଭରତପୁର ଓ ଖଣ୍ଡଗିରି ଥାନା ଅଧୀନରେ ବିଭିନ୍ନ ସ୍ଥାନରେ ଦୋକାନୀ ମାନଙ୍କ ଉପରେ ଚଢ଼ାଉ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଖାଦ୍ୟ ନିରାପତା ଅଧିକାରୀ, ଅବକାରୀ ଅଧିକାରୀ, ଥାନା ଅଧିକାରୀ ଓ ଜିଲ୍ଲା ତମାଖୁ ନିୟନ୍ତ୍ରଣ କକ୍ଷର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମରେ ୧୫ ଜଣ ଦୋକାନୀ ମାନଙ୍କ ଠାରୁ ଟ.୨୭୦୦/- ଜୋରିମାନା ଆଦାୟ କରାଯାଇଥିଲା ଓ ବିପୁଳ ପରିମାଣର ତମାଖୁ ନଷ୍ଟ କରାଯାଇଛି । ଏଥି ସହିତ ସବୁ ଦୋକାନୀ ମାନଙ୍କୁ ସଚେତନ କରାଯାଇଛି । ଏହି ପରି ଚଢ଼ାଉ ଜିଲ୍ଲାର ବିଭିନ୍ନ ସ୍ଥାନରେ ଜାରି ରହିବ ।

ଧାମନଗରରେ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ

ଧାମନଗର, ୦୫/୧୨ (ଆ.ପ୍ର) : ଧାମନଗର ଏନଏସି ଇଣ୍ଡୋର ଷ୍ଟାଡିୟମ ପରିସରରେ ଧାମନଗର ନିର୍ବାଚନ ମଣ୍ଡଳୀସ୍ତରୀୟ ସାଂସଦ ଖେଳ ମହୋତ୍ସବ ଶୁକ୍ରବାର ଠାରୁ ଆରମ୍ଭ ହୋଇଛି । ଏଥିରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାଂସଦ ଖେଳ ମହୋତ୍ସବ ଓ ପ୍ରତିଯୋଗିତାକୁ ଉଦଘାଟନ ସହିତ ବିକଶିତ ଭାରତ ଗଠନରେ କ୍ରୀଡ଼ାର ଗୁରୁତ୍ୱ ରହିଛି ବୋଲି କହିଛନ୍ତି । ବିଶିଷ୍ଟ ଅତିଥି ଭାବେ ସମାଜସେବୀ ଭଗବାନ ପଣ୍ଡା କ୍ରୀଡ଼ା ପତାକା ଉତୋଳନ କରିଥିଲେ । ସାଂସଦ ପ୍ରତିନିଧି ମନୋରଞ୍ଜନ ମଲ୍ଲିକଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ କୁମାର ପ୍ରଧାନ,ନଗର ପ୍ରତିନିଧି କୈଳାସ ମହାପାତ୍ର, ଧାମନଗର ବିଡ଼ିଓ ବନ ବିହାରୀ ଦିନ୍ଦା, ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ବିଇଓ ପ୍ରଫୁଲ୍ଲ ସାହୁ, ଅରବିନ୍ଦ ପତି, ଧାମନଗର ପ୍ରେସ କ୍ଲବର ପୂର୍ବତନ ସଭାପତି ବୈକୁଣ୍ଠ ନାଥ ସାହୁ, ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା, ଆଇନଜୀବୀ ବିଜୟ ରାମ, ସମାଜସେବୀ ପ୍ରଶାନ୍ତ ପରିଡ଼ା, ନାରାୟଣ ସାହାଣି, ପ୍ରମୋଦ ସୁତାର, ଜଗଦୀଶ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ବିକଶିତ ଭାରତ ଗଠନ ଦିଗରେ କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଏହି କ୍ଷେତ୍ରର ସର୍ବବିଧ ବିକାଶ ନିମନ୍ତେ କେନ୍ଦ୍ର ସରକାରଙ୍କ ସାଂସଦ ଖେଳ ମହୋତ୍ସବ ପରିକଳ୍ପନା ଉଲ୍ଲେଖଯୋଗ୍ୟ ବୋଲି ଅତିଥି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏବିଓ ସତ୍ୟ ସୁନ୍ଦର ପରିଡ଼ା ପ୍ରାରମ୍ଭିକ ସୂଚନା ଦେଇଥିଲେ । ପ୍ରଥମ ଦିନରେ ବ୍ୟାଡମିଂଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉଭୟ ବାଳକ ଓ ବାଳିକା ୧୪ ଏବଂ ୧୬ ବର୍ଷରୁ କମ ବର୍ଗରେ ମୋଟ ୨୮୯ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ମାନସ ରଞ୍ଜନ ନାୟକଙ୍କ ସଂଯୋଜନାରେ ତନ୍ମୟ ବେହେରା, ରବି ନାରାୟଣ ସାହୁ, ସୁଧାକର ମହାନ୍ତି, ସୁନିଲ ସାହୁ, ସୁରଜିତ ଭୋଇ, ଶୈଳବାଳା ନାଥ, ସ୍ୱର୍ଣ୍ଣଲତା ବେହେରା, ରଜନୀ ମହାଳିକ ପ୍ରମୁଖ ପରିଚାଳନା କରିଥିଲେ । ଆସନ୍ତାକାଲି ଦୋବଲ କାଳୀ ପଡ଼ିଆରେ ଦ୍ୱିତୀୟ ଦିନର ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଜଣାଯାଇଛି ।

ଆନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ପାଳିତ

ଦଶପଲ୍ଲା, ୦୫/୧୨ (ଆ.ପ୍ର) : ଦଶପଲ୍ଲା ବ୍ଲକର ଚିର ଅବହେଳିତ ଓ ମୌଳିକ ସୁବିଧା ସୁଯୋଗରୁ ବଂଚିତ ଥିବା ଖମାରସାହି ଗ୍ରାମ ପଂଚାୟତ ଅନ୍ତର୍ଗତ ସୁବଳୟା ପାହାଡ଼ ଉପରେ ବସବାସ କରି ଆସୁଥିବା ଆଦିମ ଜନ ଜାତି ମୁଣ୍ଡ ପୋତା କେଳା ବସ୍ତିରେ ଅଧିକାର ମିତ୍ର ପ୍ରତିମା ପ୍ରଧାନଙ୍କ ଆୟୋଜନ କ୍ରମେ ପ୍ରକଳ୍ପ ଅଧିକାର, ଦଶପଲ୍ଲା ତରଫରୁ ଆନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ପାଳନ ଓ ଗୋଷ୍ଠୀ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ପ୍ରକଳ୍ପ ଅଧିକାରୀ ପ୍ରଭାତ କୁମାର ସାହୁ ସ୍ୱେଚ୍ଛାସେବୀ ଦିବସର ବୈଶିଷ୍ଟ୍ୟ ଓ ଏହାର ଆଭିମୁଖ୍ୟ ତଥା ଏଭଳି ବଂଚିତଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ, ବାସଗୃହ, ଗମନା ଗମନ, ରୋଜଗାର, କର୍ମ ନିଯୁକ୍ତି ତଥା ସ୍ୱଚ୍ଛତା ଅତ୍ୟନ୍ତ ଜରୁରୀ ବୋଲି ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ଉକ୍ତ ବସ୍ତିରେ ଥିବା ପ୍ରାୟ ୧୫ ଜଣରୁ ଊର୍ଦ୍ଧ୍ୱ ବୃଦ୍ଧ ବୃଦ୍ଧା ଙ୍କୁ ନୂତନ ଶୀତବସ୍ତ୍ର ଓ କମ୍ବଳ ଇତ୍ୟାଦି ଅଧିକାର ମିତ୍ର ମାମିନୀ ନାୟକ, ଦବିତା ନାୟକ, ସରୋଜିନୀ ମଲିକ, ଊର୍ମିଳା ଜାନୀ, ମନୋରଞ୍ଜନ ସ୍ୱାଇଁ, ଅଭିମନ୍ୟୁ ସାହୁ ଓ ପ୍ରଦୀପ ସାହୁଙ୍କ ଦ୍ୱାରା ପ୍ରଦାନ କରାଯିବା ସହିତ ସେମାନଙ୍କ ପାଇଁ ଥିବା ସରକାରୀ ଜନ ମଙ୍ଗଳ ଯୋଜନାର ସୁଫଳ କିପରି ପହଂଚି ପାରିବ ସେଥିପାଇଁ ସରକାରୀ ଓ ବେସରକାରୀ ସ୍ତରରେ ସହଯୋଗ କରିବା ପାଇଁ ଅନୁରୋଧ କରିଥିବା ବେଳେ ଅଧିକାର ମିତ୍ର ପ୍ରକାଶ ମଣ୍ଡଳ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

କରଞ୍ଜଆଡ଼ିଆ ସରକାରୀ ଉଚ୍ଚ ବିଦ୍ୟାଳୟ ମଲ୍ଲିକାଦେଇ ପୁର ଠାରେ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନୀକ ଏବଂ ଇକୋକ୍ଲବ୍ ପ୍ରଦର୍ଶନୀ ମେଳା ଅନୁଷ୍ଠିତ



ବାସୁଦେବ ପୁର, ୦୫/୧୨ (ଆ.ପ୍ର) : ଭଦ୍ରକ ଜିଲ୍ଲା ବାସୁଦେବ ପୁର ବ୍ଲକ ଅନ୍ତର୍ଗତ ନାଇକାଣିଡିହି ଗ୍ରାମ ପଂଚାୟତର କରଞ୍ଜଆଡ଼ିଆ ସରକାରୀ ଉଚ୍ଚ ବିଦ୍ୟାଳୟ ମଲ୍ଲିକାଦେଇ ପୁର ଠାରେ ବାସୁଦେବ ପୁର ବ୍ଲକ ସ୍ତରୀୟ ବାଲ୍ ବୈଜ୍ଞାନୀକ ଏବଂ ଇକୋକ୍ଲବ୍ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଛି । ଆଜିର ଆଧୁନିକ ଯୁଗରେ ବିଜ୍ଞାନ ବଳରେ ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ ହୋଇପାରୁଛି । ଏହି ବିଜ୍ଞାନ ମେଳାରେ ୨୫୦ଟି ପ୍ରୋଜେକ୍ଟ ଛାତ୍ର ଛାତ୍ରୀ ମାନେ ଆଣିଥିଲେ, ଏହି ବିଜ୍ଞାନ ମେଳାରେ ବିଚାରକ ମଣ୍ଡଳୀ ଭାବରେ ଯୋଗଦେଇ ଥିଲେ ବନମାଳୀ ନାୟକ, ଧର୍ମେନ୍ଦ୍ର ନାୟକ, ମୁଖ୍ୟ ଅତିଥି ଅଚ୍ୟୁତାନନ୍ଦ ପାଢୀ, ବାସୁଦେବ ପୁର ବିଧାୟକଙ୍କ ପ୍ରତିନିଧି, ବରେଣ୍ୟ ଅତିଥି ତନ୍ମିତା କର, ବାସୁଦେବ ପୁର ବିଡ଼ିଓ, ମୁଖ୍ୟଅତିଥି ଜଗବନ୍ଧୁ ସାହୁ ଅତିରିକ୍ତ ଜିଲ୍ଲା ଶିକ୍ଷ୍ୟା ଅଧିକାର ଭଦ୍ରକ, ସଭାପତି ସୂର୍ଯ୍ୟଶିଖା ମହାନ୍ତି, ଗୋଷ୍ଠୀ ଶିକ୍ଷ୍ୟା ଅଧିକାରିଣୀ ବାସୁଦେବ ପୁର, ସମ୍ମାନିତ ଅତିଥି, କୃଷ୍ଣଚନ୍ଦ୍ର ଘଡ଼େଇ, ଜିଲ୍ଲା ପରିଷଦଙ୍କ ପ୍ରତିନିଧି, ସମ୍ମାନିତ ଅତିଥି ଉର୍ମିଳା କର, ତପନ କୁମାର ଦ୍ୱିବେଦୀ, ଅମିୟ କୁମାର ମହାଳିକ ଏବିଇଓ ବାସୁଦେବ ପୁର, ଆୟୋଜକ ହେଲେ ପାର୍ଥସାରଥୀ ବିଶ୍ୱାଳ, ପ୍ରଧାନ ଶିକ୍ଷକ କରଞ୍ଜଆଡ଼ିଆ ସରକାରୀ ଉଚ୍ଚ ବିଦ୍ୟାଳୟ ମଲ୍ଲିକାଦେଇ ପୁର, ବିଜ୍ଞାନ ସଂଯୋଜକ ନିତ୍ୟନନ୍ଦ ପାତ୍ର,ମଂଚ ପରିଚାଳନା କରୁଥିଲେ ଅମିୟ କୁମାର ପାଣିଗ୍ରାହି, ଧନ୍ୟବାଦ୍ ଅର୍ପଣ କରିଥିଲେ ଲଳିତ ମୋହନ ରାୟ, ସିଆରସିସିଙ୍କ ସମେତ ବାସୁଦେବ ପୁର ବ୍ଲକର ସମସ୍ତ ସିଆରସିସିଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀର ଛାତ୍ର ଛାତ୍ରୀ ଓ ଅଭିଭାବକ ମାନେ ଉପସ୍ଥିତ ଥିଲେ । ମଂଚରେ ଅତିଥି ମାନେ ଛାତ୍ର ଓ ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଛନ୍ତି ।

ଖଡିଆଳ ରାଜା ଆର୍ତତ୍ରାଣ ହାଇସ୍କୁଲ୍ ପଡିଆରେ ଫୁଟବଲ ମହାକୁମ୍ଭ–୨୦୨୫ ଫାଇନାଲ: ଖଡିଆଳ ଦଳ ବିଜୟୀ

ଖଡ଼ିଆଳ, ୦୫/୧୨ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ଅନ୍ତର୍ଗତ ଖଡିଆଳ ରାଜା ଆର୍ତତ୍ରାଣ ହାଇସ୍କୁଲ୍ ପଡିଆରେ ଫୁଟବଲ ମହାକୁମ୍ଭ– ୨୦୨୫ ର ଫାଇନାଲ ଖେଳ ଉତ୍ସାହଭରା ଭାବରେ ଅନୁଷ୍ଠିତ ହେଲା । ଖଡିଆଳ ଓ ଭୋଜପୁର ଦଳମଧ୍ୟରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଦ୍ୱିତୀୟାର୍ଦ୍ଧରେ ଖଡିଆଳ ଦଳ ୧ ଗୋଲ୍ କରି ନିଜ ସ୍ଥାନକୁ ମଜବୁତ କରିଥିଲେ । ଶେଷରେ ୧–୦ ଗୋଲ୍ ବ୍ୟବଧାନରେ ଖଡିଆଳ ଦଳ ବିଜୟୀ ହୋଇ ଚ୍ୟାମ୍ପିୟାନ ଖିତାବ ଜିତିଛନ୍ତି । ଖେଳାରମ୍ଭରେ ମୁଖ୍ୟ ଅତିଥି ଭାବେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଯୋଗ ଦେଇ ଖଡିଆଳର ସାହିତ୍ୟ, ସଂସ୍କୃତି ସହ କ୍ରୀଡାରେ ମଧ୍ୟ ନିଜ ସ୍ୱତନ୍ତ୍ର ପରିଚୟ ବଜାୟ ରଖିବାକୁ ପ୍ରଶଂସା କରିଥିଲେ । ଏହି ପରମ୍ପରା ଅବିଚ୍ଛିନ୍ନ ରହିଲେ ଖଡିଆଳ କ୍ରୀଡାକ୍ଷେତ୍ରରେ ଆଉ ବଡ଼ ସୁନାମ ଆଣିବ ବୋଲି ସେ କହିଥିଲେ । ଅତିଥି ଭାବେ ଜିଲ୍ଲା ପୋଲିସ୍ ସୁପରିଣ୍ଟେଂଟ ଅମୃତପାଲ୍ ସିଂ, ଓଡ଼ିଶା କ୍ରିକେଟ ଏସୋସିଏସନ୍‌ର ଭୈରବ ସାହୁ, ଏବଂ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ଅଧ୍ୟକ୍ଷତା ବିଧାୟକ ଅଧିରାଜ ପାଣିଗ୍ରାହୀ କରିଥିଲେ । ଅନ୍ୟତମ ଅତିଥି ଭାବେ ଖଡିଆଳ ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, ଏବଂ ଭୋଜପୁର ସରପଂଚ କୁଳମଣି ନାଏକ ଉପସ୍ଥିତ ଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବଲପୁରୀ ଗାୟକ ରୁକୁ ସୁନା ନିଜ ଗୀତରେ ଦର୍ଶକଙ୍କୁ ମୁଗ୍ଧ କରିଥିଲେ ।

ସେଇଠୁ
ଆରମ୍ଭ
SEITHO ARAMBHA

ଶନିବାର, ୦୬ ଡିସେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୭

ନବରଙ୍ଗପୁରରେ ସାଂସ୍କୃତିକ ଉତ୍ସାହ : ମଣ୍ଡେଇ ୨୦୨୫ ପାଇଁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ

ନବରଙ୍ଗପୁର, ୦୫/୧୨ (ଆ.ପ୍ର) : ଆଜି ନବରଙ୍ଗପୁର ସଂସ୍କୃତି ଭବନରେ ଆଦିବାସୀ ସଂସ୍କୃତି ଏବଂ ପରମ୍ପରାର ପ୍ରାଣବନ୍ତ ସ୍ପନ୍ଦନ ଦେଖିବାକୁ ମିଳିଥିଲା । ଆଗାମୀ ମଣ୍ଡେଇ ୨୦୨୫ ମହୋତ୍ସବ ପରିପ୍ରେକ୍ଷୀରେ ଜିଲ୍ଲାସ୍ତରୀୟ ଲୋକଗୀତ ପ୍ରତିଯୋଗିତା ଏବଂ ପାରମ୍ପରିକ ବେଶଭୂଷା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସକାଳ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିବା ଏହି ଦିନିକିଆ କାର୍ଯ୍ୟକ୍ରମରେ ଲୋକଗୀତ ପ୍ରତିଯୋଗିତାରେ ୧୨ ଜଣ ପ୍ରତିଯୋଗୀ ସୁନ୍ଦର ଆଦିବାସୀ 'ଗୀତକୁଡ଼ିଆ ଗୀତକୁଡ଼ିଆଣୀ' ପରିବେଷଣ କରିଥିବାବେଳେ ପାରମ୍ପରିକ ବେଶଭୂଷା ପ୍ରତିଯୋଗିତାରେ ୧୦ ଜଣ ପ୍ରତିଯୋଗୀ ଆକର୍ଷଣୀୟ 'ଦେଶିଆ' ଆଦିବାସୀ ପୋଷାକରେ ନିଜ ପ୍ରଦର୍ଶନ ଦେଇଥିଲେ । ଜିଲ୍ଲାର ପ୍ରମୁଖ କଳାକାର ଦେବଦାସ ମହାଲୁଡ଼, ଶ୍ୱର୍ତିକ ଭଦ୍ରା ଏବଂ ନରସିଂହ ତ୍ରିପାଠୀ ବିଚାରକ ଭାବରେ ଯୋଗ ଦେଇଥିଲେ ଏବଂ ପ୍ରତିଯୋଗୀତାର ବିଚାର ରଖିଥିଲେ । ପାରମ୍ପରିକ ବେଶଭୂଷା ପ୍ରତିଯୋଗିତାରେ ନବରଙ୍ଗପୁରର ସସ୍ମିତା ଭଦ୍ରା ପ୍ରଥମ, ଆରତି ଗଣ୍ଡ ଦ୍ୱିତୀୟ ଏବଂ ବିନ୍ଦିଆ ବେହେରା ତୃତୀୟ ସ୍ଥାନ ହାସଲ କରିଥିବାବେଳେ ଲୋକଗୀତ ପ୍ରତିଯୋଗିତାରେ ରାଧା ଧାକଡ଼ ପ୍ରଥମ, ଦାମୋଦର ପଣ୍ଡା ଦ୍ୱିତୀୟ ଓ ଦମାଇ ଭଦ୍ରା ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହି ସମସ୍ତ ଛଅ ଜଣ ବିଜେତାଙ୍କୁ ମଣ୍ଡେଇ ମହୋତ୍ସବରେ ପୁରସ୍କାର ପ୍ରଦାନ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଛି । ଆୟୋଜକ ଭାବରେ ଜିଲ୍ଲା ସଂସ୍କୃତି ଅଧିକାରୀ ସମସ୍ତ ପ୍ରତିଯୋଗୀଙ୍କୁ ସଂସ୍କୃତି ପ୍ରଚାର ପାଇଁ ପ୍ରେରଣା ଦେଇଥିଲେ । ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର କନିଷ୍ଠ ସହାୟକ ଶ ଆମ୍ ପ୍ରକାଶ ସାହୁ, ସଂସ୍କୃତି କାର୍ଯ୍ୟାଳୟର ପିଅନ ଏ. ସନ୍ତୋଷ କୁମାର ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ସୁବ୍ରତ ବିଶୋୟୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

ଚାରିଛକ ଦୈନିକ ହାଟରେ ୩୧ ତମ ମହା ଲକ୍ଷ୍ମୀ ପୂଜା

ନିମାପଡା, ୦୫/୧୨ (ଆ.ପ୍ର) : ପୁରୀ ଜିଲ୍ଲା ନିମାପଡା ବ୍ଲକ ଚାରିଛକ ଦୈନିକ ପରିବା ହାଟ ରେ ପ୍ରତିବର୍ଷ ପରି ଚଳିତ ବର୍ଷ ୩୧ ତମ ମହା ଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି । ଅପରାହ୍ନରେ ପ୍ରାଚୀ ନଦୀରୁ କଳସ ଧା ରୀ ଜଳ କଳସ ଆଣି ପୂଜା ମଣ୍ଡପ ରେ ସ୍ଥାପନା କରିଥିଲେ । ପୂଜକ ରମାନନ୍ଦ ଦାଶ ଓ ଦାଶରଥି ପାଢୀ ଙ୍କ ଦ୍ୱାରା ଯଥା ରୀତି ଅନୁଯାୟୀ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା । ଏଥିରେ କର୍ତ୍ତା ଭାବେ କୈଳାସ ସାହୁ ଦାୟିତ୍ୱ ତୁଲାଇଥିଲେ । ଚଳିତ ବର୍ଷ ୪ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା ପରିବେଷଣ କରାଯାଉଛି. ପ୍ରତିମା ଦାସ ଓ ସାଥି ମାନଙ୍କ ଦ୍ୱାରା ପାଲା ବେଶ ଉଚ୍ଚ କୋଟିର ହେଉଛି ବୋଲି ଦର୍ଶକ ମାନଙ୍କ ଠାରୁ ପ୍ରକାଶ. ପୂଜାରେ ଦୈନିକ ହାଟର ସଭାପତି ଗୌରାଙ୍ଗ ପରିଡା, ଉପ ସଭାପତି ବ୍ରଜ ବନ୍ଧୁ ଦାଶ, ସମ୍ପାଦକ ଚିତ ରଞ୍ଜନ ତୃପ୍ତି, ସହ ସମ୍ପାଦକ କୈଳାସ ମଲ୍ଲିକ, କୋଷାଧ୍ୟକ୍ଷ ଭରତ ପରିଡା, ଉପଦେଷ୍ଟା ପ୍ରଫୁଲ ସାହୁ, ଚନ୍ଦନ ଲେଙ୍କା ସଞ୍ଜୟ ପରିଡା, ଗଣେଶ ସ୍ୱାଇଁ, ଟିକି ନାୟକ, ରବିନ୍ଦ୍ର ସାହୁ ଓ ହାଟ ପରିଚାଳକ ଶିଶିର କୁମାର ନାୟକଙ୍କ ସମେତ ସମସ୍ତ ବ୍ୟବସାୟୀ ସହଯୋଗ କରିଥିଲେ । ଆସନ୍ତା ସୋମବାର ଦିନ ମା ଙ୍କର ଭସାଣି ଉତ୍ସବ ହେବ ବୋଲି କମିଟି ସଭାପତି ଶ୍ରୀ ପରିଡା ପ୍ରକାଶ କରିଛନ୍ତି ।

ବ୍ଲକସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଆୟୋଜିତ



ସିନାପାଲି, ୦୫/୧୨ (ଆ.ପ୍ର) : ଓଡିଶା ଆଦର୍ଶ ବିଦ୍ୟାଳୟ ଟିମନପୁର ପରିସରରେ ବ୍ଲକ ସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଆଡ଼ମ୍ବରପୂର୍ଣ୍ଣ ଭାବେ ଆୟୋଜିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯତୀନ୍ଦ୍ର କୁମାର ସେଠ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ଟିମନପୁର ଗ୍ରାମ ପଂଚାୟତ ସରପଂଚ ବୈକୁଣ୍ଠ ବଣ୍ଡସେନା ତଥା ସମ୍ମାନିତ ଅତିଥି ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ପ୍ରଧାନ ଶିକ୍ଷକ ସତ୍ୟବାନ ମେହେର, ଗୋବିନ୍ଦପୁର ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ଭୀମସେନ ମେହେର, ବିଦ୍ୟାଳୟର ପିତୃମାତୃ ମଂଚ ସଭାପତି ମିଥୁନ ବାଗ, ବ୍ଲକ ବିଜ୍ଞାନ ଫୋରମ୍ ସମ୍ପାଦକ କୈଳାଶଚନ୍ଦ୍ର ଦାଶ, ଓଏଭି ଅଧ୍ୟକ୍ଷ ଶିବୁ କୁମାର ବିଶ୍ୱାଳ ଯୋଗଦାନ କରିଥିଲେ । ଅତିଥି ଦେବ ପୂଜନ ପରେ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । ପରେ ଜିଲ୍ଲା ବାହାରୁ ଆସିଥିବା ୪ ଜଣ ବିଚାରକ ପିଏମ୍ ଶ୍ରୀ ହାଇ ସ୍କୁଲ ଜୁନାଗଡର ସଞ୍ଜୀବ ପଣ୍ଡା, ପଂଚାୟତ ହାଇ ସ୍କୁଲ ବାଲିଯୋର ଚନ୍ଦ୍ରହାସ୍ୟ ମେହେର, ସୋସିଆ ହାଇ ସ୍କୁଲର ମାନସ ରଣା, ପିଲକିଆ ହାଇ ସ୍କୁଲର ନିରଞ୍ଜନ ସାହାଣୀ ପ୍ରକଳ୍ପ ଗୁଡ଼ିକୁ ପରିଦର୍ଶନ କରିଥିଲେ । ଉଦଯାପନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯତୀନ୍ଦ୍ର କୁମାର ସେଠ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ ପ୍ରଶାନ୍ତ କୁମାର ମହାନ୍ତି, ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ବ୍ଲକ ବିଜ୍ଞାନ ଫୋରମ୍ ସମ୍ପାଦକ କୈଳାଶଚନ୍ଦ୍ର ଦାଶ ପ୍ରମୁଖ ଯୋଗଦାନ କରିଥିଲେ । ପରେ ଓଏଭି ଟିମନପୁର ଛାତ୍ରୀଙ୍କଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରାଗଲା । ପରେ ୭ ଟି ସବ ଥିମ୍ ପାଇଁ ୭ ଜଣ ଜିଲ୍ଲା ସ୍ତରରେ ଅଂଶ ଗ୍ରହଣ କରିବାକୁ ଥିବା ଓ ସାଇନ୍ସ ସେମିନାର ପାଇଁ ୩ ଜଣ, ଶକ୍ତି ସଂରକ୍ଷଣ ବିଭାଗରୁ ୧୦ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ମନୋରଂଜନ ମେହେର ଓ ନରେନ୍ଦ୍ର ନାଏକ ମଂଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଅଧ୍ୟକ୍ଷ ଶିବୁ କୁମାର ବିଶ୍ୱାଳ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏକ ନୃତ୍ୟ ପରିବେଷଣ ସହ କାର୍ଯ୍ୟକ୍ରମ ଉଦଯାପନ କରାଯାଇଥିଲା । ଏଥିରେ ଓଏଭିର ସମସ୍ତ ଶିକ୍ଷକ, ବ୍ଲକର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଗାଇଡ ଶିକ୍ଷକ, ସମସ୍ତ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ସହଯୋଗ ପ୍ରଦାନ କରିଥିଲେ ।

ଅଭୟାରଣ୍ୟ ଜଙ୍ଗଲ ସୁରକ୍ଷାରେ ବିଫଳ, ବିକାଶ ନାଁରେ ଚାଲିଛି ବିନାଶ

ତୁମୁଡିବନ୍ଧ,କୋଟଗଡ଼, ୦୫/୧୨ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡ ଅନ୍ତର୍ଗତ କୋଟଗଡ଼ ଅଭୟାରଣ୍ୟ ସୁରକ୍ଷାକୁ ନେଇ ଉଠିଛି ପ୍ରଶ୍ନ ।କ୍ଷ ଘଂଚ ଜଙ୍ଗଲ ଘେରା ଏହି ଅଭୟାରଣ୍ୟର ସୀମା ବେଲଘର ବନାଂଚଳ ଏବଂ କୋଟଗଡ଼ ବନାଂଚଳ ମଧ୍ୟରେ ପରିବ୍ୟାପ୍ତ । ଏହି ଅଭୟାରଣ୍ୟରେ ରହିଆସୁଥିବା ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଏକାଧିକ ବନ୍ୟ ପ୍ରକଳ୍ପ କରିଆରେ କୋଟି କୋଟି ଅର୍ଥ ବ୍ୟୟ କରି ଅଭୟାରଣ୍ୟ ଉନ୍ନୟନ କାର୍ଯ୍ୟ କରାଯାଇଆସୁଥିବା ଡିମଡ଼ିମ ପିଟୁଛି କୋଟଗଡ ବନ ବିଭାଗ । ବିଶେଷକରି କୋଟଗଡ଼ ବନାଂଚଳ ଅନ୍ତର୍ଗତ ଲାସେରୀ ସେକ୍ସନରେ ଏହି ସବୁ ବିକାଶ କାର୍ଯ୍ୟ ସମ୍ପାଦନ ହେଉଥିବା ବିଭାଗ ପକ୍ଷରୁ କୁହାଯାଉଛି । ତେବେ ଅଭୟାରଣ୍ୟ ଭିତରେ ବସବାସ କରିଆସୁଥିବା ଜନଜାତି ସମ୍ପ୍ରଦାୟ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାଇ ବିଭାଗୀୟ କାଗଜକଲମ ତଥ୍ୟ ଠାରୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା । ଲାସେରୀ ସେକ୍ସନର ପିପାଡ଼ି ଜଙ୍ଗଲ ସ୍ଥିତ ଅଭୟାରଣ୍ୟ ପ୍ରବେଶ ଫାଟକକୁ ଲାଗି କିଛି ଜଙ୍ଗଲ ରହିଥିବା ବେଳେ ମାତ୍ର ଶହେ ମିଟର ଭିତରକୁ ଗଲେ ପୁରା ଫାଙ୍କା ପଡିଛି ଅଭୟାରଣ୍ୟ । ସହ ସହ ଏକର ଜଙ୍ଗଲ ସଫା କରି ପଡିଆରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରିଆସୁଛନ୍ତି ଲୋକ । ଏହି ଜଙ୍ଗଲ ଭିତରେ ଅବାଧରେ ଚାଲିଛି ବନ୍ୟପ୍ରାଣୀଙ୍କ ଶିକାର ଯାହା ଗତ ୬ ମାସ ତଳେ ଗୋଲମପଙ୍ଗା ଅଂଚଳରୁ ଜଣକୁ ଗିରଫ ପରେ ସ୍ପଷ୍ଟ ହୋଇଛି । ଶାଳ, ପିଆଶାଳ, ଶାଗୁଆନ ଇତ୍ୟାଦି ବହୁ ମୂଲ୍ୟବାନ ଗଛ ଅବାଧରେ କଟା ଚାଲିଥିବା ମଧ୍ୟ ବାରମ୍ବାର ପ୍ରମାଣିତ ହୋଇଛି । ଏକଦା ବିଭିନ୍ନ ପ୍ରଜାତିର ବନ୍ୟପ୍ରାଣୀଙ୍କ ଚରାଭୂଇଁ ହୋଇଥିବା ଏହି ଅଭୟାରଣ୍ୟ ବର୍ତ୍ତମାନ ଅବାଧରେ ଶିକାର ଯୋଗୁଁ ସେମାନଙ୍କ ପାଇଁ ବିପଦ ଭୂଇଁ ପାଲଟିଥିବା ଗ୍ରାମବାସୀ ମତାମତ ଦେଇଛନ୍ତି । ଅଭୟାରଣ୍ୟ

ରକ୍ଷଣାବେକ୍ଷଣ ଏବଂ ଉନ୍ନତି କରଣ ନିମନ୍ତେ ଆସୁଥିବା କୋଟି କୋଟି ଅର୍ଥ ଯାଉଛି କୁଆଡେ ତାହାର ଉତର ଦେବ କିଏ ? ଅଭୟାରଣ୍ୟର ଉନ୍ନୟନ ବାବଦରେ ପ୍ରତିବର୍ଷ ଆବଶ୍ୟକ ମୁତାବକ ଲୁଣି ପୋଖରୀ, ଚେକଡ୍ୟାମ, ଟ୍ରେଂଚ ଲାଇନ ଇତ୍ୟାଦି ନିର୍ମାଣ କେବଳ ପ୍ରହସନ ଚାଲିଥିବା ବେଳେ ବିଭିନ୍ନ ଉପାୟ ଅବଲମ୍ବନ କରି ଅନୁଦାନ ଅର୍ଥକୁ ଆତ୍ମସାତ କରିଆସୁଥିବା ଅଭିଯୋଗ ହୋଇଛି । ତେବେ ଗତ ମାସରେ ଦୁର୍ଗାପଙ୍ଗା ସେକ୍ସନର କାଜୁ ବଗିଚାରୁ ସନ୍ଦେହ ଜନକ ଭାବେ ୧୨ ଟି ଶାଗୁଆନ ଗଣ୍ଡି ଜବତ ପରେ ଏହା ଲାସେରୀ ସଂରକ୍ଷିତ ଜଙ୍ଗଲ ଅଂଚଳରୁ କଟା ଯାଇଥିବା ଏସିଏଫଙ୍କ ତଦନ୍ତ ପରେ ସ୍ପଷ୍ଟ ହୋଇଥିଲା । ବର୍ତ୍ତମାନ ମଧ୍ୟ ଉକ୍ତ ଅଭୟାରଣ୍ୟ ଅଂଚଳରେ ସହ ସହ ଗଛ ଶୁଖିକି ପଡ଼ି ରହିଥିବା ବେଳେ ସମ୍ପୃକ୍ତ ବନରକ୍ଷୀ ନିଜ ଦୋଷ ଦୁର୍ଗାପଙ୍ଗା ବନପାଳଙ୍କ ଉପରେ ଲଦି ନିଜେ ଖସିଯିବାକୁ ଉଦ୍ୟମ ଏକ ପ୍ରକାର ଭଣ୍ଡୁର ହୋଇଥିବା ପ୍ରଘଟ ହୋଇଥିଲା । ତେବେ ନିଜ ଅଭୟାରଣ୍ୟ ଜଙ୍ଗଲ ସୁରକ୍ଷାରେ ବିଫଳ ତଥା ଅଭୟାରଣ୍ୟ ଜଙ୍ଗଲର ବିକାଶ ନା ରେ ବିନାଶ ରଚିଥିବା ଲାସେରୀ ବିଟ ବନରକ୍ଷୀଙ୍କୁ କାହିଁକି ସୁରକ୍ଷା ଦେଉଛନ୍ତି ସ୍ଥାନୀୟ ଅଧିକାରୀ ତାହା ବଡ଼ ପ୍ରଶ୍ନବାଚୀ । ଅପରପକ୍ଷେ କୋଟଗଡ଼ ବନାଂଚଳ ଅଧୀନରେ ଗୃହପାଳିତ ପଶୁ ମାନଙ୍କ ଟୀକାକାରଣ ନିମନ୍ତେ ଆସୁଥିବା ଅର୍ଥ ବର୍ଷ ବର୍ଷ ଧରି ଟୀକାକାରଣ ନକରି ଆତ୍ମସାତ କରାଯାଇଆସୁଥିବା ଅଭିଯୋଗ ହୋଇଥିବା ସୂଚନା ମିଳିଛି । ଚଳିତ ବର୍ଷ କୋଟଗଡ଼ ବନାଂଚଳକୁ ୬ ଟି ଫରେଷ୍ଟ ରୋଡ୍ ଉନ୍ନତିକରଣ ନିମନ୍ତେ ଆସିଥିବା ଅନୁଦାନକୁ ସ୍ଥାନୀୟ ବନାଂଚଳ ଅଧିକାରୀ ବନାଂଚଳର ସମସ୍ତ ପାଂଚଟି ସେକ୍ସନ ଯଥା କୋଟଗଡ଼, ଲାସେରୀ, ଦୁର୍ଗାପଙ୍ଗା, ଶ୍ରୀରାମପୁର ଏବଂ ସୁବର୍ଣ୍ଣଗିରିକୁ ଗୋଟି ଗୋଟି କରି ବାଂଟିବା ବଦଳରେ କେବଳ ଗୋଟିଏ ସେକ୍ସନ ଲାସେରୀରେ ସବୁ ୬ ଟି ଯାକ ଫରେଷ୍ଟ ରାସ୍ତା ଅନୁମୋଦନ କରିବା ବନାଂଚଳ ଅଧିକାରୀଙ୍କ କାର୍ଯ୍ୟକଳାପକୁ ଆହୁରି ଅଧିକ ସନ୍ଦେହ ଘେରକୁ ଟାଣି ଆଣିଛି । ତେବେ ଏହି ସମସ୍ତ ଅଭିଯୋଗର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କୁ ଉଚିତ ଦଣ୍ଡ ଦେବା ସହିତ ପ୍ରକୃତ ସତ୍ୟ ଉନ୍ମୋଚନ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲ ଦାବୀ କରିଛି । ଘଟଣା ସମ୍ପର୍କ ରେ ଉପରସ୍ଥ ଅଧିକାର ଙ୍କର କିଛି ମତା ମତ ମିଳିପାରିନାହିଁ । ସ୍ଥାନୀୟ ବନ ବିଭାଗ ଅଧିକାରୀଙ୍କ ଉପରେ କଣ ପଦ କ୍ଷେପ ନେଉଛନ୍ତି ଉପରସ୍ଥ ଅଧିକାରୀ ଦେଖିବାକୁ ବାକି ରହିଲା ।

ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ପାତ୍ରପୁର, ୦୫/୧୨ (ଆ.ପ୍ର) : କରଡ଼ା ଥାନା ଖରିଆଗୁଡ଼ା ଫାଣ୍ଡି ତୁରୁବୁଡ଼ି ପଂଚାୟତ ଅନ୍ତର୍ଗତ କଂଟାଖାଳି ଗ୍ରାମ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତି ମୃତ ହୋଇଥିବା ଜଣାପଡିଛି । ମୃତକ ହେଲେ ଉକ୍ତ ଗ୍ରାମର ଅଭି ନାଇକଙ୍କ ପୁଅ କୁରେଶ ନାଇକ (୩୫) । ମିଳିଥିବା ସୂଚନା ଅନଯାୟୀ କୁରେଶ କୌଣସି କାମରେ ସନ୍ଧ୍ୟା ସମୟରେ ତୁରୁବୁଡି ଯାଇଥିବା ବେଳେ ଗ୍ରାମକୁ ଫେରିବା ସମୟରେ ଏକ ଅଜଣା କାର ତାଙ୍କୁ ପଛ ପଟୁ ଧକ୍କା ଦେଇଥିଲା । ସ୍ଥାନୀୟ ଲୋକେ କୁରେଶଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭର୍ତି କରିଥିବା ବେଳେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସୂଚନା ଥାଉକି ମୃତ କୁରେଶଙ୍କୁ ୨ଟି ପୁଅ ଓ ୨ଝିଅ ଅଛନ୍ତି । କୁରେଶଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବା ବେଳେ ସରକାରୀ ସହାୟତା ପାଇଁ ଦାବୀ ହୋଇଛି । ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

ଦଶପଲ୍ଲା ବ୍ଲକ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ ଓ କର୍ମକର୍ତ୍ତା ନିର୍ବାଚନ

ଦଶପଲ୍ଲା, ୦୫/୧୨ (ଆ.ପ୍ର) : ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ସାମ୍ବିଧାନିକ ସମ୍ମିଳନୀ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ଶୁକ୍ରବାର ଦିନ ସରିଗଣ୍ଡା ହାଇସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀରେ ସଂଘର ରାଜ୍ୟ ସଂପାଦକ ମାଣିକେଶ୍ୱର ସ୍ୱାଇଁ, ଜିଲ୍ଲା ସଭାପତି ଅଯୋଧ୍ୟାନାଥ ନାୟକ, ଉପସଭାପତି ନିରାକାର ସ୍ୱାଇଁ, ଜିଲ୍ଲା ସଂପାଦକ ମାନସ କୁମାର ସାହୁ, ଓଡଗାଁ ବ୍ଲକ ସମ୍ପାଦକ ଭଗବାନ ସାହୁ ପ୍ରମୁଖ ଯୋଗଦେଇଥିଲେ । ଇତ୍ୟବସରରେ ଦଶପଲ୍ଲା ବ୍ଲକ ଓଷ୍ଟାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏହି କ୍ରମରେ ଶରତଚନ୍ଦ୍ର ବେହେରା -ସଭାପତି, ଗିତାଞ୍ଜଳୀ ମହାପାତ୍ର ଓ ଶ୍ୟାମବନ୍ଧୁ ପ୍ରଧାନ- ଉପ ସଭାପତି, ଅକ୍ରୁର ପରିଡ଼ା-ସମ୍ପାଦକ, ସୁପ୍ରିୟା ଶ୍ରୀଚନ୍ଦନ, ଶ୍ରଦ୍ଧାଞ୍ଜଳି ହରିଚନ୍ଦନ ଓ ମନୋଜ କୁମାର ହଂସ -ଯୁଗ୍ମ ସଂପାଦକ, ମନୋଜ କୁମାର ବେହେରା, ପରମାନନ୍ଦ ନାଏକ ଓ ଗଙ୍ଗାଧର ସାହୁ-ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ, ଅଭିମନ୍ୟୁ ପ୍ରଧାନ ଓ ମନୋରଂଜନ ଦାଶ ଓଷ୍ଟାର ଦଶପଲ୍ଲା ବ୍ଲକ ନୂତନ କର୍ମକର୍ତ୍ତା ଭାବେ ଶପଥ ଗ୍ରହଣ କରିଥିଲେ । ସଂଗଠନକୁ ମଜବୁତ କରି ଗଢି ତୋଳିବା, ଆନ୍ଦୋଳନ ଓ ଶିଶୁ ମେଳାକୁ ସଫଳ କରିବା ନିମନ୍ତେ ଜିଲ୍ଲା ସ୍ତରୀୟ ବରିଷ୍ଠ କର୍ମକର୍ତ୍ତା ମାନେ ପରାମର୍ଶ ଦେଇଥିଲେ ।

ଶୀତ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଜି.ଉଦୟଗିରି, ୦୫/୧୨ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବିଗତ ଚାରି ବର୍ଷ ହେବ ରାଜ୍ୟର ସବୁଠାରୁ କମ୍ ତାପମାତ୍ରା ସହ ପ୍ରବଳ ଶୀତ ଅନୁଭୂତ ସହର ଭାବେ ପରିଚିତ ହୋଇଛି । ଜିଲ୍ଲାର ସମସ୍ତ ସହର ଠାରୁ ଅତ୍ୟଧିକ ଶୀତ ପ୍ରବଣ ଜି.ଉଦୟଗିରି ଠାରେ ଶୀତ ମହୋତ୍ସବର ଆୟୋଜନ ଦାବି ନେଇ ଗଣମାଧ୍ୟମ ଖବରକାଗଜ ରେ ଖବର ପ୍ରସାରିତ ହୋଇଥିଲା । ସ୍ଥାନୀୟ କିଛି ସମାଜ ସେବୀ ଏଇ କିଛିଦିନ ତଳେ ଶୀତ ମହୋତ୍ସବ ଆୟୋଜନ ନିମନ୍ତେ କଥା ହୋଇ ପ୍ରସ୍ତୁତି ଆରମ୍ଭ କରି ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଯାହାର ଫଳ ସ୍ୱରୂପ ଶୁକ୍ରବାର ସ୍ଥାନୀୟ ବିଡିଓଙ୍କ ଆବାହନ ରେ ବ୍ଲକ ପ୍ରେକ୍ଷାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ବିଡିଓ ଶରତ ଚନ୍ଦ୍ର ମଲ୍ଲିକ, ଇଓ ଆଶୁତୋଷ ଗୌରବ କର, ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଦେବସ୍ମିତା ଶତପଥୀ, ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, ଏନ୍ ଲୁକ୍, ସାଂସଦ ପ୍ରତିନିଧି ଅମରସିଂ ନାୟକ ପ୍ରମୁଖ ମଂଚାସୀନ ହୋଇଥିବା ବେଳେ ବହୁ ସଂଖ୍ୟାରେ ଅଂଚଳବାସୀ, ଗଣମାଧ୍ୟମ ପ୍ରତିନିଧି, ସରପଂଚ, ସମିତି ସଭ୍ୟ, କାଉନ୍ସିଲର ଉପସ୍ଥିତ ଥିଲେ । ଶୀତ ମହୋତ୍ସବ କିପରି ଆୟୋଜନ କରାଯିବ ସେ ନେଇ ଆଲୋଚନା ହୋଇ କମିଟି ଗଠନ କରାଯାଇଥିଲା । କମିଟିରେ ସାଧାରଣ ଜନତାଠୁ ଆରମ୍ଭ କରି ଜନପ୍ରତିନିଧି ଓ ପ୍ରସାଶନିକ ଅଧିକାରୀ ରହିଛନ୍ତି । ସଭାପତି ଭାବେ ଜ୍ଞାନ ରଞ୍ଜନ ପ୍ରଧାନଙ୍କୁ ମନୋନୟନ କରାଯାଇଥିବା ବେଳେ ସମ୍ପାଦକ ଭାବେ ଜିଆଉଦ୍ଦିନ ଅହମଦ, କୋଷାଧ୍ୟକ୍ଷ ଭାବେ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର ଦାୟିତ୍ୱ ନିର୍ବାହ କରିବା ସହ କମିଟିର ଅନ୍ୟ ସଦସ୍ୟ ମାନେ କାର୍ଯ୍ୟକ୍ରମ ଆୟୋଜନ କରିବାରେ ସହଯୋଗ କରିବେ ବୋଲି ବୈଠକରେ ସ୍ଥିର କରାଯାଇଛି । ସୂଚନା ଅନୁସାରେ ଶୀତ ମହୋତ୍ସବ ଜାନୁଆରୀ ୧୯ ରୁ ୨୩ ପର୍ଯ୍ୟନ୍ତ ହେବ ବୋଲି ସ୍ଥିର କରାଯାଇଛି ।

ସାମ୍ବାଦିକ ପ୍ରଶାନ୍ତ ପରିଡାଙ୍କ ବିୟୋଗରେ ନାଉଗାଁରେ ଶୋକର ଛାୟା

ଜଗତସିଂହପୁର,୦୫/୧୨ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ପ୍ରଗତିବାଦୀ ସାମ୍ବାଦିକ ପ୍ରଶାନ୍ତ କୁମାର ପରିଡାଙ୍କ ଗତ ବିଳମ୍ବିତ ରାତିରେ ହୃଦଘାତରେ ଦୁଃଖଦ ଦେହାନ୍ତ ଘଟିଛି । ତାଙ୍କର ଏହି ବିୟୋଗ ସମ୍ବାଦ ଖବର ସମଗ୍ର ନାଉଗାଁ ବ୍ଲକ ଓ ଜଗତସିଂହପୁର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଥିଲା । ପ୍ରଶାନ୍ତ ପରିଡା ପୂର୍ବରୁ ଇଣ୍ଡିଆନ ଏୟାରଫୋର୍ସ ରେ କାର୍ଯ୍ୟରତ ଥିଲେ । ସେବା ଶେଷ କରି ନାଉଗାଁକୁ ଫେରି ସାମ୍ବାଦିକତାକୁ ଆପଣାଇଥିବା ସେ ଅଂଚଳରେ ସତ୍ୟନିଷ୍ଠ, ନିର୍ଭୀକ ଓ ପ୍ରତିବାଦମୁଖୀ ସାମ୍ବାଦିକ ଭାବେ ପରିଚିତ ହୋଇଥିଲେ । ସାଧାରଣ ଲୋକଙ୍କ ସ୍ୱରକୁ ବିଭିନ୍ନ ମଂଚରେ ଆଣିବାରେ ସେ ଅଗ୍ରଣୀ ଭୂମିକା ନେଉଥିଲେ । ତାଙ୍କ ବିୟୋଗରେ ଜଗତସିଂହପୁର ଜିଲ୍ଲା ଓ ନାଉଗାଁ ବ୍ଲକର ସାମ୍ବାଦିକମାନେ ନିରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସଭାରେ ପୂର୍ବତନ ଜିଲ୍ଲା ସାମ୍ବାଦିକ ସଂଘ ସମ୍ପାଦକ ରମାକାନ୍ତ ଦାସ, ମନୋଜ ଦାସ, ବୈଷ୍ଣବ ରାଉଳ, ମନୋଜ ନାୟକ, ଅଭିମନ୍ୟୁ ସାହୁ, ଦେବଜ୍ୟୋତି ମହାନ୍ତି, ମାନସ ସ୍ୱାଇଁ, ମିଳନ ପାଢ଼ୀ, ଆଲୋକ ଶିଶୁ, ସୁଶାନ୍ତ ପରିଡା, ମାନସ ଦାସ, ଅଜିତ ଓଝା, ମହାଦେବ ନାୟକ, କୁନା ବାରିକ, ପ୍ରଦେଶ ମହାନ୍ତି ଆଦି ଉପସ୍ଥିତ ଥିଲେ । ଶ୍ରୀ ପରିଡାଙ୍କ ବିୟୋଗରେ ପୂର୍ବତନ ବିଧାୟକ ଓ ବିଜେଡି ରାଜ୍ୟ ଉପସଭାପତି ଚିରଞ୍ଜୀବ ବିଶ୍ୱାଳ, ସୁନିଲ କୁମାର ମାଟିଆ, ସୌମ୍ୟସଂଜୀବ ଦାସ, ସରୋଜ କୁମାର ଲେଙ୍କା, କ୍ରୀଷ୍ଣାନନ୍ଦ ସାହୁ ଗଭୀର ଶୋକ ପ୍ରକାଶ କରିଛନ୍ତି । ସ୍ଥାନୀୟ ଗ୍ରାମ୍ୟ ଶ୍ମଶାନରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି ।

ଧାନକିଣାରେ ଜିଲ୍ଲା ପ୍ରଶାସନ ଓ ମିଲରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ୧୦୦କୋଟି ଟଙ୍କା ଠକେଇ : ଋଷିକୁଲ୍ୟା ରୟତ ମହାସଭା

ବ୍ରହ୍ମପୁର, ୦୫/୧୨ (ଆ.ପ୍ର) : ଜିଲ୍ଲାରେ ପ୍ରତିବର୍ଷ ଧାନକିଣାରେ ୧୦୦ କୋଟି ଟଙ୍କାରୁ ଅଧିକା ଠକେଇ ହେଉଥିବା ଘଟଣା ସଂପର୍କରେ ଆଜି ସ୍ଥାନୀୟ ଏନ୍.ଜି.ଓ. ହଲ୍ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଋଷିକୁଲ୍ୟା ରୟତ ମହାସଭାର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ରବି ରଥ, ସାଧାରଣ ସଂପାଦକ ସୀମାଞ୍ଚଳ ନାହାକ ପ୍ରମୁଖ ପ୍ରକାଶ କରିଛନ୍ତି । ଜିଲ୍ଲାରେ ପ୍ରତିବର୍ଷ ଧାନକିଣାରେ ୧୦୦ କୋଟି ଟଙ୍କା ଦୁର୍ନୀତି ଘଟଣା ସଂପର୍କରେ ଆଜି ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଓ ଜିଲ୍ଲାପାଳ ଏଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ସଂଗଠନ ପକ୍ଷରୁ କୁହାଯାଇଛି ଯେ, ଗତବର୍ଷ ଜିଲ୍ଲାର ୫୮ଲକ୍ଷ କୁଇଣ୍ଟାଲ୍ ଧାନ କିଣାଯାଇଥିଲା । ପ୍ରତି କୁଇଣ୍ଟାଲ୍ ଧାନରେ କଟ୍ନୀ ଛଟ୍ ଦ୍ୱାରା ୨୦୦ ଟଙ୍କା କ୍ଷତି ହୋଇଥିବାରୁ ମୋଟ ଧାନ କିଣାରେ ୧୧୬ କୋଟି ଟଙ୍କା କ୍ଷତି ହୋଇଥିବା ଜଣାପଡ଼ିଛି । ଗଂଜାମ ଜିଲ୍ଲା ହେଉଛି ଏକ କୃଷିପ୍ରଧାନ ଜିଲ୍ଲା । ମୁଖ୍ୟ ଫସଲ ହେଉଛି ଧାନ । ଧାନ ଚାଷ ଦ୍ୱାରା ଚାଷୀମାନେ ନିଜର ଖୁଦ୍କୁରାଣ ମେଣ୍ଟାଇବା ସଂଗେ ସଂଗେ ପିଲାଙ୍କ ପାଠପଢ଼ା, ଝିଅ ପୁଅ ବାହାଘର ଆଦି ଭଲମନ୍ଦ କାମରେ ଖର୍ଚ୍ଚ କରିଥାନ୍ତି । ଜିଲ୍ଲାରେ ୫, ୨୦,୦୦୦ ଚାଷୀ ଓ ୨,୫୦,୦୦୦ ଭାଗଚାଷୀ ରହିଛନ୍ତି । ଭାଗଚାଷୀମାନେ ଜିଲ୍ଲାର ୫୦ ଭାଗରୁ ଅଧିକ ଚାଷଜମିରେ ନିୟୋଜିତ ହୋଇଥାନ୍ତି । ଜିଲ୍ଲାରେ ମାତ୍ର ଋତିଶି ଭାଗ ଜମିକୁ ଜଳସେଚନର ବ୍ୟବସ୍ଥା ଥିବାରୁ ଦୋଫସଲୀ ଚାଷ ହୋଇପାରୁ ନାହିଁ । ଏଣୁ ଧାନ ଫସଲ ଉପରେ ସମସ୍ତ ଚାଷୀ ନିର୍ଭର କରିଥାନ୍ତି । ନୂଆ ସରକାର ଆସିଲା ପରେ କୁଇଣ୍ଟାଲ୍ ପିଛା ୮୦୦ ଟଙ୍କା ବୋନସ୍ ଘୋଷଣା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ଅଟେ । ମାତ୍ର ଛୋଟ ଚାଷୀ ଓ ଭାଗଚାଷୀମାନେ ଏହି ବୋସ ପାଇବାରୁ ବଞ୍ଚିତ ହେଉଛନ୍ତି । ପୂର୍ବରୁ ଭାଗଚାଷୀଙ୍କ ପଞ୍ଜୀକରଣ ସରଳୀକରଣ ଥିବାରୁ ସେମାନେ ତାଙ୍କ ନାମ ପଞ୍ଜୀକରଣ କରି ଧାନ ବିକି ପାରୁଥିଲେ । ମାତ୍ର ଏବେ ଧାନକିଣା ପଦ୍ଧତି ଜଟିଳ ହୋଇଥିବାରୁ ଭାଗଚାଷୀମାନେ ପଞ୍ଜୀକରଣ କରିପାରୁ ନାହାନ୍ତି । ଫଳରେ ସେମାନେ ସେମାନେ ମଧ୍ୟ ଧାନ ବିକିବାରୁ ବଞ୍ଚିତ ହେଉଛନ୍ତି । ଜିଲ୍ଲାରେ ପ୍ରାୟ ୩୬୬ଟି ସମବାୟ ସମିତି, ୧୦୯ ମହିଳା ଗ୍ରୁପ୍, ଗୋଟିଏ ପାଣି ପଞ୍ଚାୟତ ଧାନ କିଣାରେ ପଞ୍ଜୀକୃତ ଚାଷୀଙ୍କ ଠାରୁ ଧାନ କିଣିଥାନ୍ତି । ଗତବର୍ଷ ଅଧିକାଂଶ ସୋସାଇଟି ଏବଂ ମହିଳା ଚାଷୀଙ୍କ ଠାରୁ ୫ କେଜିରୁ ୧୨ କେଜି ପର୍ଯ୍ୟନ୍ତ କୁଇଣ୍ଟାଲ୍ ପିଛା ଅଧିକ ଧାନ ନେଇ ଚାଷୀଙ୍କୁ ଠକିଛନ୍ତି ଏଫ୍.ଏକ୍ୟୁ ମାନ ନାମରେ ବହୁବର୍ଷ ଚାଷୀଙ୍କୁ ଠକି ଆସୁଛନ୍ତି । ସରକାରଙ୍କ ନିୟମ ଅନୁଯାୟୀ ମଣ୍ଡିରେ ହେଉଥିବା ଧାନକିଣାର ସବୁ ଖର୍ଚ୍ଚ ମିଲରମାନେ ସରକାରଙ୍କ ଠାରୁ ପାଉଥାନ୍ତି । ମାତ୍ର ଚାଷୀମାନେ ଅଖା, ଗାଡ଼ିଭଡ଼ା, ଲେବର ଖର୍ଚ୍ଚ ଇତ୍ୟାଦି ପାଅ ।ନ୍ତି ନାହିଁ ଯ ମାର୍କେଟିଂ ଇନିସ୍ପେକ୍ଟର ମାନେ ଉତ୍ତଳ ନେବା ପାଇଁ କମିଶନ ନିଅନ୍ତି ଏବଂ ଗୋଦାମବାଲା ଟଙ୍କା ମଧ ଦିଅନ୍ତି । ଯୋଗାଣ ବିଭାଗ, ସମବାୟ ବିଭାଗ, ମହିଳା ଗ୍ରୁପ୍, ମିସଣକ୍ତି ଅଧିକାରୀମାନେ ମିଲରମାନଙ୍କ ସହିତ ମଧୁଚନ୍ଦ୍ରିକା ଯୋଗୁଁ ଜିଲ୍ଲାରେ ୧୦୦ କୋଟି ଟଙ୍କାରୁ ଅଧିକ ଧାନକିଣାରେ ଦୁର୍ନୀତି ହେଉଛି । ଉଲ୍ଲେଖଯୋଗ୍ୟ ଯେ ଖଲ୍ଲିକୋଟ ବ୍ଲକ୍ କୋମଣ୍ଡ ସୋସାଇଟିର ସଂପାଦକ ୭୦୦ ଜଣ ଚାଷୀଙ୍କ ଠାରୁ କୃଷିଋଣ ପ୍ରାୟ ୩ କୋଟି ଟଙ୍କା ହେରଫେର୍, ଦିଗପହଣ୍ଡି ବ୍ଲକ୍ର ଗୋକର୍ଣ୍ଣପୁର ସୋସାଇଟିରେ ୫୦ ଲକ୍ଷରୁ ଅଧିକ ଟଙ୍କାର ଦୁର୍ନୀତି ଏବଂ ପୁରୁଷୋତ୍ତମପୁର ବ୍ଲକର ସୁନାଥର, ବାଘଲା ପଞ୍ଚାୟତରେ ମଧ୍ୟ ଧାନକିଣାରେ ୧ କୋଟିରୁ ଅଧିକ ଟଙ୍କାର ଦୁର୍ନୀତି ହୋଇଛି । ଖଲ୍ଲିକୋଟ ବ୍ଲକ୍ର କଇରାଣି, ଆଇତିପୁର, ବାରସର, ସାବୁଳିଆ ସୋସାଇଟିରେ ମଧ ଏଭଳି ଅବସ୍ଥା ଦେଖାଦେଇଛି । ଜଗନ୍ନାଥପ୍ରସାଦ ବ୍ଲକ ବିଡ଼ିପୁର ସୋସାଇଟି, ଚିକିଟୀ ବ୍ଲକର ନୂଆପଡ଼ା ସୋସାଇଟିରେ ମଧ୍ୟ ଧାନକିଣାରେ ହେରଫେର୍ ହୋଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଚାଷୀନେତା ବିଜୟ କୁମାର ସ୍ୱାଇଁ, ବ୍ରହ୍ମପୁର କେନ୍ଦ୍ରବ୍ୟାଙ୍କର ନିର୍ଦ୍ଦେଶକ ରାମମୋହନ ପଣ୍ଡା, କାଳିଆ ନାହାକ, ବିଦ୍ୟାଧର ନାହାକ ପ୍ରମୁଖ ଉପସ୍ଥିତ ଥିଲେ ।

ବାଲୁଗାଁ ଏଚଡିଏଫସି ବ୍ୟାଙ୍କ ଶାଖା ତରଫରୁ ୪୫ ୟୁନିଟ ରକ୍ତ ସଂଗ୍ରହ

ଚିଲିକା ବାଣପୁର, ୦୫/୧୨ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଠାରେ ଅବସ୍ଥିତ ଏଚଡି ଏଫ ସି ବ୍ୟାଙ୍କ ଶାଖା ତରଫରୁ ଶୁକ୍ରବାର ଦିନ ରକ୍ତ ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶାଖା ପରିଚାଳକ ହିମାଂଶୁ ମିଶ୍ରଙ୍କ ତତ୍ୱାବଧାନରେ ଚିଲିକା ପୂର୍ବତନ ବିଧାୟକ ରଘୁନାଥ ସାହୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିବା ପରେ ଖୋର୍ଦ୍ଧା ଡିଏଚଏଚରୁ ଆସିଥିବା ମେଡିକାଲ ଟିମ୍ଙ୍କ ଦ୍ୱାରା ୪୫ ଜଣ ରକ୍ତ ଦାତାଙ୍କ ଠାରୁ ୪୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଗତ ବର୍ଷ ୪୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବେଳେ ଚଳିତ ବର୍ଷ ୪୫ ୟୁନିଟ୍ ରକ୍ତ ଦାନ କରିଥିଲେ ପ୍ରମୁଖ ବ୍ୟକ୍ତି ବିଶେଷ ମାନେ । ବ୍ୟାଙ୍କର ଏହି ଶାଖା ତରଫରୁ ଜନସାଧାରଣଙ୍କ ପାଇଁ ମହତ ଉଦ୍ଦେଶ୍ୟରେ ଏଭଳି କାର୍ଯ୍ୟକ୍ରମ କରାଯାଇଥିବାରୁ ମୁଖ୍ୟ ଅତିଥି ଉକ୍ତ ଶାଖାର ସମସ୍ତଙ୍କୁ ପ୍ରଶଂସା କରିଛନ୍ତି । ଏହି କାର୍ଯ୍ୟକ୍ରମକୁ କୁଞ୍ଜୁରି ଶାଖାର ଶାଖା ପରିଚାଳକ ଚିନାରି ସାଗର ସୁବୁଦ୍ଧି, ବାଲୁଗାଁ ଶାଖା ସହ-ପରିଚାଳକ ଦର୍ପନାରାୟଣ ମହାନ୍ତି, ଅଭିଜିତ ମହାରଣା ଓ ସମସ୍ତ କର୍ମଚାରୀ, ବାଲୁଗାଁ ଡଲାଙ୍ଗ ମୁଖ୍ୟ ଜଗନ୍ନାଥ ପାଢ଼ୀ ପ୍ରମୁଖ ପରିଚାଳନା କରିଥିବା ବେଳେ ଏହି ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ରକ୍ତଦାତା, ଗଣମାଧ୍ୟମ ପ୍ରତିନିଧି ଓ ଅନ୍ୟ ସମସ୍ତଙ୍କୁ ଶାଖା ପରିଚାଳକ ହିମାଂଶୁ ଶେଖର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ସେଇଠୁ ଆରମ୍ଭ
SEITHO ARAMBHA
ଶନିବାର, ୦୬ ଡିସେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୮

ସୟଦ ମୁସ୍ତାକ ଅଲୀ ଟ୍ରଫି: ରେଳବାଇକୁ ୧ ରନ୍‌ରେ ହରାଇଲା ଓଡ଼ିଶା

ଭୁବନେଶ୍ୱର, ୫/୧୨ (ଆ.ପ୍ର) : ସୟଦ ମୁସ୍ତାକ ଅଲୀ ଘରୋଇ ଟ୍ୱେଂଟି-୨୦ କ୍ରିକେଟ୍‌ରେ ଓଡ଼ିଶା ଲାଗାତାର ଦ୍ୱିତୀୟ ବିଜୟ ହାସଲ କରିଛି । ଗୁରୁବାର ନିଜ ପଂଚମ ରାଉଣ୍ଡ୍ ମୁକାବିଲାରେ ବିପ୍ଳବ ସାମନ୍ତରାୟଙ୍କ ଦଳ ଉତ୍କଣ୍ଠାପୂର୍ଣ୍ଣ ଭାବେ ରେଳବାଇକୁ ୧ ରନ୍‌ରେ ହରାଇ ନିଜ ଆତ୍ମବିଶ୍ୱାସ ବି ଦ୍ୱିଗୁଣିତ କରିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ପୁଣି ଥରେ ଶୀର୍ଷକ୍ରମ ବିଫଳତାର ସମ୍ମୁଖୀନ ହୋଇଥିଲା । ଓପନର୍ ଗୌରବ ଚୌଧୁରୀ (୫) ଓ ଅଭିଜ୍ଞ ଶୁଭ୍ରାଂଶୁ ସେନାପତି (୧)ଙ୍କ ସହ ଅଧିନାୟକ ବିପ୍ଳବ ସାମନ୍ତରାୟ (୧) ଏକ ଅଙ୍କରେ ସୀମିତ ହୋଇଯାଇଥିଲେ । ପୁଣି ଭଲ ବ୍ୟାଟିଂ କରୁଥିବା ଆଦିତ୍ୟ ରାଉତ କିଛି ଦର୍ଶନୀୟ ସଟ୍ ଖେଳିବା ପରେ ୧୫ ବଲ୍‌ରୁ ୨୧ ରନ୍ କରି କ୍ଲିନ୍ ବୋଲ୍ଡ ହୋଇଯାଇଥିଲେ । ଫଳରେ ଓଡ଼ିଶା ୩୮ ରନ୍‌ରେ ୪ ୱିକେଟ୍ ହରାଇ ସଂଘର୍ଷ କରିଥିଲା । ତେବେ ପଂଚମ ୱିକେଟ୍‌ରେ ଆଶୀର୍ବାଦ ସ୍ୱାଇଁ (୪୮, ୪୭ ବଲ୍, ୧ ଚୌକା, ୨ ଛକା) ଏବଂ ତଳିତ ଚତୁର ପଦାର୍ପଣକାରୀ ସୌମ୍ୟ ରଞ୍ଜନ ଲେଙ୍କା (୭୫*ଚ ରନ୍, ୪୦ ବଲ୍, ୩ ଚୌକା, ୬ ଛକା)ଙ୍କ ୭୨ ବଲ୍‌ରୁ ୧୦୫ ରନ୍‌ର ବିସ୍ଫୋରକ ଭାଗୀଦାରୀ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା । ଆଶୀର୍ବାଦ ମାତ୍ର ୨ ରନ୍ ପାଇଁ ଅର୍ଦ୍ଧଶତକରୁ ବଂଚିତ ହୋଇଥିଲେ ମଧ୍ୟ ସୌମ୍ୟ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିବାରୁ ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ହରାଇ ୧୬୯ ରନ୍‌ର ସମ୍ମାନଜନକ ସ୍କୋର୍ କରି ନେଇଥିଲା । ୧୭୦ ରନ୍ ଲକ୍ଷ୍ୟ ରେଳବାଇ ଦଳ ପାଇଁ ସେତେଟା କଷ୍ଟକର ହେବ ବୋଲି ଆକଳନ କରାଯାଉଥିଲେ ମଧ୍ୟ ବୋଲରଙ୍କ ମିଳିତ ପ୍ରୟାସ ଓଡ଼ିଶାକୁ ନାଟକୀୟ ବିଜୟ ଦେଇଥିଲା । ଧୂଆଁଧାର ବ୍ୟାଟିଂ କରୁଥିବା ଏଆର ପାଣ୍ଡେ (୬୪ ରନ୍)ଙ୍କୁ ବିପ୍ଳବ ଠିକଣା ସମୟରେ ବୋଲ୍ଡ କରିଦେବାରୁ ମ୍ୟାଚ୍ ଏକପ୍ରକାର ଓଡ଼ିଶା ପଟକୁ ଢଳି ଯାଇଥିଲା । ସେହିଭଳି ଅଲରାଉଣ୍ଡ ପ୍ରଦର୍ଶନ କରି ସୌମ୍ୟ ଏକାକୀ ୩ ୱିକେଟ୍ ନେଇ ରେଳବାଇକୁ ବିଜୟ ଲକ୍ଷ୍ୟ ପାର ହେବାକୁ ଦେଇ ନଥିଲେ । ତାଙ୍କ ଶେଷ ଓଭରରେ ଓଡ଼ିଶା ବି ୩ଟି ୱିକେଟ୍ ପାଇଥିଲା । ଫଳରେ ରେଳବାଇ ଠିକ୍ ୨୦ ଓଭରରେ ୧୬୮ ରନ୍‌ରେ ଅଟକି ଯାଇଥିଲା । ସୌମ୍ୟ ୨୦ତମ ଓଭରର ତୃତୀୟ ବଲ୍‌ରେ ଆଶୁତୋଷ ଶର୍ମାଙ୍କୁ ଆଶୀର୍ବାଦଙ୍କ ହାତରେ କ୍ୟାଚ୍ କରାଇବା ପରେ ଚତୁର୍ଥ ବଲ୍‌ରେ ଅଟଳ ବିହାରୀ ରାୟଙ୍କୁ ପାଭିଲିୟନ୍ ଫେରାଇ ଦେଇଥିଲେ । ସେହିଭଳି ଶେଷ ବଲ୍‌ରେ ଆକେ ଚୌଧୁରୀଙ୍କୁ ରନ୍‌ଆଉଟ୍ କରି ବିପ୍ଳବ ରାଜ୍ୟ ଦଳର ବିଜୟ ମୁଣ୍ଡି ମାରିଥିଲେ । ଏମାନଙ୍କ ଛଡ଼ା ରାଜେଶ ମହାନ୍ତି ଓ ପ୍ରୟାସ କୁମାର ସିଂହ ପ୍ରତ୍ୟେକ ଦୁଇଟି ଲେଖାଏଁ ୱିକେଟ୍ ନେବାର ଅବଦାନ ରଖିଥିଲେ । ସୌମ୍ୟଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା । ସଂକ୍ଷିପ୍ତ ସ୍କୋର: ଓଡ଼ିଶା ୨୦ ଓଭରରେ ୧୬୯/୫ (ସୌମ୍ୟରଞ୍ଜନ ଲେଙ୍କା ୭୫*ଚ, ଆଶୀର୍ବାଦ ସ୍ୱାଇଁ ୪୮, ଆଦିତ୍ୟ ରାଉତ ୨୧, କୁନାଲ ଯାଦବ ୨/୩୬) । ରେଳବାଇ ୨୦ ଓଭରରେ ୧୬୮/୧୦ (ଏଆର ପାଣ୍ଡେ ୬୦, ଏସ୍‌ଏ ଅହୁଜା ୩୯, ଆଶୁତୋଷ ଶର୍ମା ୧୮, ସୌମ୍ୟ ରଞ୍ଜନ ଲେଙ୍କା ୩/୫୦, ପ୍ରୟାସ କୁମାର ସିଂହ ୨/୨୯, ରାଜେଶ ମହାନ୍ତି ୨/୨୨) ।

ବିଶ୍ୱ ରେକର୍ଡ: ୫,୯୦୦ ଫୁଟ ଉପରେ ଫୁଟ୍‌ବଲ ମ୍ୟାଚ୍

ନୂଆଦିଲ୍ଲୀ, ୫/୧୨(ନ୍ୟୁ.ଏ): ତୁର୍କୀରେ ଏକ ରୋମାଂଚକର ଘଟଣା ସାମ୍ନାକୁ ଆସିଛି, ଯାହା ସମଗ୍ର ବିଶ୍ୱର ଧ୍ୟାନ ଆକର୍ଷଣ କରିଛି । ଜଟିଳ କ୍ରୀଡ଼ା ପାଇଁ ପ୍ରସିଦ୍ଧ ସର୍ଗେଇ ବୋୟଚୋଭ ଓ ତାଙ୍କ ଟିମ୍ ୫,୯୦୦ ଫୁଟ (ପ୍ରାୟ ୧,୮୦୦ ମିଟର) ଉଚ୍ଚରେ ଫୁଟ୍‌ବଲ ମ୍ୟାଚ୍ ଖେଳି ଏକ ନୂଆ ବିଶ୍ୱ ରେକର୍ଡ କରିଛନ୍ତି । ରଷିଆ ଟାଇମ୍‌ର ରିପୋର୍ଟ ଅନୁସାରେ, ଏହି ମ୍ୟାଚ୍ ଭୂମି ଉପରେ ନୁହେଁ, ବରଂ ହଟ୍ ଏୟାର ବେଲୁନ୍ ତଳେ ନିର୍ମିତ ଏକ ଅସ୍ଥାୟୀ ଫୁଟ ବଲ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା । ଘଟଣା ଗତ ୩ ତାରିଖର । ଏହାର ଭିଡିଓ ଇନ୍‌ଷ୍ଟାଗ୍ରାମରେ ଆସିବା ମାତ୍ରେ ସୋସିଆଲ ମିଡିଆରେ ଭାଇରାଲ ହୋଇଗଲା । ଭିଡିଓରେ ଖେଳାଳି ପବନରେ ଝୁଲୁଥିବା ପଡ଼ିଆରେ ଫୁଟ୍‌ବଲ୍ କିଟ୍ ପିନ୍ଧିଥିବା ଦେଖିବାକୁ ମିଳିଛି । ସୁରକ୍ଷା ପାଇଁ ସେମାନେ ପାରାସୁଟ୍ ବ୍ୟାଗ୍ ମଧ୍ୟ ସାଙ୍ଗରେ ରଖିଥିଲେ, ଯଦ୍ୱାରା କୌଣସି ବିପଦ ସ୍ଥିତିରେ ସେମାନେ ସୁରକ୍ଷିତ ରହିପାରିବେ । ଭିଡିଓରେ ଖେଳାଳିଙ୍କୁ ପବନରେ ହଲି-ଦୋହଲି ପଡ଼ିଆରେ ଦୌଡ଼ିବା, ପାସ୍ ଓ ଗୋଲ୍ ଦେବାକୁ ଚେଷ୍ଟା କରୁଥିବା ଦେଖିବାକୁ ମିଳିଛି । ଉପରେ ଉଡୁଥିବା ଏକ ବିମାନ ଏହି ରୋମାଂଚକର ମୁହୂର୍ତ୍ତକୁ ସୁଟ୍ କରୁଥିଲା । ପ୍ରତିଯୋଗିତାରେ ଏକ ମଜାଦାର ମୁହୂର୍ତ୍ତ ଆସିଲା, ଯେଉଁଥିରେ ଖେଳାଳିମାନେ ପବନରେ କ୍ରିଷ୍ଟିନୋ ରୋନାଲ୍ଡୋଙ୍କ ପ୍ରସିଦ୍ଧ 'ସିଉ' ସେଲିବ୍ରେସନ୍ କଲେ । ଏହି ଦୃଶ୍ୟ ଦର୍ଶକଙ୍କ ଉତ୍ସାହକୁ ଆହୁରି ବଢ଼ାଇଦେଲା । ସୋସିଆଲ ମିଡିଆରେ ଏ ନେଇ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଆସୁଛି । ସର୍ଗେଇ ଇନ୍‌ଷ୍ଟାଗ୍ରାମ୍‌ରେ ନିଜ ଟିମ୍‌ରେ ଉପଲବ୍ଧି ଶେୟାର କରି ଏହାକୁ ସାହସ, କ୍ରୀଡ଼ା ଓ ଟିମ୍‌ୱର୍କର ବିଜୟ ବୋଲି କହିଛନ୍ତି । ଅନେକ ଅନ୍ତର୍ଜାତୀୟ ଖବରସଂସ୍ଥା ଏହି ଘଟଣାର ରିପୋର୍ଟିଂ କରିଛନ୍ତି ଏବଂ ଏହାକୁ ଏପର୍ଯ୍ୟନ୍ତର ଅନ୍ୟତମ ସବୁଠୁ ଅଭିନବ କ୍ରୀଡ଼ା ଉପଲବ୍ଧି ବୋଲି କହିଛନ୍ତି ।

ଇଣ୍ଡିଗୋର ଅଚଳ ବ୍ୟବସ୍ଥା, ୫୫୦ରୁ ଅଧିକ ବିମାନ ବାତିଲ୍

ନୂଆଦିଲ୍ଲୀ, ୫/୧୨ (ଆ.ପ୍ର) : ଦେଶର ସର୍ବବୃହତ ଘରୋଇ ବିମାନ କମ୍ପାନୀ ଇଣ୍ଡିଗୋ ଗତ ତିନି ଦିନ ଧରି ପରିଚାଳନାଗତ ଅସୁବିଧାର ସମ୍ମୁଖୀନ ହେଉଛି । ଗୁରୁବାର ଦିନ ବିମାନ କମ୍ପାନୀ ୫୫୦ ଟି ଉଡ଼ାଣ ବାତିଲ କରିଛି, ଯାହା ଏହାର ୨୦ ବର୍ଷର ଇତିହାସରେ ପ୍ରଥମ । ଇଣ୍ଡିଗୋ ପ୍ରତିଦିନ ପ୍ରାୟ ୨,୩୦୦ ଉଡ଼ାଣ ପରିଚାଳନା କରିଥାଏ । ହେଲେ ଏହାର ସମୟାନୁବର୍ତ୍ତିତା ପ୍ରଦର୍ଶନ ବୁଧବାର ଦିନ ୧୯.୭ ପ୍ରତିଶତକୁ ହ୍ରାସ ପାଇଛି । ବିମାନ କମ୍ପାନୀ କହିଛି ଯେ, ଆଗାମୀ ଦୁଇରୁ ତିନି ଦିନ ମଧ୍ୟରେ ଏପରି ଆହୁରି ବିଭ୍ରାଟ ଘଟିବ । କ୍ୟାବିନ କ୍ରୁ ଅଭାବ ଏବଂ ପ୍ରଯୁକ୍ତିବିଦ୍ୟା ସମସ୍ୟା ସମେତ ବିଭିନ୍ନ କାରଣ ଯୋଗୁଁ ବିମାନ କମ୍ପାନୀ ଗୁରୁତ୍ୱପୂର୍ଣ୍ଣ ଉଡ଼ାଣ ବ୍ୟାଘାତର ସମ୍ମୁଖୀନ ହେଉଛି । ଇଣ୍ଡିଗୋ ଏହାର ଉଡ଼ାଣଗୁଡ଼ିକୁ ପୁନଃନିର୍ଦ୍ଧାରିତ କରିଛି, ଯାହାର ଅର୍ଥ ହେଉଛି କାର୍ଯ୍ୟକୁ ସ୍ୱାଭାବିକ କରିବା ପାଇଁ ପୂର୍ବରୁ ନିର୍ଦ୍ଧାରିତ ସେବା ବାତିଲ କରାଯାଉଛି । ବିମାନ କମ୍ପାନୀ ସ୍ୱୀକାର କରିଛି ଯେ, ନୂତନ ନିୟମ ଅନୁଯାୟୀ କ୍ରୁ ଆବଶ୍ୟକତାକୁ ବୁଝିବାରେ ବିଫଳ ହୋଇଛି ଏବଂ ଯୋଜନା ତ୍ରୁଟି ଯୋଗୁଁ କ୍ରୁ ଉପଲବ୍ଧତା କମ୍ ରହିଛି । ଏହି ସମସ୍ୟା ଏପରି ସମୟରେ ଆସିଛି ଯେତେବେଳେ ବର୍ଷ ଶେଷରେ ବହୁ ସଂଖ୍ୟକ ଲୋକ ଯାତ୍ରା କରନ୍ତି ଏବଂ ବିମାନବନ୍ଦର ଭିଡ଼ ମଧ୍ୟ କାର୍ଯ୍ୟକୁ ପ୍ରଭାବିତ କରୁଛି । ଗତ ଦୁଇ ଦିନ ଧରି ଇଣ୍ଡିଗୋର ନେଟୱାର୍କ ଏବଂ କାର୍ଯ୍ୟରେ ବ୍ୟାପକ ବାଧା ଦେଖାଦେଇଛି । ଏହି ଘଟଣାଗୁଡ଼ିକ ଦ୍ୱାରା ପ୍ରଭାବିତ ହୋଇଥିବା ଆମର ସମସ୍ତ ଗ୍ରାହକ ଏବଂ ଶିଳ୍ପ ଅଂଶୀଦାରମାନଙ୍କୁ ଆମେ ହୃଦୟରୁ କ୍ଷମା ପ୍ରାର୍ଥନା କରୁଛୁ । ଇଣ୍ଡିଗୋ ଦଳଗୁଡ଼ିକ ନିଷ୍ଠାର ସହିତ କାର୍ଯ୍ୟ କରୁଛନ୍ତି ଏବଂ ସମସ୍ତ ପ୍ରୟାସ କରୁଛନ୍ତି । କ୍ୟାବିନ୍ କ୍ରୁ ଅଭାବ ଏବଂ ବୈଷୟିକ ସମସ୍ୟାକୁ ମଧ୍ୟ ସମସ୍ୟାର କାରଣ ଭାବରେ ଦର୍ଶାଯାଇଛି । ନଭେମ୍ବର ମାସରେ କାର୍ଯ୍ୟକାରୀ ହୋଇଥିବା ଫ୍ଲାଇଟ୍ ଡ୍ୟୁଟି ଟାଇମ୍ ଲିମିଟ୍ ନିୟମାବଳୀର ପର୍ଯ୍ୟାୟ ୨ କାର୍ଯ୍ୟକାରୀ କରିବାରେ ଅସୁବିଧା ହେତୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି । ଏୟାରଲାଇନ୍ସ ଅନୁଯାୟୀ, ପର୍ଯ୍ୟାୟ ୨ ପାଇଁ ଆବଶ୍ୟକ ପାଇଲଟଙ୍କ ପ୍ରକୃତ ସଂଖ୍ୟା ଆଶାଠାରୁ ବହୁତ ଅଧିକ ଥିଲା । ଏୟାରଲାଇନ୍ସ ଦ୍ୱାରା ଉପସ୍ଥାପିତ କ୍ରୁ ଆବଶ୍ୟକତା ତଥ୍ୟ ଦର୍ଶାଉଛି ଯେ, ପର୍ଯ୍ୟାୟ ୨ କାର୍ଯ୍ୟକାରୀ ହେବା ପରେ, ଆବଶ୍ୟକୀୟ କର୍ମଚାରୀ ସ୍ତର ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି, ବିଶେଷକରି ରାତି କାର୍ଯ୍ୟ ପାଇଁ, ଯେଉଁଠାରେ ସ୍ଲଟ୍ ଉପଲବ୍ଧତା ସୀମିତ ଏବଂ ପାଇଲଟ୍ ଡ୍ୟୁଟି ସମୟ ସୀମା ଅଧିକ କଠୋର । ଥକ୍କା ପରିଚାଳନା ଏବଂ ପାଇଲଟ୍ ସୁରକ୍ଷାକୁ ଉନ୍ନତ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏହି ନୂତନ ନିୟମଗୁଡ଼ିକ କ୍ରୁ ତାଲିକାଭୁକ୍ତ ପଦ୍ଧତିରେ ଯଥେଷ୍ଟ ପରିବର୍ତ୍ତନ ଆଣିଛି ।

ଏସ୍‌ଆଇଆର ଆଳରେ ପଶ୍ଚିମବଙ୍ଗରେ ଡିଟେନସନ୍ କ୍ୟାମ୍ପ ଖୋଲିବାକୁ ଦେବି ନାହିଁ: ମମତା

କୋଲକାତା: ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର କହିଛନ୍ତି ଯେ ଯଦି ତାଙ୍କ ସରକାର ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (SIR) ପ୍ରକ୍ରିୟାକୁ ବନ୍ଦ କରିବାକୁ ଚେଷ୍ଟା କରିଥାନ୍ତେ, ତେବେ କେନ୍ଦ୍ର ସରକାର ବିଧାନସଭା ନିର୍ବାଚନକୁ ଅନୁମତି ଦେବା ପରିବର୍ତ୍ତେ ସିଧାସଳଖ ରାଷ୍ଟ୍ରପତି ଶାସନ ଲାଗୁ କରିଥାନ୍ତେ । ମୁର୍ଶିଦାବାଦରେ ଏକ SIR ବିରୋଧୀ ରାଲିକୁ ସମ୍ବୋଧିତ କରି ମମତା କହିଛନ୍ତି, ବିଜେପି SIR ଆଳରେ ପଶ୍ଚିମବଙ୍ଗରେ ଡିଟେନସନ୍ କ୍ୟାମ୍ପ ଖୋଲିବାକୁ ଚାହୁଁଛି । ମୁଁ ଏହା ହେବାକୁ ଦେବି ନାହିଁ । ଜାତୀୟ ନାଗରିକ ପଞ୍ଜିକାରଣକୁ ମଧ୍ୟ ପଶ୍ଚିମବଙ୍ଗରେ କୌଣସି ପରିସ୍ଥିତିରେ ଲାଗୁ କରିବାକୁ ଦିଆଯିବ ନାହିଁ । ମମତା ପ୍ରଶ୍ନ କରିଛନ୍ତି ଯେ SIR କାହିଁକି ସୀମାନ୍ତ ରାଜ୍ୟଗୁଡ଼ିକରେ ଲାଗୁ କରାଯାଉ ନାହିଁ, ଯେଉଁଠାରେ ବିଜେପି କ୍ଷମତାରେ ଅଛି । ବିଜେପି ଏହାର ଆଳରେ ସଂଖ୍ୟାଲଘୁ, ମତୁଆ ଏବଂ ରାଜବଂଶୀମାନଙ୍କୁ ବାହାର କରିବାକୁ ଚାହୁଁଛି । ରୋହିଙ୍ଗ୍ୟାମାନେ ବଙ୍ଗଳାରେ ନୁହଁନ୍ତି; ବରଂ ବିଜେପି ଶାସିତ ରାଜ୍ୟରେ ଅଛନ୍ତି । ଏପର୍ଯ୍ୟନ୍ତ ଝଓଳ ଅନୁଯାୟୀ ପ୍ରଦାନ କରାଯାଇଥିବା ଗଣନା ଫର୍ମ ପୂରଣ କରିନାହାଁନ୍ତି । ସେ କହିଛନ୍ତି ଯେ ରାଜ୍ୟର ସମସ୍ତ ବାସିନ୍ଦାଙ୍କ ଗଣନା ଫର୍ମ ପୂରଣ ନହେବା ପର୍ଯ୍ୟନ୍ତ ସେ ଏହାକୁ ପୂରଣ କରିବେ ନାହିଁ । ବିଜେପି ନିର୍ବାଚନ କମିସନଙ୍କୁ କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ନିକଟ ପର୍ଯ୍ୟବେକ୍ଷକ ଭାବରେ ନିଯୁକ୍ତ କରିବାକୁ ଅନୁରୋଧ କରିଛି ଯାହା ଦ୍ୱାରା SIR ପ୍ରକ୍ରିୟା କଡ଼ା ତଦାରଖରେ ସମାପ୍ତ ହେବ । ବୃତ୍ତାନ୍ତ ଭୋଟର ତାଲିକା ନିରପେକ୍ଷ, ସଠିକ୍ ଏବଂ ଯେକୌଣସି ପ୍ରକାରର ହେରଫେରରୁ ମୁକ୍ତ ହେବ ତାହା ନିଶ୍ଚିତ କରାଯାଇପାରିବ । ବଙ୍ଗଳା ବିଧାନସଭାର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ମଧ୍ୟ ନିର୍ବାଚନ କମିସନଙ୍କୁ ଏକ ଚିଠିରେ ଦାବି କରିଛନ୍ତି ଯେ ରାଜ୍ୟରେ SIR ଅଭ୍ୟାସର ଯାଂଚ ଏବଂ ଶୁଣାଣି ପର୍ଯ୍ୟାୟ ସିସି ଟିଭି କ୍ୟାମେରା ଦ୍ୱାରା ତଦାରଖ କରାଯାଉ ଏବଂ ପ୍ରକ୍ରିୟା ସମାପ୍ତ ନହେବା ପର୍ଯ୍ୟନ୍ତ ଫୁଟେଜ୍ ସଂରକ୍ଷିତ ରଖାଯାଉ । ତୃଣମୂଳ ସମର୍ଥିତ ବିଏଲ୍‌ଓ ଅଧିକାର ସୁରକ୍ଷା କମିଟିର ସଦସ୍ୟମାନେ ଗୁରୁବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାରିକେଡ୍ ଭାଙ୍ଗି ସିଇଓଙ୍କ କାର୍ଯ୍ୟାଳୟରେ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ, ଯାହା ଫଳରେ ପୁଲିସ ସହିତ ଧସ୍ତାଧସ୍ତି ହୋଇଥିଲା । ନିର୍ବାଚନ କମିସନ କହିଛନ୍ତି ଯେ ଏପର୍ଯ୍ୟନ୍ତ ୫୦ ଲକ୍ଷ ଲୋକଙ୍କ ଭୋଟର ତାଲିକାରୁ ବାଦ ଦିଆଯାଇଥିବାର ହିସାବ ମିଳିଛି ।

ଆରବିଆଇର ବଡ଼ ନିଷ୍ପତି : କମିବ ଇଏମଆଇ, କମ୍ ସୁଧରେ ମିଳବ ଋଣ

ନୂଆଦିଲ୍ଲୀ, ୫/୧୨(ନ୍ୟୁ.ଏ): କମିବ ଇଏମଆଇ, କମ ସୁଧରେ ଆପଣ ପାଇବେ ଋଣ । ଭାରତୀୟ ରିଜର୍ଭ ବ୍ୟାଙ୍କ ଏହାର ମୁଦ୍ରାନୀତି ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଛି, ରେପୋ ରେଟକୁ ୨୫ ବେସିସ୍ ପଏଂଟ ହ୍ରାସ କରିଛି ଆରବିଆଇ । ରେପୋ ରେଟ୍ ବର୍ତ୍ତମାନ ୫.୫୦% ରୁ ୫.୨୫% କୁ ହ୍ରାସ ପାଇଛି । ଜଣଓ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି ଯେ ରେପୋ ରେଟ୍ ହ୍ରାସ ତୁରନ୍ତ କାର୍ଯ୍ୟକାରୀ ହେବ । ତେବେ ଜଣଓ ଏହି ପଦକ୍ଷେପ ଆପଣଙ୍କର ଗୃହ ଋଣ ଋଣଓ ହ୍ରାସ କରିବ ଏବଂ ଏହାଦ୍ୱାରା ବ୍ୟାଙ୍କଗୁଡ଼ିକ କମ ହାରରେ ଋଣ ମଧ୍ୟ ପ୍ରଦାନ କରିପାରିବେ । ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି, 'ଗତ ମାସଟି ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ଥିଲା, କିନ୍ତୁ ଆଗାମୀ ମାସଗୁଡ଼ିକ ଜିଡିପି ଏବଂ ମୁଦ୍ରାସ୍ଫୀତି ଉଭୟ ଦୃଷ୍ଟିରୁ ଭଲ ହେବ । ସମ୍ପୂର୍ଣ୍ଣ ବର୍ଷ ପାଇଁ ଆମର ମୁଦ୍ରାସ୍ଫୀତି ୨ ପ୍ରତିଶତ ରହିବା ନେଇ ପୂର୍ବାନୁମାନ ରହିଛି । ତେବେ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ଜିଡିପି ଅଭିବୃଦ୍ଧି ୮ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି ।' ଜାଣିରଖିବା ଉଚିତ ଯେ, ଗତଓ ସଦସ୍ୟମାନେ ସର୍ବସମ୍ମତିକ୍ରମେ ରେପୋ ହାରକୁ

ରାଜ୍ୟସ୍ତରୀୟ ବାଳିକା ଫୁଟବଲ ଚମ୍ପିୟନସିପ୍; ନବରଙ୍ଗପୁର ଜିଲ୍ଲା ବାଳିକା ଫୁଟବଲ ଦଳ ଚମ୍ପିୟନ

ନବରଙ୍ଗପୁର, ୫/୧୨ (ଆ.ପ୍ର) : ଓଡିଶାର ୨୯ଟି ଜିଲ୍ଲାର ଫୁଟବଲ ଦଳକୁ ପଛରେ ପକାଇ ନବରଙ୍ଗପୁର ଜିଲ୍ଲା ବାଳିକା ଫୁଟବଲ ଦଳ ଚମ୍ପିୟନ ଟ୍ରଫି ହାସଲ କରି ଜିଲ୍ଲାକୁ ଗୌରବ ଆଣିଦେଇଛନ୍ତି । କଳାହାଣ୍ଡି ଜିଲ୍ଲା ଭବାନିପାଟଣାର ମାଣିକେଶ୍ୱରୀ ସରକାରୀ ହାଇସ୍କୁଲ ଠାରେ ୨ ଡିସେମ୍ବର ଠାରୁ ୫ ଡିସେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବାଳିକା ଫୁଟବଲ ଚମ୍ପିୟନସିପ୍ ଟୁର୍ଣ୍ଣାମେଂଟର ଶେଷ ଦିବସରେ ବାଲେଶ୍ୱରକୁ ୧-୦ ଗୋଲରେ ପରାସ୍ତ କରି ନବରଙ୍ଗପୁର ଜିଲ୍ଲା ବାଳିକା ଫୁଟବଲ ଦଳ ଚମ୍ପିୟନ ହୋଇଛି । ଜିଲ୍ଲାର କଡିଗାଁ ଓ ଭାମୁନି, ଡାବୁଗାଁ ଏସ୍‌ଏସଡି ୩ଟି ବାଳିକା ବିଦ୍ୟାଳୟର ୧୬ଜଣିଆ ବାଳିକା ଦଳରେ ସନାଲୀ ବିଶ୍ୱାସ, ଧନକୁମାରୀ ଗଣ୍ଡ, କୁନ୍ତୀ ପୂଜାରୀ, ଅମିନା ଗଣ୍ଡ, ଭୂମିକା ଗଣ୍ଡ, ରଶ୍ମିତା ଗଣ୍ଡ, କଣାଣି ଗଣ୍ଡ, ପୁଷ୍ପା ଗଣ୍ଡ, ପୂର୍ଣ୍ଣିମା ଗଣ୍ଡ, ବୀମଳା ଗଣ୍ଡ, ଜାମ୍ବୁବତୀ ଗଣ୍ଡ, ମମତା ପରଜା, ସନ୍ତୋଷୀ ଗଣ୍ଡ, କଳାବତୀ ଭତ୍ରା, ସୁନାମଣି ସାନ୍ତା ପ୍ରମୁଖ ଫୁଟବଲ ଖେଳରେ ଉଚ୍ଚପ୍ରଦର୍ଶନ କରି ରାଜ୍ୟସ୍ତରୀୟ ବାଳିକା ଫୁଟବଲରେ ଚାମ୍ପିୟନ ହାସଲ କରି ଜିଲ୍ଲାକୁ ଗୌରବ ଆଣିଦେଇଛନ୍ତି । ଏଥି ପାଇଁ ଜିଲ୍ଲାଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲ୍ଲାଖେଳ ଅଧିକାରୀ ପ୍ରବତ କୁମାର ପଟ୍ଟନାୟକ ପ୍ରମୁଖ ଖେଳାଳୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ନୈଶ୍ୟଭୋଜି ପାଇଁ ରାହୁଲଙ୍କୁ ମିଳିଲାନି, ଥରୁରଙ୍କୁ ମିଳିଲା ନିମନ୍ତ୍ରଣ

ନୂଆଦିଲ୍ଲୀ , ୫/୧୨(ନ୍ୟୁ.ଏ): ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଭାରତ ଗସ୍ତ ସମୟରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧିଙ୍କୁ ଅବହେଳା କରାଯିବାକୁ ନେଇ ରାଜନୀତି ଜୋର ଧରିଛି । ବିରୋଧୀ ଦଳ ନେତାଙ୍କୁ ପୁଟିନଙ୍କୁ ଭେଟିବାକୁ ନ ଦେବାକୁ ନେଇ ଖୋଦ ରାହୁଲ ଗତକାଲି ପ୍ରଶ୍ନ ଉଠାଇଥିଲେ । କିନ୍ତୁ ଆଜି ରାହୁଲଙ୍କୁ ପୁଣି ଥରେ ଅବହେଳା କରାଯାଇଛି । କିନ୍ତୁ ଏହି ଅବହେଳା ରାହୁଲଙ୍କୁ ଯେତିକି ବ୍ୟଥିତ କରିନଥିବା ତାଠାରୁ ଅଧିକ ବ୍ୟଥିତ କରିଥିବ ଶଶୀ ଥରୁରଙ୍କୁ ମିଳିଥିବା ନିମନ୍ତ୍ରଣକୁ ନେଇ । କଥା ହେଉଛି ପୁଟିନଙ୍କ ସମ୍ମାନରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଏକ ନୈଶ୍ୟଭୋଜୀ ପ୍ରଦାନ କରୁଛନ୍ତି । ଏହି ଡିନରକୁ ବରିଷ୍ଠ ଅଧିକାରୀ, ରାଜନେତା ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଯାଇଛି । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ଏହି ଡିନର ପାଇଁ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଓ ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେଙ୍କୁ ନିମନ୍ତ୍ରଣ କରାଯାଇନାହିଁ । କିନ୍ତୁ କଂଗ୍ରେସ ଦଳର ବିଦ୍ରୋହୀ ନେତା ଶଶୀ ଥରୁରଙ୍କୁ ନିମନ୍ତ୍ରଣ କରାଯାଇଛି । ଏହାକୁ ନେଇ କଂଗ୍ରେସ ନେତାମାନେ ଭୀଷଣ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହି ପ୍ରସଙ୍ଗରେ କଂଗ୍ରେସ ମହାସଚିବ ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୟରାମ ରମେଶ କହିଛନ୍ତି ଯେ ଅନେକ କଳ୍ପନାଜଳ୍ପନା ହେଉଛି ଯେ ରାଷ୍ଟ୍ରପତି ପୁଟିନଙ୍କ ସମ୍ମାନରେ ଆୟୋଜିତ ଏହି ରାତ୍ରୀଭୋଜନରେ ଲୋକସଭା ଏବଂ ରାଜ୍ୟସଭାର ବିରୋଧୀ ଦଳ ନେତାଙ୍କୁ ନିମନ୍ତ୍ରଣ କରାଯାଇ ନାହିଁ । କିନ୍ତୁ ଏହା ସତ ।

କୋଣାର୍କ ଉତ୍ସବର ଉଦଯାପନୀ ସନ୍ଧ୍ୟାରେ ଓଡିଶୀ ଓ କଥକ ନୃତ୍ୟରେ ଦର୍ଶକ ବିଭୋର

କୋଣାର୍କ, ୫/୧୨ (ଆ.ପ୍ର) :ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ତଥା ସଙ୍ଗୀତ ନାଟକ ଏକାଡେମୀ ଓ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମର ମିଳିତ ଉଦ୍ୟମରେ କୋଣାର୍କ ଠାରେ ଆୟୋଜିତ ପାଂଚ ଦିନିଆ ୩୬ ତମ କୋଣାର୍କ ଉତ୍ସବ ୨୦୨୫ ଏବଂ ୧୫ ତମ ଆନ୍ତର୍ଜାତିକ ବାଲୁକା କଳା ମହୋତ୍ସବ ୨୦୨୫ ଓଡିଶାର ମହାମହିମ ରାଜ୍ୟପାଳଙ୍କ କରକମଳରେ ଉଦଯାପିତ ହୋଇଯାଇଅଛି । ଅନ୍ତିମ ସନ୍ଧ୍ୟାର ପ୍ରଥମ ପର୍ଯ୍ୟାୟରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଶ୍ରୀମତୀ ଆରତୀ କର ଓ ତାଙ୍କ ଉତ୍କଳ ଡାନ୍ସ ଓ ରିସର୍ଚ୍ଚ ଏକାଡେମୀର ଶିଳ୍ପୀବୃନ୍ଦଙ୍କ ଦ୍ୱାରା ପରିବେଷିତ ହୋଇଥିଲା ଓଡିଶୀ ନୃତ୍ୟ । ସେମାନଙ୍କର ପ୍ରଥମ ଉପସ୍ଥାପନାଟି ଥିଲା ତ୍ରିପଥଗା, ତ୍ରିପଥଗା ପବିତ୍ର ଗଙ୍ଗା ନଦୀକୁ ବୁଝାଏ ଯାହା ତିନୋଟି ଲୋକରେ ପ୍ରବାହିତ ହୁଏ । ପବିତ୍ର ସ୍ନାନ ଜୀବନ ଏବଂ ମୃତ୍ୟୁ ଚକ୍ରରୁ ମୁକ୍ତି ମଧ୍ୟ ପ୍ରଦାନ କରେ ଏବଂ ଏହାର ଅନେକ ନାମ ଅଛି । ଗଙ୍ଗା ନଦୀ ସମସ୍ତ ଭାରତୀୟଙ୍କ ପାଇଁ ଧାର୍ମିକ ଜୀବନରେଖା ସଦୃଶ୍ୟ । ଏହି ନୃତ୍ୟାଭିନୟଟିର ନୃତ୍ୟ: ସଂରଚନା କରିଥିଲେ ଗୁରୁ ଶ୍ରୀ ରମେଶ ଚନ୍ଦ୍ର ଜେନା ଓ ଗୁରୁ ଶ୍ରୀମତୀ ଆରତୀ କର । ସଂଗୀତ ସଂଯୋଜନା କରିଥିଲେ ଗୁରୁ ଶ୍ରୀ ଉମେଶ ଚନ୍ଦ୍ରଦାସ, ତାଳସଂଯୋଜନା କରିଥିଲେ ଗୁରୁ ଶ୍ରୀ ଧନେଶ୍ୱରସ୍ୱାଇଁ । ତାଙ୍କର ପରବର୍ତ୍ତୀ ପ୍ରସ୍ତୁତିଟି ଥିଲା ନିୟତି, ନିୟତି ସମସ୍ତଙ୍କ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣଭୂମିକାଗ୍ରହଣକରେ । ଏହା ଆଶ୍ୱାସନା ଦିଏ ଯେ ଯାହା ପ୍ରକୃତରେ ବୁଝାଯାଏ, ସମସ୍ତ ବାଧାବିଘ୍ନ ସତ୍ତ୍ୱେନିଶ୍ଚିତଭାବେଆସିବ । ବିଭିନ୍ନ ଯୁଗରେ ପବିତ୍ର ଅବତାର ମଧ୍ୟ ନିୟତି ଅନୁସାରେ ପରୀକ୍ଷା ଏବଂ କ୍ଲେଶ ଦେଇ ଗତିକରିଛନ୍ତି ଯାହାର ନୃତ୍ୟ ନିର୍ଦ୍ଦେଶନା ଗୁରୁ ଶ୍ରୀମତୀ ଆରତୀ କର ଏବଂ ଗୁରୁ ଶ୍ରୀ ଯୁଧିଷ୍ଠିର ନାୟକ, ସଂଗୀତ ସଂଯୋଜନା ଗୁରୁ ଶ୍ରୀଉମେଶ ଚନ୍ଦ୍ର ଦାସ ଓ ତାଳସଂଯୋଜନା ଗୁରୁ ଶ୍ରୀ ଧନେଶ୍ୱରସ୍ୱାଇଁ କରିଥିଲେ । ଦ୍ୱିତୀୟରେ ତଥା କୋଣାର୍କ ଉତ୍ସବର ଅନ୍ତିମ ପର୍ଯ୍ୟାୟରେ ସମ୍ପୂର୍ଣ୍ଣା ସିହ୍ନା ଓ ତାଙ୍କ ସମ୍ପୂର୍ଣ୍ଣା ସିହ୍ନା ଡାନ୍ସ କମ୍ପାନିର ଶିଳ୍ପୀବୃନ୍ଦଙ୍କ ଦ୍ୱାରା କଥକ ନୃତ୍ୟ ପରିବେଷିତ ହୋଇଥିଲା । ସେମାନଙ୍କ ପ୍ରସ୍ତୁତିରେ ଥିଲା ଆଦି ଅନନ୍ତ । ଏହି ପ୍ରଯୋଜନାଟି ଶିବ ଏବଂ କୃଷ୍ଣଙ୍କ ଦିବ୍ୟ ଶକ୍ତିକୁ ଅନୁସନ୍ଧାନ ଏବଂ ମୂର୍ତ୍ତିମନ୍ତ କରିଥିଲା । ଦୁଇଟି ମହାଜାଗତିକ ଶକ୍ତି - ଯାହା ଏକତ୍ର ସୃଷ୍ଟି, ସଂରକ୍ଷଣ ଏବଂ ବିଲୟନର ଅନନ୍ତ ଚକ୍ରକୁ ସମାପ୍ତ କରି ତାଳ, ଗତି ଏବଂ ଭାବନା ମାଧ୍ୟମରେ, ପ୍ରଦର୍ଶନ ସ୍ଥିରତାରୁ ଆନନ୍ଦକୁ, ତପସ୍ୟାରୁ ପରମାନନ୍ଦକୁ ଯାତ୍ରା କରେ । ଆଦି ଅନନ୍ତ, ଶିବଙ୍କ ପାଇଁ ଅସୀମ ଏବଂ ଅନନ୍ତ । ଏହା କଥକର ବିବିଧତା ଏବଂ ସମନ୍ୱୟକୁ ମଧ୍ୟ ସମ୍ମାନ କରିଥିଲା । ପରେ ପରେ ସେମାନଙ୍କ ପ୍ରସ୍ତୁତିରେ ଥିଲା ଲୀଳା ଯାହା ଆକାଶୀୟ ଆନନ୍ଦର ନୃତ୍ୟ, କୃଷ୍ଣଙ୍କ ଦିବ୍ୟ ଖେଳକୁ ପାଳନ କରେ - ଯେଉଁଠାରେ ଭକ୍ତି ପରିତ୍ୟାଜନା ସହିତ ମିଳେ, ଏବଂଆନନ୍ଦ ସମସ୍ତ ରୂପକୁ ଅତିକ୍ରମ କରେ । ଏକାଠି, ଆଦି ଅନନ୍ତ ଏବଂ ଲୀଳା ଶିବଙ୍କ ଅନନ୍ତ ନୀରବତାରୁ କୃଷ୍ଣଙ୍କ ପରମାନନ୍ଦ ଖେଳ ପର୍ଯ୍ୟନ୍ତ - ଏକ ଆଧ୍ୟାତ୍ମିକ ଯାତ୍ରା ବୁଣନ୍ତି ଯାହା କଥକର ଅସୀମ ସମ୍ଭାବନା ଏବଂ ନୃତ୍ୟର କାଳଜୟୀ ସାରକୁ ଭକ୍ତି ଭାବରେ ପ୍ରତିଫଳିତ କରିଥିଲା । ଅନ୍ତିମ ଦିନରେ ଆନ୍ତର୍ଜାତୀୟ ବାଲୁକା କଳାର ପୁରୁଷ ବାଲୁକା ଶିଳ୍ପୀଙ୍କ ପାଇଁ ବିଷୟ ବସ୍ତୁ ଥିଲା ଆତ୍ମନିର୍ଭର ଭାରତ ଏବଂ ମହିଳାମାନଙ୍କ ପାଇଁ ଥିଲା ବିକଶିତ ଭାରତ । ଦେଶ ବିଦେଶରୁ ଆସିଥିବା ବାଲୁକା ଶିଳ୍ପୀ ବୃନ୍ଦଙ୍କର କଳା ନୈପୁଣ୍ୟତା, ପ୍ରକୃତି କୋଳରେ ତଲ୍ଲିନ ହେବା ପ୍ରକ୍ରିୟା ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରାଇଥିଲା । କୋଣାର୍କ ଉତ୍ସବର ଆଜିଉଦଯାପନି ଦିବସର ମୁଖ୍ୟ ଅତିଥି ଭାବେ ଓଡିଶାର ମହାମହିମ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପତିଓଡିଶାର ମାନ୍ୟବର ପ୍ରଥମ ମହିଳାଡକ୍ଟର ଜୟଶ୍ରୀ କମ୍ଭମପତିଏବଂ ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଯୋଗ ଦେଇ ଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ ଓ ଶିଳ୍ପୀ ବୃନ୍ଦଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏହି ଉତ୍ସବକୁ ପର୍ଯ୍ୟଟନ ବିଭାଗ,ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଓ ସଙ୍ଗୀତ ନାଟକ ଏକାଡେମୀର କର୍ମକର୍ତ୍ତା ବୃନ୍ଦ ସୁନ୍ଦର ଭାବରେ ପରିଚାଳନା କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିଥିଲେ ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das